## ସାପ୍ତାହିକ ସମ୍ବାଦ

ଲଣ୍ଡନ ନଗରରେ ଏ ସପ୍ତାହରେ ଏକେକଣ ଭଗ ପଡ଼ଣ ହୋଇଥିଲା । ଅଲ୍ଡର୍ଶଟ ଛାଉଣିରେ ସଡ଼କରେ ଚଳା ହୋଇଥିବା କଣ୍ଟିନ ଲେଫ୍ଟେନାଣ୍ଟ ଏକ ଚର୍ଚ୍ଚରେ କେତେ ଲୋକ ବାମାନ୍ତ ଅଘାତ ପାଇଲେ । ବିଶେଷ କ୍ଷତି କିଛି ହୋଇ ନାହିଁ ।

ସମରସମ୍ପାଦକ ନିମ୍ନକର ଉକ୍ତ ସହିତ କୃଷକ ଭାବ ହିନ୍ଦୁସ୍ଥାନ ପଶ୍ଚା ହୋଇ ଭାରତକୁ ଅଗ୍ରିଅଛି । ଏଭର୍ଷେଷର ପରଠାରୁ ଅର୍ଥାତ୍ ଅଗଷ୍ଟ ତା ୧୦ ରୁଖଠାରୁ ଏ ସବୁ କାର୍ଯ୍ୟକାର ହେବ ।

## ପ୍ରେରିତପତ୍ର ।

ପତ୍ର ପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ଶ୍ରୀ ପଦ୍ମନାଭ ନାରାୟଣ ଦେବ ବର୍ମ୍ମଙ୍କ ବିରଚିତ ସଙ୍ଗୀତପ୍ରହ୍ଲାଦ ନାଟକର ସମାଲୋଚନା ସମ୍ବନ୍ଧେ ଅମ୍ଭେ ଯେଉଁ ପତ୍ର ପଠାଇଥିଲୁଁ ତାହା ଅପଣ ଦୟାପୂର୍ବକ ଅପଣଙ୍କ ପତ୍ରିକାରେ ପ୍ରକାଶ କରି ଲେଖିଅଛନ୍ତି :—"ସଙ୍ଗୀତ ଉକ୍ତିରସର ବିରୋଧୀ ବୋଲି ଅମ୍ଭେମାନେ କହୁ ନାହୁଁ । ମାତ୍ର ଉକ୍ତ ଭାବ ଦେବାଠାରୁ ସଙ୍ଗୀତ ଉକ୍ତ ଭାବରେ ଅଧିକ ମନୋଯୋଗୀ ହେବାରୁ ନାଟକଟିରେ ଉକ୍ତ ଭାବରେ ତ୍ରୁଟି ଘଟିଥିବାର ଅମ୍ଭେମାନେ ଲେଖିଥିଲୁଁ । ଯଦି ସଙ୍ଗୀତ ରସ, ବା ଭାବର ବିରୋଧୀ ନୁହେ ତେବେ ସଙ୍ଗୀତ ରଚନାରେ ଅଧିକ ମନୋଯୋଗୀ ହେଲେ ଉକ୍ତ ଭାବରେ କାହିଁକି ତ୍ରୁଟି ଘଟିବ ? ସଙ୍ଗୀତରେ କି ଉକ୍ତ ଉଚିତ ହୋଇ ନ ପାରେ ? ଯଦି ହୋଇ ପାରୁ ନ ଥାନ୍ତା, ତେବେ ସଙ୍ଗୀତ ନାଟକର ଗୋଟିଏ ପ୍ରଧାନ ଅଙ୍ଗ କପରି ହୁଅନ୍ତା ? "ନାଟକରେ ସଙ୍ଗୀତର ଉତ୍କର୍ଷ ଦେଖାଇବା ଅବଶ୍ୟ ନାଟକର ବଳ" ଏହା ଆପଣ କପରି କହି ପାରନ୍ତି ? ସେ ଯାହା ହେଉ, ଅପଣ ସମାଲୋଚିତ ନାଟକରୁ କେତେକାଂଶ ଉଦ୍ଧୃତ କରି ଅପଣଙ୍କ କଥାର ସମର୍ଥନ କରିବା ପର୍ଯ୍ୟନ୍ତେ ଅମ୍ଭେ କହି ପାରୁଁ ଯେ ଉକ୍ତ ଭାବରେ ଯାହା କିଛି ତ୍ରୁଟି ଦେଖାଯାଏ ତାହା ଅନ୍ୟ କାରଣରୁ ଘଟି ଥାଇ ପାରେ, ମାତ୍ର ସଙ୍ଗୀତ ଅଡ଼େ ଅଧିକ ଧ୍ୟାନ ଦେବାରୁ ନୁହେ ।

ପ୍ରାଦେଶିକ ବ୍ୟବହାର ବିଷୟରେ ଅପଣ କହିଅଛନ୍ତି :—"ପୁସ୍ତକମାନଙ୍କରେ ତାହା ଯେତେ ଅଳ୍ପ ପରିମାଣରେ ବ୍ୟବହୃତ ହୁଏ ସେତେ ଭଲ." । ମାତ୍ର ଭାଷାବିଜ୍ଞାନବେତ୍ତା ମାକ୍ସମୁଲର କହିଅଛନ୍ତି :—"And unless the litarary and courtly languages invigorate themselves by a constantly renewed intercourse with their former companions, the popular dialects will, sooner or later, assert their ascendency." (Vide Maxmular's Science of Language Vol II pp 61). ପ୍ରାଦେଶିକ ଭାଷା ସହିତ ପୁସ୍ତକଗତ ଭାଷାର ସମ୍ପର୍କ ନ ରହିଲେ କାଳକ୍ରମେ ପ୍ରାଦେଶିକ ଭାଷା ଅଧିପତ୍ୟ ସ୍ଥାପନ କରିବ । ସେ ଅନ୍ୟତ୍ର କହିଅଛନ୍ତି:—"What we are accustomed to call languages, the literary idioms of Greece and Rome and India, of Italy, France and Spain, must be considered as artificial rather than as natural forms of speech. The real and natural life of language is in its dialects, a name which, in its widest Sense, comprises provincialism, brogue, *patois*, Jargon or any other variety that affects the general progress of languages down to the idiom of families and individuals." (Vide the Same pp 55). ଗ୍ରୀସ, ରୋମ୍, ଭାରତବର୍ଷ, ଇଟାଲି, ଫ୍ରାନ୍ସ ଓ ସ୍ପେନ୍ ଇତ୍ୟାଦି ଦେଶମାନଙ୍କରେ ଅମ୍ଭେମାନେ ଯାହାକୁ ଭାଷା କହୁ, ତାହା କୃତ୍ରିମ ଭାଷା ବୋଲି ଅଲୋଚନା କରିବାକୁ ହେବ । ଭାଷାର ପ୍ରକୃତ ପ୍ରାଣ କେବଳ ପ୍ରାଦେଶିକତାରେ । ବୀମ୍ସ ସାହେବ କହିଅଛନ୍ତି :—"It is to be hoped that this sort of nonsense has had its day, and that in all the seven languages, literature will, by degrees, become national, and that men will begin to see that there is no disgrace in writing as they talk." (Vide Beams' Comparative Grammar of modern Aryan languages of India Vol II pp 251.) ଅଶା କରୁ ଏପରି ନିର୍ବୋଧତାର ସମୟ ଶେଷ ହୋଇ ଯାଇଅଛି, ସବୁ ଭାଷାର ସାହିତ୍ୟ କ୍ରମଶଃ ସ୍ୱାଜାତିକ ହୋଇ ଉଠିବ, ଓ ଜନସାଧାରଣ ଯେପରି କଥାବାର୍ତ୍ତା କରନ୍ତି ସେହିପରି ଲେଖିବାର ଲଜ୍ଜାଜନକ ନୁହେ ବୋଲି ଲୋକେ ଜାଣିବେ । ଏଥିରୁ ଅପଣ ସ୍ପଷ୍ଟ ବୁଝିପାରିବେ ଯେ ପ୍ରାଦେଶିକ ଭାଷା ପୁସ୍ତକମାନଙ୍କରେ ଯେତେ ଅଧିକ ପରିମାଣରେ ବ୍ୟବହୃତ ହୋଇପାରିବ ସେତେ ଭଲ । କାରଣ ସାଧାରଣ ଲୋକେ ପଢ଼ି ବୁଝି ପାରିବେ ଓ ଦେଶର ମଙ୍ଗଳ ହେବ ।

ଅପଣ ଲେଖିଅଛନ୍ତି :—"ଦକ୍ଷିଣୀ ଓଡ଼ିଆ ଯେ ପ୍ରକୃତ ଓଡ଼ିଆ ନୁହେ ତାହା ଅଉ କାହାକୁ କହି ଦେବାକୁ ହେବ ନାହିଁ" ଏ କଥା କିପ୍ରକାର ? ନା କୌଣସି ନିୟମଦ୍ୱାରା ପ୍ରମାଣିତ ? ନା ଅପଣଙ୍କର ବ୍ୟକ୍ତିଗତ ଅଭିପ୍ରାୟ ? ଏହି ଦକ୍ଷିଣୀ ଭାଷାରେ ପରା ଉପେନ୍ଦ୍ରଭଞ୍ଜ, ଲୋକନାଥ, ବନମାଳୀ, ଗୋପାଳକୃଷ୍ଣ ପ୍ରଭୃତି କବିମାନେ ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷାକୁ ରକ୍ଷି ଦେଇ ଯାଇଅଛନ୍ତି । "ଭଲ ଓଡ଼ିଆ ଭାଷା" ଜାଣିବା ସକାଶେ ଏହି ଦକ୍ଷିଣୀ କବିମାନେ ଗ୍ରନ୍ଥ ଅଲୋଚନା କରିବାକୁ ପରା ଅପଣ ଅମ୍ଭକୁ ଅନୁରୋଧ କରିଅଛନ୍ତି ? ତେବେ ଦକ୍ଷିଣୀ ଓଡ଼ିଆ ପ୍ରକୃତ ଓଡ଼ିଆ ନ ହେଲା କପରି ? ନାଟକର ଓଡ଼ିଆ ବିଷୟରେ ଅପଣ ଲେଖିଅଛନ୍ତି:—"କଛି ପ୍ରାଦେଶିକତା ଥିଲେହେଁ ତାହା ପ୍ରକୃତ ଓଡ଼ିଆ ନୁହେ ବୋଲି ଅମ୍ଭେମାନେ କହି ନ ପାରୁ" । ପ୍ରାଦେଶିକତା ଥିବା ଯୋଗୁଁ ନାଟକର ଓଡ଼ିଆ ପ୍ରକୃତ ଓଡ଼ିଆ ନୁହେ ବୋଲି ଅମ୍ଭେ କହୁ ନାହୁଁ । ତାହା ସାଧାରଣ ବ୍ୟବହୃତ ଭାଷା ନ ହେବାରୁ ଅର୍ଥାତ୍ ବର୍ଣ୍ଣଶୁଦ୍ଧି, ବ୍ୟାକରଣ ରଚନା ଇତ୍ୟାଦି କେବଳ ସଂସ୍କୃତାନୁଯାୟୀ ଥିବାରୁ, ପ୍ରକୃତ ଓଡ଼ିଆ ନୁହେ ବୋଲି କହିଥିଲୁଁ । ବୀମସ୍ ସାହେବ ମଧ୍ୟ କହିଅଛନ୍ତି :—"Orissa at a later period followed the lead of Bengal and from the causes above mentioned, it has resulted that in both provinces the national speech has been banished from books and now lives only in the mouths of the people." (Vide Beams' Comparative Grammar Vol I pp 38). ଓଡ଼ିଶା ବଙ୍ଗଦେଶର ପଶ୍ଚାଦ୍‌ଗାମୀ ହୋଇ ନିଜ ଜାତୀୟ ଭାଷାକୁ ପୁସ୍ତକରୁ ଏକାବେଳକେ ଦୂର କରି ଦେଇଅଛି । ବର୍ତ୍ତମାନ୍ ଜାତୀୟ ଭାଷା ଜନସାଧାରଣ ମୁଖରେ ମାତ୍ର ଶୁଣିବା ଦିଏ । ଅପଣ ଉପଦେଶ ଦେଇ ଅଛନ୍ତି :—"ଯେଉଁ ବ୍ୟକ୍ତି ଉଲ୍ଲିଖିତ ପୁରାତନ କବିମାନଙ୍କ ଗ୍ରନ୍ଥ ସମ୍ୟକ୍‌ରୂପେ ଅଲୋଚନା କରି ଓଡ଼ିଆ ଗଦ୍ୟ ଲେଖିବାକୁ ଯତ୍ନବାନ୍ ହେବେ ସେ ଯେ ଭଲ ଏବଂ ବିଶୁଦ୍ଧ ଓଡ଼ିଆ ଲେଖି ପାରିବେ ଏଥିରେ ସନ୍ଦେହ ନାହିଁ । ପୁରାତନ ଗ୍ରନ୍ଥ ସବୁ ପଦ୍ୟରେ ରଚିତ । ପଦ୍ୟ କାବ୍ୟରେ ସେ ଭାଷାର କୌଣସି ନିୟମ ରହେ ନାହିଁ ଏହା ଅଉ କାହାରିକି କହିଦେବାକୁ ହେବ ନାହିଁ । ବିଶେଷତଃ ଯେଉଁ କାବ୍ୟମାନଙ୍କରେ ଶବ୍ଦାଡ଼ମ୍ବର ବଡ଼ା ("Childish quiblings about words, endless repetitions and all sorts of far fetched rhetorical puzzles") ଶିକ୍ଷା ବହୁ ଦେଖାଯାଏ ନାହିଁ, ସେଥିରୁ ଭଲ ଓ ବିଶୁଦ୍ଧ ଓଡ଼ିଆ ଶିଖିବା ନିତାନ୍ତ ଅସମ୍ଭବ । ଗଦ୍ୟରୁ ପଦ୍ୟ ଲେଖା ଯାଇ ପାରେ ଏହା ଅନେକ ଲୁଦ୍ରବଦ୍ୟ ଲୋକ କହିଅଛନ୍ତି । କିନ୍ତୁ ପଦ୍ୟରୁ ବିଶୁଦ୍ଧ ଗଦ୍ୟ ଲେଖିବାର ଅମ୍ଭେ ଅଜ ପର୍ଯ୍ୟନ୍ତ କାହାଠାରୁ ଶୁଣି ନ ଥିଲୁଁ । ଏବେ କଥା କାହିଁକି ? ଉପେନ୍ଦ୍ରଭଞ୍ଜ, ସାମନ୍ତସିଂହାର, କୃଷ୍ଣଦାସ ପ୍ରଭୃତି ପୁରାତନ କବିମାନଙ୍କ ଗ୍ରନ୍ଥ ସମ୍ୟକ୍‌ରୂପେ ଅଲୋଚନା କରାଯାଇ ଲେଖା ହୋଇଥିବା ଦୁଇ ଖଣ୍ଡ ଗଦ୍ୟ କାବ୍ୟ ଦେଖାଇ ଦିଅନ୍ତୁ । ଏଣିକି ଲୋକେ ଆପଣଙ୍କ ଉପଦେଶାନୁସାରେ ପୁସ୍ତକାଦି ଲେଖିବାରେ ପ୍ରବୃତ୍ତ ହେବେ ।

Parlakemidy
18-5-02

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ

Split by PDF Splitter

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

## ଫଳେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-

ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦ ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

### ବ୍ରାହ୍ମୀ ଘୃତ

ଅଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ନାନ-ମେଧାଭିଳିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ବୈକଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରିବ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୮

### ଶ୍ରୀକନ୍ଦର୍ପ ବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳନ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ଅପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ୟାଣ ରସାୟନ ।

( ଦେଶୀୟ ସାଲସା )

ଏଥିଲେ ଉପଦଂଶ ( ଗରମୀ ) ଘାଆ, ପାରଦାଦ ଦୋଷଜନିତ ଶରୀରରେ କଳା ଓ ରକ୍ତ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକାଳେ ତିନିଶିଶି ନେଲେ ଟ ୪୮ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଛକଡ଼ି କର କବିରତ୍ନ ।
} ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।

## ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ବଡ଼ ଜମିଦାରମାନଙ୍କ ଦରବାରରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ସୋନପୁର, ସଚେଇବଲା, ଯୋଢ଼-ପୁର, ପାଟଣା, ଦେଉଲ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତାଳଚେର, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋପି, ଲୁଗା, ଚାଦର, ପଗ୍ଡ଼ି, ସଙ୍ଗୀ, ଦୋପଟା ମଲ୍ଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଉତ୍କୃଷ୍ଟ ଅଗାର ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବସ୍ତୁ ଅନୁସାରେ ତିଆର କରାଇ ଦେଉଁ । ବସ୍ତୁ ନେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଅବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଇବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଟୁମାଲ ଗୋଲାବାଣ୍ଡ
ଚୁଡ଼ିଗଳି ଫାଟକ ବନାରସ ସିଟି

## ବିଜ୍ଞାପନ ।

## ଏହାଠି ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ କିଞ୍ଚିତ୍ କହ୍ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବିନା ଜ୍ୱାଳା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଗତବର୍ଷର ସଙ୍କଟ ସର୍ବଜନବର୍ଣ୍ଣିତ ଏହା ଅଗ୍ରହସହକାରେ ବ୍ୟବହୃତ ପୂର୍ବେ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ ନେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଦରକାର ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହେବ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମତାରକ ସେନ ।
ଦେଶ ଉତ୍କଳପ୍ରେସ, ବାଲେଶ୍ୱର

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack*

## ବିଜ୍ଞାପନ ।

### ଏଇଚ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ — ଏଇଚ, ଦେ

ହୋମିଓପ୍ୟାଥିକ, ଡାକ୍ତର ଔଷଧାଳୟ

ବାଲେଶ୍ୱର ।


ଏ ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED No. C 81

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖ ୩୭ ଶ | ସଂ ୩୨ ସଂଖ୍ୟା

CUTTACK, SATURDAY THE 9th August 1902.
ତା ୨୫ ଭ ଶ୍ରାବଣ ସନ ୧୩୦୯ ସାଲ ଶନିବାର

ଅଗ୍ରିମ ଟ ୩ | ପଶ୍ଚାଦେୟ ଟ ୬


## NOTICE.

Wanted two Mohammadean Peons for the Excise Department of this state on a Salary of Rs. 5 each per mensem. Preference will be given to those who are intelligent and active and are not addicted to any kind of intoxicating drugs or drinks and will be stout and strong.

Applications will be received by the undersigned up to 15th August 1902.

Manager's office
Dhenkanal
The 30th July 1902.

R. B. NAIK
*Manager.*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।

ସନ ୧୯୦୨ ମସୀହା ଡିସେମ୍ବର ମାସରେ ବୋମ୍ବାଇ ତଥା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଦ୍ରବ୍ୟ ଜାତ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିଷିତ
ଜେନେରଲ ସେକ୍ରେଟରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରି ୟଲ ଏକ୍‌ଜିବିସନ

## ବିଜ୍ଞାପନ ।

ଉତ୍କଳର ଅମୂଲ୍ୟକୀର୍ତ୍ତି

### ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନିଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ ଚାହିଁ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ଚାରିଅଣା ମୂଲ୍ୟରେ ପାଇବେ । ପରେ ପ୍ରକୃତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

କାଳୀଗଳି
କଟକ
୨୨।୭।୧୯୦୨

ଶ୍ରୀ ଶଶିଭୂଷଣ ରାୟ
ପ୍ରୋପ୍ରାଇଟର—ଟାଉନପ୍ରେସ ।

## ବିଜ୍ଞାପନ ।

ନୂତନ ପୁସ୍ତକ ।

| | |
|---|---|
| ଜନ୍ମଶିକ୍ଷା ( ନୂତନ ଶିକ୍ଷା ) | ଟ ୦ ୵ |
| ପଦ୍ମ ପୁରାଣ | ଟ ୧ |
| ଜାନକୀ ଗୀତା ୨ୟ ଭାଗ | ଟ ୦ । |
| ମଣ୍ଡିତବେଶ ଯୁକ୍ତ | ଟ ୦ ୵ |
| ପ୍ରବନ୍ଧ ଅଶ୍ୱତ୍ଥନ୍ଦ୍ର ବା କାଦମ୍ବରୀ ଉପନ୍ୟାସ (ଶ୍ରୀନ) | ଟ ୦ ୵ |
| ଭକ୍ତି-ସଙ୍ଗୀତ | ଟ ୦ ୵ |
| ବୈରିନ୍ଦ୍ରଗୀତା | ଟ ୦ ॥ |
| ଷଡ୍‌ଙ୍ଗଯୋଗସାର ଟୀକା | ଟ ୦ ୵ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

## NOTICE.

Tenders are invited for the construction of some Bungalows on some lands belonging to Zemindar N. R. Chowdhury Esquire, in the town of Cuttack. Contractors wishing to have the work will apply to the undersigned with terms and rates before the 30th August 1902. Further information can be obtained at his office in Kazi Bazar between 11 A. M. and 5 P. M. within the specified time.

*Bepin Behary Mukerji*

## ବିଜ୍ଞାପନ ।

ଶ୍ରୀଯୁକ୍ତ ବାବୁ ନରେନ୍ଦ୍ରନାଥ ରାୟ ଚୌଧୁରୀ ଜମିଦାର ମହାଶୟଙ୍କ କଟକ ସହରରେ ଥିବା କେତେକ ଜମି ଉପରେ କେତେକ ବଙ୍ଗଳା କୋଠି ପ୍ରସ୍ତୁତ କରାଇବାର ଆବଶ୍ୟକ ଥିବାରୁ ଠିକାଦାରମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆ ଯାଉ-ଅଛି କି ଯେ ସେମାନଙ୍କ ମଧ୍ୟରେ କେଏ କେତେ ଦରରେ ଉକ୍ତ କୋଠିର ଇଟା ଓ କାଠର କାର୍ଯ୍ୟ କରି ପାରିବେ ତାହା ଆଗାମୀ ଅଗଷ୍ଟମାସ ତା ୩୦ ରିଖ ମଧ୍ୟରେ ଜମିଦାର ମହାଶୟଙ୍କ କଟକ ସହରସ୍ଥ କାଜିବଜାର କୋଠି ମୁକାମରେ ଉପସ୍ଥିତ ହୋଇ ଜଣାଇବେ ଅନ୍ୟ ବିଷୟ ଜାଣିବାର ଆବଶ୍ୟକ ହେଲେ ଉକ୍ତ ତାରିଖ ମଧ୍ୟରେ ଦିନ ଘ ୧୧ ଘଣ୍ଟାରୁ ଘ ୫ ଘଣ୍ଟା ପର୍ଯ୍ୟନ୍ତ କାଜିବଜାର କୋଠି ମୁକାମରେ ଜାଣି ପାରିବେ । ଇତି—

*Bepin Behary Mukerji*
30-7-02


Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଆଦେଶ ପ୍ରଚାର କରଅଛନ୍ତି ଯେ ଏଣିକି ଭୂତପୂର୍ବ ମହାରାଣୀଙ୍କ ଜନ୍ମୋପଲକ୍ଷରେ ମଇ ମାସ ତା ୨୪ ଖରେ ଅଥବା ବର୍ତ୍ତମାନ ସମ୍ରାଟଙ୍କର ଜନ୍ମୋପଲକ୍ଷରେ ନଭେମ୍ବର ମାସ ତା ୯ ଖରେ ସାଧାରଣ ଛୁଟି ବନ୍ଦ ନ ହୋଇ ପୂର୍ବବର୍ଣ୍ଣ ସମ୍ରାଟଙ୍କ ଜନ୍ମୋତ୍ସବ ପାଳିବା କାରଣ ମଇ ମାସ ତା ୩୦ ଖରେ ଅଥବା ଅନ୍ୟ ଯେଉଁ ଦିନ ସ୍ଥିର ହେବ ସେହିଦିନ ଭାରତରେ ସାଧାରଣ ଛୁଟି ବନ୍ଦ ହେବ ।

---

ଭାରତର ଉଚ୍ଚ ଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟ ସମ୍ବନ୍ଧର ଅନୁସନ୍ଧାନ ସମିତିର ରିପୋର୍ଟ ବାହାର କାରେ ବିଳମ୍ବ ହେବାରୁ ଲୋକ ଚଞ୍ଚଳ ହୋଇଥିଲେ ଏବଂ କଲିକତାର କେତେକ ବେସରକାରୀ କଲେଜର ଅଧ୍ୟକ୍ଷ ଭାରତଗବର୍ଣ୍ଣମେଣ୍ଟଙ୍କୁ ତାର ଯୋଗେ ଆବେଦନ ପତ୍ର ପଠାଇଥିଲେ । ଏ ସମ୍ବାଦରେ ସେହି ରିପୋର୍ଟ ପ୍ରକାଶିତ ହେବାରୁ ଜନସାଧାରଣଙ୍କର ଉତ୍କଣ୍ଠା ଦୂରହେଲା । ରିପୋର୍ଟର ମର୍ମ ଶୀଘ୍ର ପାଠକମାନଙ୍କୁ ଜଣାଇବାକୁ ଚେଷ୍ଟା କରୁଅଛୁ ।

---

ବଙ୍ଗ ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ସର ମାକଲିନ ସାହେବ ବିଲାତରୁ ଫେରି ଆସି ଗତ ସୋମବାର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଏଥି ମଧ୍ୟରେ ବିଚାରପତି ହେଲ ସାହେବ ଛୁଟି ନେବାରୁ ସେ ଫେରି ଆସିବା ପର୍ଯ୍ୟନ୍ତ ଏକତ୍ରିଂଶ ବିଚାରପତି ମାନ୍ୟବର ଶାରଦାଚରଣ ମିତ୍ର ସ୍ଥିର ରହୁଅଛନ୍ତି । ବିଚାରପତି ମିତ୍ର ମହାଶୟ ନ୍ୟାୟବିଚାର ବିତରଣ ଏବଂ ଅନ୍ତଃକରଣ ନିଷ୍ଠା ସହିତ କାର୍ଯ୍ୟ କରିବାହେତୁ ଅଳ୍ପ ଦିନରେ ପ୍ରଶଂସନୀୟ ହୋଇଅଛନ୍ତି । ସେ ହାଇକୋର୍ଟରେ ସ୍ଥାୟୀ ହେଲେ ବଡ଼ ଆନନ୍ଦର ବିଷୟ ହେବ ।

---

ଆମ୍ଭେମାନେ ଅତନ୍ତ ସନ୍ତୁଷ୍ଟ ଅବଗତ ହେଲୁଁ ଯେ ଓଡ଼ିଶାରୁ ମୟୂରଭଞ୍ଜର ରାଜା ଏବଂ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଦିଲ୍ଲୀ ଦରବାରରେ ଉପସ୍ଥିତ ହେବାର ଆମନ୍ତ୍ରଣପତ୍ର ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କଠାରୁ ପାଇଅଛନ୍ତି । ଓଡ଼ିଶାର ରାଜାଙ୍କ ମଧ୍ୟରେ ମୟୂରଭଞ୍ଜ ସର୍ବାପେକ୍ଷା ବଡ଼ ଏବଂ ଓଡ଼ିଆ ଜାତିଙ୍କର ପ୍ରତିନିଧି ସ୍ୱରୂପ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଭାରତର ଜାତୀୟ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଅଛନ୍ତି । ଓଡ଼ିଶା ପରି କ୍ଷୁଦ୍ର ବିଭାଗକୁ ଦୁଇଜଣରୁ ଅଧିକ ଆମନ୍ତ୍ରିତ ହେବାର ଆଶା କରାଯାଇ ନ ପାରେ । ଅତଏବ ଏ ଦୁଇ ନିର୍ବାଚନ ଉଭୟ ହୋଇଅଛି । ଅତଃପର ମାନ୍ୟବର ବଡ଼ଲାଟଙ୍କର ନ ୨୩ ଣ ନିମନ୍ତ୍ରଣ କର ସଙ୍ଗେ ନେବାର କଥା ଅଛି । ମୟୂରଭଞ୍ଜର ରାଜା ଏ ପର୍ଯ୍ୟନ୍ତ ବିଶେଷ ଉପାଧି ପାଇ ନାହାନ୍ତି । ଆଶା କରୁଁ ଏଥର ସେ ତାହା ଲାଭ କରିବେ ।

---

ଗତ ଶନିବାର ଅପରାହ୍ନରେ କଲିକତା ନଗରରେ ଭୟଙ୍କର ବୃଷ୍ଟି ଓ ବଜ୍ରପାତ ହୋଇଥିଲା । ବୃଷ୍ଟିରେ ସଡ଼କମାନ ବୁଡ଼ି ଯାଇଥିଲା ଏବଂ କେତେ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳିବାର ରାସ୍ତା ବନ୍ଦ ହୋଇଥିଲା । ଷ୍ଟ୍ରାଣ୍ଡ ରୋଡ଼ର ଉପରେ ଘର ଭାଙ୍ଗି ପଡ଼ିଅଛି ଏବଂ କେହି କେହି ସାମାନ୍ୟ ଆଘାତ ପାଇଅଛନ୍ତି । ମାତ୍ର କାହାରି ଗୁରୁତର ପୀଡ଼ା ହୋଇ ନାହିଁ । ଇଡେନେଟ ଘୋଡ଼ା ପରେ ବଜ୍ର ପଡ଼ିଥିଲା ମାତ୍ର ସେହି ଘୋଡ଼ାମାନଙ୍କର ଆଂଶିକ କ୍ଷତି ଭିନ୍ନ ଅନ୍ୟ କିଛି ଅନିଷ୍ଟ ଘଟି ନାହିଁ । କୋଟିଏ ନେଉଳ ଉପରେ ଛିଡ଼ା ହୋଇଥିବା ଏକ ପିଲର ପାଖ ଦେଇ ବିଦ୍ୟୁତ ବାହାରିଗଲା ମାତ୍ର ତାହାଠାରେ ଧାସ ସ୍ପର୍ଶ ଲାଗି ନାହିଁ । ଈଶ୍ୱର ରକ୍ଷା କଲେ ଏହିପରି ହୁଏ । ପୁଲିସ କମିଶନର ବୈଦ୍ୟୁତିକ ପଙ୍ଖା ଦପ୍ତ ଲହ ପଡ଼ ଫାଟିଗଲା ଏବଂ ତହିଁରୁ କୁଣ୍ଡଳୀ ହୋଇ ବାହାରି ଗଲା । ଦ୍ୱାରମ ଓ ଅମଳ ଲୋକରେ ପଦାକୁ ପଳାଇ ଆସି ଅଧ ଘଣ୍ଟା ଉତ୍ତାରୁ ଘରେ ପଶିଲେ ।

---

ବଙ୍ଗ ବିହାର ଏବଂ ଓଡ଼ିଶାର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଉଡ଼ବରନ ବାହାଦୁର ଅଗଷ୍ଟ ତା ୨୦ ଖ ବୁଧବାର ଅର୍ଥାତ୍ ଝୁଲଣ ପୂର୍ଣ୍ଣିମାର ବାସିଦିନ ଏ ନଗରରେ ଉପସ୍ଥିତ ହୋଇ ଭୁବନେଶ୍ୱର ଦେଖି ତହିଁ ଅର ଦିନ ଚଳିତ ଫେରି ଯିବାର ସମ୍ବାଦ ଆସିଅଛି । ମାନ୍ୟବର ମହୋଦୟ ଲେଫ୍ଟେନାଣ୍ଟ ଗବର୍ଣ୍ଣର ହେବାର ମା ୮ ମ ମଧ୍ୟରେ ଏ ନଗରକୁ ଶୁଭାଗମନ କରି ଥିଲେ । ପୁଣି କାର୍ଯ୍ୟ ତ୍ୟାଗ କରିବାର ମା ୮ ମ ପୂର୍ବେ ଆମ୍ଭମାନଙ୍କୁ ଦର୍ଶନ ଦେବାକୁ ମନ କଲାଇଅଛନ୍ତି ବଡ଼ ଆନନ୍ଦର ବିଷୟ ଅଟେ । ତାହାଙ୍କୁ ଯଥୋଚିତରୂପେ ସମ୍ମାନ କରିବା ଏକାନ୍ତ କର୍ତ୍ତବ୍ୟ । ତହିଁର ଆୟୋଜନ ନିମନ୍ତେ ଟାଉନହଲରେ କୋଟିଏ ସାଧାରଣ ସଭା ହେବ । ସେହି ସଭାରେ କୋଟିଏ କମିଟି ଗଠିତ ହୋଇ ଆଦର ଅଭ୍ୟର୍ଥନାର ଉଚିତ ବନ୍ଦୋବସ୍ତ କରିବା ଏବଂ ତହିଁର ବ୍ୟୟ ଚାନ୍ଦାଦ୍ୱାରା ସଂଗ୍ରହ କରିବାର ସ୍ଥିରୀକୃତ ହେବ । ଭରସା କରୁଁ ସର୍ବସାଧାରଣ ଯଥୋପଯୁକ୍ତରୂପେ ଏ କାର୍ଯ୍ୟରେ ସାହାଯ୍ୟ ଯୋଗ ଦାନ କରିବେ ।

---

ଗତ ପୂର୍ବ ସୋମବାର ସଞ୍ଜରେ ଏ ନଗର ବାଲୁବଜାର ନିବାସୀ ଅବଦୁଲ ଓହେଦ ପ୍ରସ୍ତରୁ ରେଲରେ ଆସି ଖୁର୍ଦ୍ଦାରୋଡ଼ ଷ୍ଟେସନଠାରେ ଓହ୍ଲାଇ ଫାଟକ ବାହାରେ ଗଣ୍ଠି ଓ ବାକ୍ସ ରଖି ଗାଡ଼ି ଭଡ଼ା କରୁଥିଲା । ଏହି ଅବସରରେ ତାହାର ବାକ୍ସଟି ଚୋର ନେଲା । ସେ ବାକ୍ସରେ ନଗଦ ଟ ୮୧୫ ଟଙ୍କା, ନୋଟ ଟ ୩୨୦ ଟଙ୍କା ଏବଂ ସୁନା ମୋହର ଏକଗୋଟାକୁ ଟ ୨୧ ଟଙ୍କା, ସର୍ବ ଟ ୧୧୬୨ ଟଙ୍କା ଥିଲା । ପୁଲିସ ଇନ୍ସପେକ୍ଟର ସମ୍ବାଦ ପାଇ ତଦନ୍ତ କଲେ ମାତ୍ର ଏପର୍ଯ୍ୟନ୍ତ ତଦନ୍ତ ଲାଗିଅଛି ଏବଂ କିଛି ଠିକଣା ହୋଇ ନାହିଁ । ରେଲ ଷ୍ଟେସନଠାରୁ ଯାତ୍ରୀଙ୍କର ମାଲ ଚୋରି ଯିବାର ଅନେକ ଖବର ଆମ୍ଭେମାନେ ଶୁଣୁଅଛୁଁ । ଏହା ଏକପ୍ରକାର ନିତ୍ୟଘଟଣା ପରି ହୋଇଅଛି ଏବଂ ଅଧିକାଂଶ ରେଲ ଏଠାରେ ପହଞ୍ଚିବାର ସମସ୍ତ ରାତ୍ରରେ ଯିବାକୁ ଚୋରଙ୍କର ବିଶେଷ ସୁବିଧା ହୋଇଅଛି । ଯାତ୍ରୀମାନଙ୍କର ଅତ୍ୟନ୍ତ ସାବଧାନ ହେବା ଏବଂ ରେଲକର୍ତ୍ତୃପକ୍ଷଙ୍କର ଷ୍ଟେସନମାନଙ୍କରେ ଅଧିକ ଆଲୁଅ ଏବଂ ଅଧିକ ପୁଲିସ ରଖିବାର ଉଚିତ ହେଉଅଛି ।

---

ମୁର୍ଶିଦାବାଦର 'ସୁଧା' ନାମକ ବଙ୍ଗଳା ମାସିକ ପତ୍ରର ସମ୍ପାଦକ ବାବୁ କାମଦାରଞ୍ଜନ ମିତ୍ର ମୁର୍ଶିଦାବାଦରେ ଆଗାମୀ ବୈଶାଖମାସରେ କୋଟିଏ ସାହିତ୍ୟ ସଭା ବସାଇବାର ସଙ୍କଳ୍ପ କରୁଅଛନ୍ତି ଏବଂ ତହିଁର ଆୟୋଜନର ଗୁରୁ ସ୍ୱାମୀ ଧର୍ମନିଷ୍ଠ ମହାଗୁରୁଙ୍କ ଗ୍ରହଣ କରି ଏଥିମଧ୍ୟରେ ସମ୍ପାଦକ ସ୍ୱରୂପ କାର୍ଯ୍ୟାରମ୍ଭ କରୁଅଛନ୍ତି । ମୁର୍ଶିଦାବାଦର ନବାବ ସାହେବଙ୍କର ଏମାମବାଡ଼ା ସମ୍ମୁଖସ୍ଥ ଗଙ୍ଗାତଟରେ ଥିବା ସୁନ୍ଦର ମଇଦାନରେ ରଜତଖଚିତ ମୂଲ୍ୟବାନ୍ ଚନ୍ଦ୍ରାତପ ତଳେ ସଭାର ଅଧିବେଶନ ହେବ ଏବଂ ସେହି ଏମାମବାଡ଼ାରେ ଅନ୍ୟ ସ୍ଥାନର ସଭ୍ୟମାନଙ୍କୁ ବସା ଦିଆଯିବ । ସେଠାରେ ନ ୫୦୦ ଣ ରହି ପାରିବେ । ଅଧିକ ସଭ୍ୟଙ୍କୁ ଅନ୍ୟତ୍ର ବସା ଦିଆଯିବ । ଅଭ୍ୟର୍ଥନା କମିଟିର ସଭ୍ୟବୃନ୍ଦ ଏବଂ ସଭାପତି ସ୍ଥାନୀୟଲୋକଙ୍କ ମଧ୍ୟରୁ ମନୋନୀତ ହେବେ ଏବଂ ସଭାର ସଭାପତି ସାଧାରଣ ମତଦ୍ୱାରା ନିର୍ବାଚିତ ହେବେ । ମୁର୍ଶିଦାବାଦର ନବାବ ବାହାଦୁରଙ୍କର ଏଥିରେ ଯଥେଷ୍ଟ ସାହାଯ୍ୟ ଓ ସହାନୁଭୂତି ଅଛି । ସଭାରେ କେବଳ ସାହିତ୍ୟର ଚର୍ଚ୍ଚା ହେବ, ରାଜ୍ୟର ଆଲୋଚନା ଆଦୌ ହେବ ନାହିଁ ଓ ସଭାର କାର୍ଯ୍ୟ ବଙ୍ଗଳା ଭାଷାରେ ସମ୍ପାଦନ ହେବ ।

---

ଲକ୍ଷ୍ନୌ ଏଲାହାବାଦ ଅଯୋଧ୍ୟାପ୍ରସାଦ ଶର୍ମା ନାମକ ଏକ ବ୍ୟକ୍ତି ସେଠା ରେଲୱେ ଅଫିସର କିରାଣୀ ଥିଲେ । ଇଂଲଣ୍ଡ ଓ ଭାରତ ମଧ୍ୟରେ ସମାଚାର ଖବରେ ବ୍ୟବସାୟ କରିବା କଥା ତାହାଙ୍କ ମନରେ ଉଦୟ ହେଲା । କିଛି କାଳ ଚିନ୍ତା କରି ସେ ଦୁଇ ହଜାର ଟଙ୍କା ଋଣ କରି ସେ-

Digitized by srujanika@gmail.com

Split by PDF Splitter



ଠାରେ କିଛି ଅର୍ଥ ସଞ୍ଚୟ କରି ବିଲାତକୁ ଯାଇ ଅଛନ୍ତି । ଭାରତର କର୍ଣ୍ଣେଲ ଇତ୍ୟାଦି ମାଟି କାଠ ପ୍ରଭୃତିର ଖେଳଣା ନାନା ପ୍ରକାର ଚଟକ, ମିଷ୍ଟାନ୍ନ ପ୍ରଭୃତି ଖାଦ୍ୟଦ୍ରବ୍ୟ ବିଲାତରେ ବିକ୍ରୟ କରିବାର ବନ୍ଦୋବସ୍ତ କରୁଅଛନ୍ତି ଏବଂ ଲଣ୍ଡନ ନଗରର ଏକ ବଜାରରେ ଗୋଟିଏ ଦୋକାନ ଫିଟାଇ ଅଛନ୍ତି କଳାତ ଦ୍ରବ୍ୟ ଏ ଦେଶରେ ବିକ୍ରୟ କରିବା କାରଣ କେତେ ଲୋକ ଚେଷ୍ଟା କରୁଅଛନ୍ତି । ମାତ୍ର ଭାରତର ଦ୍ରବ୍ୟ ବିଲାତରେ ବିକ୍ରୟ ହେବାର ନିମନ୍ତେ ବନ୍ଦୋବସ୍ତ ନାହିଁ । ଶର୍ମା ମହାଶୟଙ୍କର ପ୍ରଗାଢ଼ ଅଧ୍ୟବସାୟ ଓ ଚେଷ୍ଟା ସଫଳ ହେଉ ଏବଂ ତାହାଙ୍କର ଉଦାହରଣ ଦେଖି ଏ ଦେଶର ଅପର ଲୋକମାନେ ଅନୁଗାମୀ ହେବାକୁ ଉତ୍ସାହିତ ହେଉନ୍ତୁ ଏହା ଆମ୍ଭମାନଙ୍କର ଏକାନ୍ତ କାମନା । ଗାଢ଼ ଅଧ୍ୟବସାୟ ଓ କଷ୍ଟ ବିନା କାର୍ଯ୍ୟ ସିଦ୍ଧ ହୁଅଇ ନାହିଁ । ଶର୍ମା ମହାଶୟଙ୍କ ପରି ଉଦ୍ୟମଶୀଳ ବ୍ୟକ୍ତିମାନେ ଶତଶଃ ଧନ୍ୟବାଦର ପାତ୍ର ।

---

ସମ୍ବାଦ ବାହକରେ ପାଠ କଲୁଁ ଯେ ବାଲେଶ୍ୱରର ଭୂତପୂର୍ବ କଲେକ୍ଟର ଶ୍ରୀଯୁକ୍ତ ଉଇଲସନ୍ ସାହେବ ହିଜ୍‌ଲି ଜିଲ୍ଲା ଅନ୍ତର୍ଗତ ଜଣେ ଜମିଦାର କୂଅପାଡ଼ୀ କାନୁନଗୋଇଙ୍କ ସ୍ଥାନରେ ସରକାରରୁ ଟଙ୍କା ଋଣ ଦେଇ ଗୋଟିଏ କୃଷି ବ୍ୟାଙ୍କ ସ୍ଥାପନ କରିଥିଲେ । ଅଳ୍ପ ଦିନ ପରେ ଉଇଲସନ୍ ସାହେବଙ୍କ ବଦଳି ହେବାରୁ ତାହାଙ୍କ ସ୍ଥାନରେ ଆସିଥିବା ବର୍ତ୍ତମାନ୍ କଲେକ୍ଟର ଶ୍ରୀଯୁକ୍ତ ଲିଙ୍ଗଟନ୍ ସାହେବ ବାରମ୍ବାର କୂଅପାଡ଼ୀକୁ ଯାଇ ସେଠା ବ୍ୟାଙ୍କର କାର୍ଯ୍ୟାବଳୀ ପରିଦର୍ଶନ କରୁଅଛନ୍ତି ଏବଂ ଅନ୍ୟତ୍ର ସେପ୍ରକାର ବ୍ୟାଙ୍କ ସ୍ଥାପନ ନିମନ୍ତେ ଲୋକଙ୍କୁ ଉତ୍ସାହ ଦେଉଅଛନ୍ତି । ସେହି ଉତ୍ସାହରେ ପ୍ରମତ୍ତ ହୋଇ ସାମନ୍ତ ଶ୍ରୀ ଗଜନାରାୟଣ ଦାସଙ୍କର ଭ୍ରାତୃଷ୍ପୁତ୍ର ସାମନ୍ତ ଶ୍ରୀ ରାଧାଚରଣ ଦାସ ତାହାଙ୍କର ସାରଙ୍ଗା ଜମିଦାରୀର ନିଜ ସାରଙ୍ଗା କଚେରୀରେ ଗତ ମାସ ତା ୨୫ ରିଖରେ ଗୋଟିଏ କୃଷି ବ୍ୟାଙ୍କ ସ୍ଥାପନ କରିଅଛନ୍ତି ଏବଂ ଏଥି ମଧ୍ୟରେ ନ ୩୬ ଜଣ ତହିଁର ସଭ୍ୟ ହୋଇ ଅଛନ୍ତି । ଆମ୍ଭେମାନେ ଏହି ଦୁଇ ବ୍ୟାଙ୍କର ସ୍ଥାୟିତ୍ୱ ଓ ଶ୍ରୀବୃଦ୍ଧି କାମନା କରୁଁ । ସ୍ଥାପନ କର୍ତ୍ତାଙ୍କର ଦୃଢ଼ ଯତ୍ନ ଓ ମନୋଯୋଗ ରହିଲେ ସେ କାମନା ପୂର୍ଣ୍ଣ ହେବ ଏବଂ ଓଡ଼ିଶାରେ କୃଷି ବ୍ୟାଙ୍କ ସ୍ଥାପନର ସେମାନେ ପଥ ପ୍ରଦର୍ଶକ ସ୍ୱରୂପ ସୁଖ୍ୟାତି ଲଭିବେ ।

---

ଅଭିଷେକ ଉପଲକ୍ଷରେ ଭାରତରୁ ନିମନ୍ତ୍ରିତ ହୋଇ ବିଲାତକୁ ଯାଇଥିବା ରାଜା ଏବଂ ସୈନ୍ୟମାନଙ୍କର ଗୋଟିଏ ଅଭ୍ୟର୍ଥନା ବିଲାତସ୍ଥ ଭାରତୀୟ ସେକ୍ରେଟେରୀଙ୍କ କଚେରୀ ଘରଠାରେ ମହା ସମାରୋହ ସହିତ ହୋଇଥିବା ଏବଂ ତହିଁର ବ୍ୟୟ ଭାରତ ଉପରେ ଲଦା ଯାଇଥିବାର ପାଠକମାନଙ୍କୁ ଜଣା ଅଛି । ଅଭ୍ୟର୍ଥନାରେ ସର୍ବସୁଦ୍ଧା ୭ ହଜାର ପାଉଣ୍ଡ ଅର୍ଥାତ୍ ୧ ଲକ୍ଷ ୫ ହଜାର ଟଙ୍କା ଅଟେ ଏବଂ ତହିଁ ମଧ୍ୟରୁ ଏକା ଫୁଲର ମୂଲ୍ୟ ୨୨ ହଜାର ଟଙ୍କା ଏବଂ ତାହା ସଜାଇବାର ବ୍ୟୟ ୩୦ ହଜାର ଟଙ୍କା ଅଟେ । ଏ ଟଙ୍କା ଭାରତ ରାଜସ୍ୱ ଉପରେ ପଡ଼ିବାର ଏହି ହେତୁ ଭାରତୀୟ ସେକ୍ରେଟେରୀ ଦେଖାଇ ଅଛନ୍ତି ଯେ ଏହା ସାଧାରଣ ଅଭ୍ୟର୍ଥନା ନୁହେ ମାତ୍ର ଗୋଟିଏ ପ୍ରଧାନ ଅନୁଷ୍ଠାନ । ଯେହେତୁ ଇଂରାଜ ରାଜ ଭାରତସମ୍ରାଟ ଉପାଧି ଗ୍ରହଣ ଦିନରୁ ଏହି ପ୍ରଥମ ଅଭିଷେକ ଅଟେ । ଭାରତ ସଚିବଙ୍କର ଏହି ଯୁକ୍ତି ତାହାଙ୍କର ସଭାସଦ୍‌ମାନେ ଏକ ମତରେ ଅନୁମୋଦନ କରି ଭାରତ ରାଜପ୍ରତିନିଧିଙ୍କୁ ନ ପଚାରି ଏଥିର ବ୍ୟୟ ଭାରତର ରାଜସ୍ୱରୁ ଆଦାୟ କରିବାର ସ୍ଥିର କରିଅଛନ୍ତି । ମାତ୍ର ବିଲାତର ଅନେକ ସମ୍ବାଦପତ୍ର ଏହାକୁ ଅତି ନୀଚ ନୀତି ବୋଲି ନିନ୍ଦା କରୁଅଛନ୍ତି ଏବଂ ସମ୍ଭବତଃ ସେହି କାରଣରୁ ଭାରତୀୟ ସେକ୍ରେଟେରୀ ଏବେବେଳେ କହୁଅଛନ୍ତି ଯେ ସମସ୍ତ ବ୍ୟୟ ଭାରତକୁ ଦେବାକୁ ହେବ ନାହିଁ, ବିଲାତରୁ କିଛି ଦିଆଯିବ । ଭାରତ ପ୍ରତିବର୍ଷ କୋଟି୨ ଟଙ୍କା ବିଲାତକୁ ଦେବା ପ୍ରତ୍ୟକ୍ଷେ ତହିଁ ଉପରେ ଆଉ ଏକ ଲକ୍ଷ ଦେବାକୁ କାତର ନୁହେ ମାତ୍ର ନିମନ୍ତ୍ରଣରେ ଯାଇ ତହିଁର ବ୍ୟୟ ଯୋଗାଇବା ଭାରତବାସିଙ୍କୁ ଅମହତ୍ୱ ପଣ ଭିନ୍ନ ଅନ୍ୟ କିଛି ବୋଧ ହେବ ନାହିଁ । ବିଲାତର ରାଜ ମନ୍ତ୍ରିମାନେ ଏହା ବୁଝି ପାରୁ ନାହାନ୍ତି ବଡ ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

ବଙ୍ଗପ୍ରଦେଶର ଲୋକଙ୍କୁ ପଶୁ ଚିକିତ୍ସା ଶିକ୍ଷା ଦେବା କାରଣ କଲିକତା ନିକଟ ବେଲଗଛିଆ ଠାରେ ବେଙ୍ଗଲ ଭେଟେରିନେରି କଲେଜ ନାମରେ ଗୋଟିଏ ଉଚ୍ଚ ବିଦ୍ୟାଳୟ କେତେକ ବର୍ଷ ହେଲା ସ୍ଥାପିତ ହୋଇଥିବାର ପାଠକମାନଙ୍କୁ ଜଣାଅଛି । ସେହି କଲେଜର ସଂଶୋଧିତ ନିୟମାବଳୀ ଗତମାସ ତା ୧୬ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଯେଉଁମାନେ ଏହି କଲେଜରେ ଭର୍ତ୍ତି ହେବାକୁ ଇଚ୍ଛା କରିବେ ସେମାନେ ନିମ୍ନଲିଖିତ ସାର୍ଟିଫିକେଟମାନ ଦାଖଲ କରିବେ । ଯଥା— (କ) ବୟସ,

(ଖ) ଶାରୀରିକ ଯୋଗ୍ୟତା ଏବଂ ସଦାଚାର

(ଗ) କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷା ଅଥବା ମଧ୍ୟଇଂରାଜୀ ବୃତ୍ତି ପରୀକ୍ଷାରେ ପାସ କରିଥିବାର ଅଥବା କୌଣସି ହାଇସ୍କୁଲର ପ୍ରଥମଶ୍ରେଣୀକୁ ଉଠିଥିବାର ।

ଶାରୀରିକ ଦୃଢ଼ତାର ପରୀକ୍ଷା କଲେଜର ଡାକ୍ତର କରିବେ ଏବଂ ଇଂରାଜୀ ଭାଷାରେ କଥାବାର୍ତ୍ତା କରିପାରିବାର ପରୀକ୍ଷା କଲେଜର ଶିକ୍ଷକମାନେ କରିବେ । କଲେଜରେ ଇଂରାଜୀ ଭାଷାରେ ଶିକ୍ଷା ଦିଆଯିବ । ସୁତରାଂ ସେ ଭାଷାରେ ଉତ୍ତମରୂପେ କଥାବାର୍ତ୍ତା କରିପାରିବା ନିତାନ୍ତ ପ୍ରୟୋଜନ । ବୟସ ସମ୍ବନ୍ଧରେ ନିୟମ ଏହି ଯେ ବ ୧୬ ର୍ଷରୁ ଊଣା ବୟସର ଛାତ୍ର ଭର୍ତ୍ତି ହୋଇ ପାରିବ ନାହିଁ ଏବଂ ଯେଉଁମାନେ ଭର୍ତ୍ତି ହେବାକୁ ଇଚ୍ଛା କରିବେ ସେମାନଙ୍କର ବୟସ ବ ୧୮ ର୍ଷଠାରୁ ବ ୨୬ ର୍ଷ ମଧ୍ୟରେ ହେବା ବାଞ୍ଛନୀୟ । ଗବର୍ଣ୍ଣମେଣ୍ଟ ପ୍ରତିବର୍ଷ ମାସିକ ୮ ଟଙ୍କା ମୂଲ୍ୟର ୩୦ ଟା ବୃତ୍ତି ଖଞ୍ଜିଅଛନ୍ତି ଏବଂ ଏଥି ଉପରେ ସିହ୍ନବନସ ବୋଗଲାଙ୍କର ମାସିକ ଟ ୧୫ ମୂଲ୍ୟର ଗୋଟିଏ ବୃତ୍ତି ଅଛି । ଏହି କଲେଜରେ ପଢ଼ିବାର କାଳ ବ ୩ ର୍ଷ ଏବଂ ସେହି ବ ୩ ର୍ଷ ସକାଶେ ବୃତ୍ତିମାନ ଖଞ୍ଜା ହୋଇଅଛି । ଅନ୍ୟାନ୍ୟ ବିଷୟ ଯେଉଁମାନେ ଜାଣିବାକୁ ଇଚ୍ଛା କରିବେ ସେମାନେ ଉକ୍ତ ଗେଜେଟରେ ପ୍ରକାଶିତ ନିୟମାବଳି ପାଠ କଲେ ଜାଣିପାରିବେ ।

---

## ପୁରୀ ରଥଯାତ୍ରା ।

ପୁରୀ ରଥଯାତ୍ରା ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ଠାକୁରମାନେ ଗୁଣ୍ଡିଚା ମନ୍ଦିର ଜଗମୋହନରେ ଚଡାଲଗି ପର୍ଯ୍ୟନ୍ତ ରହିବାର କେବେ ଦେଖା ନ ଥିଲା । ଏ ବର୍ଷ ତାହା ଘଟିବାରୁ ଚଡାଲଗି ବନ୍ଦ ହେଲା । ଚକ୍ରହୁଲା ଏକାଦଶୀ ପୂର୍ବରୁ ଦୁଇରଥ ଦକ୍ଷିଣମୂର୍ତ୍ତି ହୋଇଥିଲା ମାତ୍ର ଜଗନ୍ନାଥଙ୍କର ରଥ ଦକ୍ଷିଣମୂର୍ତ୍ତି ହେବା ବେଳେ ଦୁଇଗୋଟି ଚକ ଭାଙ୍ଗିଗଲା ଏବଂ ସେଥିରୁ ସଜାଡିବା ଓ ଇଞ୍ଜିନିୟରଙ୍କ ସାର୍ଟିଫିକେଟ ନେଇ ରଥ ଟଣା ଆରମ୍ଭ ହେବାରେ ଦଶାହନ ବାହାରିଗଲା । ତହିଁ ଉତ୍ତାରୁ ପ୍ରତିଦିନ ରଥଟଣା ହେଲେହେଁ ସେହି ଚକଦ୍ୱୟ ମୋଡ ହୋଇ ବାଲିରେ ଯୋଡ ପଡିଲା ପରି ହୋଇଅଛି ଆଉ ଚଳୁ ନାହିଁ । ରାଜାଙ୍କ ପକ୍ଷରୁ ୪୦ ଶତ ବେଠିଆ ବାନ୍ଧୁଡ଼ା ଦକ୍ଷିଣୀ ବାଧି ଦଳଠାରୁ ଦୈନିକ ଟ ୦।୩ ଲେଖାଏଁ ଖୋରାକ ନେଇ ରଥଟଣା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଏବଂ ବୃଷ୍ଟି ଜଳରେ ରଥ ଦଉଡ଼ିମାନ ଛିଣ୍ଡି ଯିବାରୁ ନୂଆ ଦଉଡି ପ୍ରସ୍ତୁତ ହୋଇ ଦିଆ ଯାଉଅଛି । ମାତ୍ର ପୂର୍ବ ବର୍ଷମାନଙ୍କରେ ପୁଲିସ କର୍ମଚାରୀ ଓ ରାଜାଙ୍କର କର୍ମଚାରୀମାନେ ଯେପରି ଏକଯୋଗରେ ଅତ୍ୟନ୍ତ ମନୋଯୋଗ ପୂର୍ବକ ଶୀଘ୍ର ରଥଟଣାର ଯତ୍ନ କରୁଥିଲେ ଏ ବର୍ଷ ସେପରି ଦେଖାଯାଉ ନାହିଁ । ଏହା ମଧ୍ୟ ବିଲମ୍ବର ଗୋଟିଏ କାରଣ ଅଟେ । ଦୁଇ

Digitized by srujanika@gmail.com

ବେଳା ରଥ ଟଣା ନ ହୋଇ କେବଳ ଅପରାହ୍ନରେ ଏହିଥର ସେ କାର୍ଯ୍ୟ ହେଉଅଛି । ଝୁଲଣଯାତ୍ରା ଆସନ୍ତା ଶୁକ୍ରବାର ଆରମ୍ଭ ହେବ । ଏଥି ମଧ୍ୟରେ ଠାକୁରମାନେ ନୀଳାଦ୍ରି ବିଜୟ ହେବାର ଆଶା ଦୃଶ୍ୟ ନାହିଁ ସୁତରାଂ ସେ ଯାତ୍ରା ବନ୍ଦ ହେବାର ଭୟ ହେଉଅଛି । ଲୋକେ ଏ ସମସ୍ତ ଘଟନା ଅଶୁଭ ମନେ କରି ବ୍ୟସ୍ତ ଅଛନ୍ତି ।

---

## ରୋଡ଼ସେସ ଜମାବନ୍ଦୀ ।

ଗତ ମାସ ତା ୧୬ ରିଖର "ରୋଡ଼ସେସ ଜମାବନ୍ଦୀ" ଶୀର୍ଷକ ପ୍ରବନ୍ଧରେ ଏ ଜିଲ୍ଲାର ରୋଡ଼ସେସ ହାକିମଙ୍କର ଲଖରାଜ ବାଜ୍ୟାପ୍ତିଦାରର ନିଜ ଦଖଲ ଜମିର ଜମାବନ୍ଦୀ ଭ୍ରମାତ୍ମକ ଥିବାର ଏବଂ ବିଭାଗୀୟ କମିଶନର ସାହେବ ଅପିଲରେ ତାହା ସଂଶୋଧନ କରିଥିବାର ଦେଖାଇ ଆଶା କରିଥିଲୁଁ କି ରୋଡ଼ସେସ ହାକିମ ଯେଉଁ ସ୍ଥଳେ ସେପ୍ରକାର ଭ୍ରମ କରିଅଛନ୍ତି ସେସମସ୍ତ ତଦନୁରୂପ ସଂଶୋଧନ କରି ନ୍ୟାୟର ମର୍ଯ୍ୟାଦା ରକ୍ଷା କରିବେ । ମାତ୍ର ଦୁଃଖର ସହିତ ଅବଗତ ହେଲୁଁ ଯେ ରୋଡ଼ସେସ ହାକିମ ଉକ୍ତ ନିଷ୍ପତ୍ତିର ଏହିପରି ଅର୍ଥ କଲେ କି ତହିଁ ସଂକ୍ରାନ୍ତ ଜମିରେ କେତେକ ଘର ଥିବା ଓ ତହିଁରୁ କର ଉତ୍ପନ୍ନ ହେଉ ନ ଥିବାରୁ କମିଶନର ସାହେବ ସେପରି ଆଦେଶ ଦେଇଅଛନ୍ତି ଏବଂ ସେ ଆଦେଶ ଅନ୍ୟ ସ୍ଥଳମାନଙ୍କରେ ଖଟି ନ ପାରେ । ଅତଏବ କମିଶନର ସାହେବଙ୍କର ଉକ୍ତ ନିଷ୍ପତ୍ତିକୁ ସାଧାରଣ ନଜିରସ୍ୱରୂପ ଗ୍ରହଣ କରି ନାହାନ୍ତି ଏହା ବଡ଼ ଦୁଃଖର ବିଷୟ ଅଟେ । ଅସ୍ତୁ ନ ଥିବା ନିଜ ଦଖଲ ବାଜ୍ୟାପ୍ତି ଜମିର ରୋଡ଼ସେସ ବନ୍ଦୋବସ୍ତରେ ଧାର୍ଯ୍ୟ ହୋଇଥିବା ଜମା ଉପରେ ଧାର୍ଯ୍ୟ କରିବା ଉଚିତ ବୋଲି ଯେବେ ତାହାଙ୍କୁ ଜଣାଥିଲା ତେବେ ଅପିଲ ଅଦାଲତ ପର୍ଯ୍ୟନ୍ତ ସେ କଥା କାହିଁକି ଗଲା ? ପୁଣି ପ୍ରକୃତରେ ଅପିଲ ଅଦାଲତ ତାହାଙ୍କ ପରି ବୁଝି ଉକ୍ତ ନିଷ୍ପତ୍ତି କରିଅଛନ୍ତି ନା ଆଇନ ଉପଦେଶ ଇତ୍ୟାଦି ଦେଖି ନ୍ୟାୟସଙ୍ଗତ ବିଚାର କରିଅଛନ୍ତି ? ରୋଡ଼ସେସ ସମ୍ବନ୍ଧରେ ରେଭେନ୍ୟୁ ବୋର୍ଡଙ୍କର ଯେଉଁ ବିଧିପୁସ୍ତକ କର୍ମଚାରୀଙ୍କର ଉପଦେଶ ନିମନ୍ତେ ପ୍ରସ୍ତୁତ ହୋଇଅଛି ଏବଂ ଯାହାକୁ ଉକ୍ତ କର୍ମଚାରୀମାନେ ନିତ୍ୟ ପାଠ କରି କାର୍ଯ୍ୟ କରୁଅଛନ୍ତି ତହିଁର ୩ୟ ଅଧ୍ୟାୟ (ଖ) ଖଣ୍ଡର ଧା ୧୧ ଗରେ ସ୍ପଷ୍ଟ ଆଦେଶ ଅଛି କି ବାଜ୍ୟାପ୍ତିଦାର ଆପଣା ଜମିରେ ନିଜେ ଦଖଲକାର ଥିବା ସ୍ଥଳେ ତାହାକୁ ସେ ଜମିର ରୟତ ଜ୍ଞାନ କରି ରୋଡ଼ସେସ ଧାର୍ଯ୍ୟ କରିବ, କେବଳ ଯେଉଁ ସ୍ଥଳେ ଜମି ବସ୍ତିର ଥିବ ଏବଂ ଲାଖରାଜଦାର ରୟତ ଲଗାଇ ଲାଭ କରୁଥିବାର କଲେକ୍ଟର ସାହେବ ବିଶ୍ୱାସ କରିବାର ହେତୁ ଦେଖିବେ ସେ ସ୍ଥଳେ କଲେକ୍ଟର ସାହେବ ରୋଡ଼ସେସ ଆଇନର ଧା ୧୪ ଗ ମତେ କାର୍ଯ୍ୟ କରି ପାରିବେ । ଏ ବିଧି ସାଧାରଣ ଅଟେ ଏବଂ ଏହି ଅନୁସାରେ କମିଶନର ସାହେବ ଅପିଲ ନିଷ୍ପତ୍ତି କରିଅଛନ୍ତି । ରୋଡ଼ସେସ ହାକିମ ଆପଣା କଥା ରଖିବା ପାଇଁ ଯେବେ ଆଇନ ଓ ନଜିର ନ ମାନିବେ ଏବଂ ତାହାଙ୍କର ଉପରସ୍ଥ କର୍ତ୍ତୃପକ୍ଷମାନେ ତାହା ନ ଦେଖିବେ ତେବେ ତହିଁର ବଳ କାହାର ?

---

## ହାଡ଼ର ବ୍ୟବସାୟ ।

ସନ ୧୮୯୬।୯୭ ସାଲରେ ୨୧,୨୯୭, ସନ ୧୮୯୭।୯୮ ରେ ୨୮,୫୪୭, ସନ ୧୮୯୮।୯୯ ରେ ୨୭,୯୦୮, ସନ ୧୮୯୯।୦୦ ରେ ୪୮,୮୪୫ ଏବଂ ସନ ୧୯୦୦।୦୧ ରେ ୫୫,୨୭୩ ଟଙ୍କାର ହାଡ଼ ଭାରତରୁ ବିଦେଶକୁ ରପ୍ତାନି ହୋଇଥିଲା । ଏକ ଟଙ୍କ ମ ୨୭ ମଣକୁ ସର ଅଟେ । ହାଡ଼ ରପ୍ତାନିର ଏତେ ଅଧିକ ବୃଦ୍ଧି ଏକ ଦିଗରେ ଯେମନ୍ତ ମନୁଷ୍ୟ ଓ ଗବାଦି ପାଳିତ ପଶୁ ମୃତ୍ୟୁର ବୃଦ୍ଧି ତେମନ୍ତ ଅନ୍ୟ ଦିଗରେ ଏ ଦେଶର ଭୂମିର ଉର୍ବରା ଶକ୍ତିର ହ୍ରାସ ହେବାର ପରିଚୟ ହେଉଅଛି । କାରଣ ସେ ସମସ୍ତ ହାଡ଼ ଏ ଦେଶରେ ରହିଥିଲେ ଖତ ହୋଇ ଏଠାର ଭୂମିର ବଳବତ୍ତା ହୋଇଥାନ୍ତା । ମୋଟ ରପ୍ତାନି ହାଡ଼ର ଶତକରା ୫୨ ଭାଗ ବ୍ରିଟିସ ଦ୍ୱୀପପୁଞ୍ଜକୁ, ୨୬ ଭାଗ ଜର୍ମାନୀକୁ ଏବଂ ଅବଶିଷ୍ଟ ଫ୍ରାନ୍ସ ଓ ବେଲଜିୟମକୁ ଯାଇଥିଲା । ହାଡ଼କୁ ଅଟା ପରି ଗୁଣ୍ଡ କରି ଅନ୍ୟ ଖତ ପରି ବିଲରେ ପକାଇ ଚାଷ କରିବାକୁ ହୁଏ । ଏହା ଅତ୍ୟନ୍ତ ବଳକର ଖତ । ବିଦେଶୀୟମାନେ ଏହାର ଗୁଣ ବୁଝିଅଛନ୍ତି ବୋଲି ଅନେକ ଟଙ୍କା ଖରଚ କରି ଏ ଦେଶରୁ ହାଡ଼ ବହି ନେଇ ଯାଉଅଛନ୍ତି । ଗତ ବର୍ଷ ରପ୍ତାନି ହେବା ହାଡ଼ର ମୂଲ୍ୟ ଟ ୫୦,୫୨,୮୭୬ ୯ କା ଥିଲା । ଏ ଟଙ୍କାଦ୍ୱାରା ଏ ଦେଶର ଜମିଦାର ଏବଂ ଯାଣ ପଠାଣ ପ୍ରଭୃତି ଗରିବ ହାଡ଼ ବ୍ୟବସାୟୀଙ୍କର ଉପକାର ହୋଇଅଛି ସତ୍ୟ ମାତ୍ର ସେହି ହାଡ଼ ଯେବେ ଏ ଦେଶରେ ଗୁଣ୍ଡା ହୋଇ ସାରରୂପେ କ୍ଷେତରେ ବ୍ୟବହାର ହେଉଥାନ୍ତା ତେବେ ଜମିଦାର ଏବଂ ହାଡ଼ ବ୍ୟବସାୟୀଙ୍କର ଆୟ ଲେଶେ ଉଣା ପଡ଼ନ୍ତା ନାହିଁ ଅଥଚ ଅଧିକା ଉତ୍ପନ୍ନଦ୍ୱାରା କୃଷିମାନଙ୍କର ମଧ୍ୟ ଉପକାର ହୁଅନ୍ତା । ଏ ଦେଶର ଚଷାମାନେ ମୂର୍ଖ ଓ ଦରିଦ୍ର । ହାଡ଼କୁ କୁଟି ଓ ପେଷି ଚୂନା କରି କ୍ଷେତରେ ପକାଇ ବ୍ୟବହାର କଲେ ଅନ୍ୟାନ୍ୟ ସାରଠାରୁ ତଦ୍ୱାରା କ୍ଷେତର ବଳ ଅଧିକ ହେବା କଥା । ଅଧିକାଂଶ ଚଷାଙ୍କୁ ଜଣା ନାହିଁ ଏବଂ କେହି କେହି ଜାଣୁଥିଲେ ମଧ୍ୟ ସେମାନଙ୍କର ସଙ୍ଗତି ନାହିଁ ଯେ ଖରଚ କରି ତାହା ବ୍ୟବହାର କରିବେ । ଚଷାମାନେ ଶିକ୍ଷିତ ନ ହେଲେ ଅଥବା ଶିକ୍ଷିତ ଲୋକମାନେ କୃଷି ବ୍ୟବସାୟ ଅବଲମ୍ବନ ନ କଲେ କୃଷିର ଉନ୍ନତି ସାଧନ ହେବ ନାହିଁ । ବର୍ତ୍ତମାନ ପ୍ରତିଯୋଗିତାର କାଳ ପଡ଼ିଅଛି । ଉନ୍ନତିର ଚେଷ୍ଟା ନ କଲେ କୌଣସି ବ୍ୟବସାୟ ଫଳପ୍ରଦ ହେବ ନାହିଁ ଏବଂ ମୂର୍ଖଙ୍କଦ୍ୱାରା ଉନ୍ନତି ସାଧିତ ହେବା ଅସମ୍ଭବ । ସବୁ ଦେଶରେ ଏହା ବିଦ୍ୱାନ୍ ବ୍ୟକ୍ତିମାନେ ନାନା କୌଶଳ ଉଦ୍ଭାବନ କରି ନାନା ବ୍ୟବସାୟର ଉନ୍ନତି କରୁଅଛନ୍ତି । ଏ ଦେଶରେ ବିଦ୍ୟା ଶିକ୍ଷା ପ୍ରତି ଲୋକଙ୍କର ଆସ୍ଥା ନାହିଁ । ସୁତରାଂ ବ୍ୟବସାୟର ଅବନତି ସଙ୍ଗେ ସଙ୍ଗେ ଦରିଦ୍ରତା ବଢ଼ୁଅଛି । ଶିକ୍ଷିତ ଲୋକଙ୍କର ଏ ବିଷୟ ଦୃଢ଼ରୂପେ ହୃଦୟଙ୍ଗମ କରି କାର୍ଯ୍ୟରେ ପ୍ରବୃତ୍ତ ହେବା ଉଚିତ ।

---

## ପୁରୀ ରଜାଙ୍କ ମୋକଦ୍ଦମା ।

ପୁରୀରାଜା ଉଆରେଣ୍ଟରେ ଧରା ହେବାର ପ୍ରତିକାର ହେତୁ ପୁଲିସ ଇନସ୍ପେକ୍ଟର ପ୍ରଭୃତିଙ୍କ ନାମରେ ଯେଉଁ ଫଉଜଦାରୀ ମୋକଦ୍ଦମା ଉପସ୍ଥିତ କରିଅଛନ୍ତି ତାହା ରଫା କରିବା କାରଣ ମହାରାଜଙ୍କ ପକ୍ଷରୁ ପ୍ରସ୍ତାବ ହୁଅନ୍ତେ ଗତ ତା ୧-ରିଖ ଶୁକ୍ରବାର ରାତିରେ ରାଜବାଟିରେ ଏକ ସଭା ହୋଇଥିଲା । ସଭାସ୍ଥଳେ ପ୍ରଧାନ ପ୍ରଧାନ ପଣ୍ଡା, ମହନ୍ତ, ସେବକ ନିଯୋଗ ପ୍ରଭୃତିଙ୍କ ସହିତ ଶ୍ରୀଯୁକ୍ତ ମଥୁରାବାବୁ ଉକିଲ ଏବଂ ବାବୁ କେଦାରନାଥ ଦତ୍ତ ପେନସନୀ ଡେପୁଟି ଉପସ୍ଥିତ ଥିଲେ । ରାଜାଙ୍କ ପ୍ରତି ଭବିଷ୍ୟତରେ ଅତ୍ୟାଚାର ନ ହେବାର କଟକଣା କଲେ ରଫା କରିବାରେ ଆପତ୍ତି ନ ଥିବାର କେତେକ ସଭ୍ୟ ମତ ଦେଲେ ଏବଂ ଅନେକଙ୍କ କଥାରୁ ପୁଲିସ ଇନସ୍ପେକ୍ଟର ପ୍ରଭୃତି ପ୍ରତିବାଦୀମାନେ ନିତାନ୍ତ ଅସନ୍ତୁଷ୍ଟ ଥିବାର ପ୍ରକାଶ ହେଲା । ପରେ ରାଜା ଓ ତାହାଙ୍କର ପିତାମହୀ କହିଲେ କି ଆମ୍ଭମାନଙ୍କ ପ୍ରତି ବିନା ଦୋଷରେ ଯେ ଅତ୍ୟାଚାର ହୋଇଅଛି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛୁଁ ଶ୍ରୀଯୁକ୍ତ କମିଶନର ସାହେବ ସ୍ୱୟଂ ଏଠାକୁ ଆସି ଯେପରି ନିଷ୍ପତ୍ତି କରିବେ ତାହା ପ୍ରତିପାଳନ କରିବୁଁ । ଏତିକରେ ସଭା ଭଙ୍ଗ ହେଲା । ଗତ ବୁଧବାର ଶ୍ରୀଯୁକ୍ତ କମିଶନର ସାହେବ ଏଠାରୁ ପୁରୀ ଯାତ୍ରା କରିଅଛନ୍ତି ଏବଂ ସେହିଦିନ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଏବଂ ରାୟ ହରିବଲ୍ଲଭ ଘୋଷ ବାହାଦୁର ଉକିଲମାନେ ମଧ୍ୟ ଯାଇ ଅଛନ୍ତି ।

ରଫା ହେବା ଉଚିତ କି ନା ଏ ସମ୍ବନ୍ଧର ଆନ୍ଦୋଳନ ଯେମନ୍ତ ପୁରୀରେ ତେମନ୍ତ ଏଠାରେ

Split by PDF Splitter
Digitized by srujanika@gmail.com

Split by PDF Splitter



ମଧ୍ୟ ହେଉଅଛୁ ଯେ ବିଷୟରେ ଖଣ୍ଡିଏ ଇଂରାଜୀ ପତ୍ର ଯଥାସ୍ଥାନରେ ପ୍ରକାଶ କଲୁଁ । ପତ୍ରପ୍ରେରକ ମାଜିଷ୍ଟ୍ରେଟ ଅପେକ୍ଷା ଇନସ୍ପେକ୍ଟର ଏବଂ ସବଡେପୁଟିଙ୍କୁ ଅଧିକ ଦୋଷୀ କରୁଅଛନ୍ତି । ମାଜିଷ୍ଟ୍ରେଟ ବିଲାତିଲୋକ ଥିବାରୁ ରାଜାଙ୍କର ମର୍ଯ୍ୟାଦା ଓ ଗଡ଼ଜାତର ବିଷୟ ଭଲ ଜାଣି ନ ଥିଲେ ମାତ୍ର ସେମାନଙ୍କୁ ତ ସେ ସବୁ ଜଣାଅଛି । ସେମାନେ କିପରି ବିନା ଆପତ୍ତିରେ ରାଜାଙ୍କୁ ଅପମାନ କରିବାକୁ ଅଗ୍ରସର ହେଲେ ? ଏ ବିଷୟରେ ପତ୍ରପ୍ରେରକ ସାଧାରଣ ମତ ପ୍ରକାଶ କରିଅଛନ୍ତି ସନ୍ଦେହ ନାହିଁ । ମାତ୍ର ପୁଲିସ ଇନସ୍ପେକ୍ଟର ଲୋକପ୍ରିୟ ହୋଇଥିଲେ ତାହାଙ୍କ ପ୍ରତି ଅବଶ୍ୟ ସହାନୁଭୂତି ପ୍ରକାଶ କରିବାର ଲୋକ ଅପ୍ରାପ୍ତ ହୁଅନ୍ତେ ନାହିଁ । ଯେ କାରଣରୁ କେଉଁ ଲୋକେ ତାହାଙ୍କୁ ମନ୍ଦ ବୋଲି ବୁଝିଅଛନ୍ତି । ଏତେବେଳେ ଛାଡ଼ିଦେଲେ ହାଲେ ସେ ଅଧିକ ଅନିଷ୍ଟ କରିବେ ଏହି ଭୟରେ ତାହାଙ୍କୁ କ୍ଷମା କରିବାର କାହାର ଇଚ୍ଛା ନୁହେ । ପ୍ରକୃତରେ ମନ୍ଦଲୋକଙ୍କୁ ଦୟା ଓ କ୍ଷମା କରିବା ଭଲଲୋକ ପ୍ରତି ଅତ୍ୟାଚାର କରିବା ତୁଲ୍ୟ ଅଟେ । ତଥାପି ଆମ୍ଭେମାନେ କହୁଁ କି ଉପଯୁକ୍ତ ମତେ ପ୍ରକାଶ୍ୟରେ କ୍ଷମା ପ୍ରାର୍ଥନା କଲେ ତାହା ଗ୍ରହଣ ନ କରିବା କୌଣସି ଭଦ୍ରଲୋକ ବିଶେଷତଃ ଯୁବରାଜାଙ୍କ ପରି ଉଚ୍ଚପଦସ୍ଥ ବ୍ୟକ୍ତିଙ୍କର ଉଚିତ ବୋଲି ଆମ୍ଭେମାନେ କହି ନ ପାରୁଁ । କ୍ଷମାପ୍ରାର୍ଥନାହିଁ ଅପମାନର ଯଥେଷ୍ଟ ଦଣ୍ଡ, ଅନ୍ୟ କୌଣସି ଦଣ୍ଡ ତହିଁର ସମ ନୁହେ । କାରଣ ମର୍ଯ୍ୟାଦାର ମୂଲ୍ୟ ନାହିଁ । ଯୁବରାଜା ସ୍ୱୟଂ କମିଶନର ସାହେବଙ୍କୁ ଜଣାଇ ତାହାଙ୍କ ମତର ଅନୁସାରେ ଚଳିବାର ଉତ୍ତର ଦେଇ ସୁବୁଦ୍ଧିର କାର୍ଯ୍ୟ କରିଅଛନ୍ତି । ସକଳ କଥା ପ୍ରକାଶ ପାଇଲା ଯାହାରୁ ସେ ରକ୍ଷା କଲେ ତାହାଙ୍କର ମହତ୍ତ୍ୱ ରହିବ । ଅଥଚ ରକ୍ଷା ହେଲା ବୋଲି କମିଶନର ସାହେବଙ୍କଠାରୁ ସକଳ ବିଷୟ ଅବଗତ ହୋଇ ଗବର୍ଣ୍ଣମେଣ୍ଟ ସେମାନଙ୍କର ଦାୟିତ୍ୱ ଆଚରଣର ସୁବିଚାର ନ କରି ନିଶ୍ଚିନ୍ତ ରହି ପାରିବେ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଛୁଟିରେ ଥିବା ବାଲେଶ୍ୱରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବେମିଲିସ ଚାର୍ଜ ହୋଇବେ ଓ ମିଃ ... ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେଲେ ।

କେନ୍ଦୁଝର ଓ ନୀଳଗିରି ଭେଜାଟ ସମ୍ପୃକ୍ତର ସ୍କୁଲ ସବଇନସ୍ପେକ୍ଟର ବାବୁ ଲକ୍ଷ୍ମୀକାନ୍ତ ସାହୁ ଷଷ୍ଠ ଶ୍ରେଣୀର ବେତନ ପ୍ରାପ୍ତ ହେଲେ ।

---

ଏ ସପ୍ତାହର ଅଧିକାଂଶ ଦିନ ଏ ନଗରରେ ବର୍ଷା ହୋଇ ନାହିଁ । ଗତ କାଲିଠାରୁ ମେଘୁଆପାଗ ହୋଇଅଛି । ଏ ପର୍ଯ୍ୟନ୍ତ ଏ ନଗରରେ ଅସ୍ୱ ବଳୟ ହେଉଅଛି ।

ଆସନ୍ତା ଉପଲକ୍ଷରେ ଆଜ ସକାଳ ଘ ୭ ଟା ସମୟରେ ଏ ନଗରର ଜୁମା ମସଜିଦରେ ମୁସଲମାନମାନଙ୍କର ଉପାସନା ଏବଂ ତଦନ୍ତେ ଭିକ୍ଷା ଦାନ ହେବ ।

ସେହି ଉପଲକ୍ଷରେ ଆଜ ପୂର୍ବାହ୍ନ ଘ ୮ ଟାଠାରୁ ଘ ୧୧ ଟା ପର୍ଯ୍ୟନ୍ତ ହିନ୍ଦୁମାନଙ୍କର ଶ୍ରୀ ଗୋପାଳଜୀଉ ମଠରେ ପୂଜା ଏବଂ ତଦନ୍ତର ନଗର ସଂକୀର୍ତ୍ତନ ହେବ ।

ମୋଗଲବନ୍ଦୀର ଏକ ଅଞ୍ଚଳରେ ଏକ ଦିନ ଘୋର ବୃଷ୍ଟି ହୋଇଥିଲା । ଜଳର ଅଭାବ ନାହିଁ ଏବଂ ଫସଲର ଅବସ୍ଥା ଭଲ ଅଛି ।

ବ୍ରାହ୍ମଣୀ ବୈତରଣୀ ପ୍ରଭୃତି ନଦୀମାନ ପୁନଃ ବଢ଼ିବାରୁ ଯାଜପୁର ଏଲକାର କେତେ ସ୍ଥାନରେ ବନ୍ୟା ହୋଇ ଫସଲର ବହୁ କ୍ଷତି କରିଅଛି ।

ସୁବର୍ଣ୍ଣ ବଳ ଏବଂ ରୂପନାରାୟଣ କେତେକ ସ୍ଥାନରେ ଅନାବୃଷ୍ଟି ଉପସ୍ଥିତ ହୋଇଅଛି । ଅନେକ ଲୋକ ଧାନ ରୁହିଲ ନ ପାଇ ଫଳମୂଳ ଶାଗ ଖାଇ ପ୍ରାଣଧାରଣ କରୁଅଛନ୍ତି ।

ସୁଜବାର ସଜା ସେନଗର ବନ୍ଧ ଦେଖି ଜଜ ସାହେବ ଜୋନ୍ଷ୍ଟ ଅନେକଙ୍କ ଦିଆଇଅଛନ୍ତି । ତହିଁରୁ ୮୦୦ ଜଣ ଲୁଟ ଉଦ୍ଧାରୀ ମୁକ୍ତ ହୋଇଅଛନ୍ତି । ଶୁଣିଲୁ ମା ୨ ସ ପର୍ଯ୍ୟନ୍ତ ଏହି ଜଜ ରହିବାର ସମ୍ଭବ ଅଛି ।

କଲିକତା ଖାଲିଗଞ୍ଜ ଠାରେ ଏକ ବୃଦ୍ଧ ରଣୀ ଗାଡ଼ିରେ ଯୋଡ଼ିଏ ଅନୁକମ୍ପିତା ବାଳିକା ଶେଷ୍ଟ ପାଣିରେ ପେଲାଇ ପକାଇଲେ । ଯେବେ କଲିକତାର ବୁଢ଼ି ଉଠାଇ ଆଣିଲେ ମଧ୍ୟ ସାକ ଟିକିଏ ମଧ୍ୟ ଯାଇଥିଲା । ପିଲାଙ୍କୁ ଏବା ସେ ଖଟ୍ଟିକୁ ପଠାଇବା ଉଚିତ ନୁହେ ।

କଲିକତାଠାରେ ଜଣେ ମୁସଲମାନ ଗୋଟିଏ ବ ଚକାର ଦକାନ ହେବା କାରଣ ପ୍ରାର୍ଥନା କରିଥିଲା ମାତ୍ର କାରବା ଅନୁମତି ହେବାରୁ ଘୋଷଣା ସମ୍ବାଦ ସଙ୍ଗେ ସଙ୍ଗେ କାହାଣୀକର ଦେଖାଯାଇ ସେଠାରେ ତାକୁ ତାହାର ଦକ ତାହାର ଦାନ୍ତ ଭଙ୍ଗିଦେଇଅଛି ।—ମୋକଦ୍ଦମା ବର୍ତ୍ତମାନ ବିଚାରାଧୀନ ।

ଫ୍ରାନ୍ସର ସରକାର ... ସାହେବ ସିଙ୍ଗ ପ୍ରଚଳିତରେ ଗୋ ୨୭ ଟି ଧର୍ମସମିତି ବନ୍ଦ କରି ଦେଇଅଛନ୍ତି । ଏ ସେଠ ସାମାଜିକ ଓ ଜାତୀୟ ଚାଲୁ ଥିବା ଯୋଗାଡ଼ିବା ଓ ପିଣ୍ଡିପିଣ୍ଡି ହୋଇଥିଲା ମାତ୍ର ଦକ୍ଷେଣ ଜନ ଅବସ୍ଥା ହୋଇ ନାହିଁ । ସମ୍ପ୍ରତି ଏଥିରେ ବନ୍ଦ ପରିଚାର ହୋଇଅଛନ୍ତି ।

ଆମ୍ଭମାନଙ୍କର ସମ୍ରାଜ୍ଞୀ ପ୍ରଜାପତିଙ୍କର ରାଣୀଙ୍କ ସାକ୍ଷାତ ଦେଇ ତାଙ୍କୁ ଦୁର୍ଗର ଏକଶେଷ ପଦକ ଓ ଅସଣାର ଏବ ସମ୍ରାଟଙ୍କ ଫଟୋଗ୍ରାଫ ଦାନ କରିଅଛନ୍ତି ।—ଏ ସ୍ଥାନ ସମ୍ମତ ଅଟଇ ।

ବଡ଼ଲାଟ ମହୋଦୟ ଦାକ୍ଷିଣାତ୍ୟ ଭ୍ରମଣ ଶେଷ କରି ଅକ୍ଟୋବର ତା ୨୦ ଦିନରେ ସିମଲାଠାରେ ପହଞ୍ଚିବେ । ତାଙ୍କ ପତ୍ନୀ ମହୋଦୟା ବର୍ତ୍ତମାନ କାଶ୍ମୀରଠାରେ ଅଛନ୍ତି । ସେ ମଧ୍ୟ ସେହି ତାରିଖରେ ସିମଲାଠାରୁ ପ୍ରତ୍ୟାବର୍ତ୍ତିତ ହେବେ ।

ଦକ୍ଷିଣ ଆଫ୍ରିକାର ଯୁଦ୍ଧ ଶେଷ କରି ଲର୍ଡ କିଚନର ମହୋଦୟ ବଙ୍ଗରେ ପହଞ୍ଚିଥିବାର ପାଠକଙ୍କୁ ଜଣାଅଛି । ତାଙ୍କୁ ବର୍ତ୍ତମାନ ସାର୍ଜେଣ୍ଟ, ଲଲ ଏବଂ ଗୃହପଥର ପ୍ରଜା ଉପାଧି ପ୍ରଦତ୍ତ ହୋଇଅଛି ।

ଦକ୍ଷିଣଆଫ୍ରିକାର ପୂର୍ବସମୟରେ ଯେଉଁ ବୁଅରମାନେ ମଦ୍ୟଗରେ ବନ୍ଦୀ ନଜରବନ୍ଦ ହୋଇଥିଲେ ସେମାନଙ୍କର ଅଧିକାଂଶମାନେ ପରମଧ୍ୟରେ ସନ୍ତ ହୋଇସିବାରୁ ଅନ୍ୟ ପଦ ଗ୍ରହଣ କରିଥିଲେ । ବର୍ତ୍ତମାନ ନଜରବନ୍ଦ ହୋଇ ଯାଇଥିବା ବୁଅରମାନେ ଯେତେଥର ଆପଣାର ସ୍ତ୍ରୀ ଦାବି କରିବାରୁ ମାମଲା ଦେବାର ଅଦାଲତ ପର୍ଯ୍ୟନ୍ତ ଯିବାର ଜଣା ଯାଉଅଛି ।—ଏ କୌତୁକ ମନ୍ଦ ନୁହେ । ଅଦାଲତରେ କେଉଁ ସ୍ୱାମୀର ଜିତିହେବ ଜାଣିବାକୁ ବାକି ରହିଲା ।

ପାରସ୍ୟ ଉପସାଗରରେ ବାହାରଦ୍ୱୀପ ସେଠ ଇଂରାଜ ଓ ପାରସ୍ୟ ରାଜାଙ୍କ ମଧ୍ୟରେ ବିବାଦ ଉପସ୍ଥିତ ହୋଇଅଛି । ଏହି ଦ୍ୱୀପ ଲମ୍ବରେ ୩୦ ମାଇଲ ଏବଂ ପ୍ରସ୍ଥରେ ୧୦ ମାଇଲ ଅଟେ ଏବଂ ଏଥିର ଅଧିବାସୀ ସଂଖ୍ୟା ୬୫୦୦୦୦ ଣ । ଏଥିର ଶୁଦ୍ଧାନନ୍ଦଙ୍କ ମାନାମାରେ ଏକ ବନ୍ଦର ଅଛି । ଏଥିରେ ମୁକ୍ତାର ବ୍ୟବସାୟ ପ୍ରଧାନ ଅଟେ ଏବଂ ମୁକ୍ତା ଧରିବା ସମୟରେ ବୁଡ଼ାରେ ବୁଡ଼ିବାର ବୋଟବାଲା କାର୍ଯ୍ୟ ହୁଏ ଏବଂ ପ୍ରତି ବୋଟରେ ୬୮ ଣ ଠାରୁ ୬୭୦ ଣ ପର୍ଯ୍ୟନ୍ତ କାର୍ଯ୍ୟ କରନ୍ତି । ପ୍ରତିବର୍ଷ ପ୍ରାୟ ପଚାଶ ଲକ୍ଷ ଟଙ୍କା ମୂଲ୍ୟର ମୁକ୍ତା ଧରାଯାଏ । ଏଥିର ଅଧିବାସୀମାନେ ଆରବଜାତୀୟ ଏବଂ ଇଂଲଣ୍ଡ ରାଜାଙ୍କ ଅଧୀନ ପ୍ରକାର କଥିତ ହୁଏ ।

ଉତ୍ତର ଇଣ୍ଡିଜ ଦ୍ୱୀପପୁଞ୍ଜରେ ଅଗ୍ନ୍ୟୁତ୍ପାତରେ ନଗରକ ନଗର ଧ୍ୱଂସ ହୋଇଥିବା ବିଷୟ ପାଠକମାନଙ୍କ ଜଣା ଅଛି । ସେଠା ଅଧିବାସୀଙ୍କ ସାହାଯ୍ୟ କାରଣ ବିଲାତ ପାର୍ଲିଆମେଣ୍ଟ ଅନେକ ଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି ।

ବିଲାତ ପାର୍ଲିଆମେଣ୍ଟର ବାଦାନୁବାଦ ସମୟରେ ଜର୍ମାନର ତୋପ ସମ୍ବନ୍ଧରେ କଥା ପଡ଼ିଥିଲା । ତହିଁରୁ ପ୍ରକାଶ ହେଲା ଯେ ସେଠା ତୋପ ଜର୍ମାନ ତୋପଠାରୁ ଅଟଇ ମାତ୍ର ସେ ତୋପ ଦୂର କଲେ ବିଲାତି ତୋପଠାରୁ ତାହାର କାର୍ଯ୍ୟକାରିତା ଅଧିକ ଥିବାର ଦେଖା ଯାଉଅଛି ।

ପଞ୍ଜାବ ଅଞ୍ଚଳରେ ପଶୁ ପ୍ରଦର୍ଶନୀ ନିମିତ୍ତ ତହିଁର ବର୍ଷକୁ ଟ ୨୫୦୦ ଙ୍କା ମଞ୍ଜୁର ହୋଇଅଛି । ସର୍ବତ୍ର ପଶୁପ୍ରଦର୍ଶନୀ ହେବା ଉଚିତ । ତାହା ନ ହେଲେ ଅନ୍ତତଃ ଗୋରୁମାନଙ୍କର ଯେଉଁ ଦୁରବସ୍ଥା ଘଟିଅଛି ତାହାର ପ୍ରତିକାର ହୋଇ ପାରିବ ନାହିଁ ।

## ସ୍ଥାନୀୟ ସମ୍ବାଦ ।

ଜଗନ୍ନାଥ ବଲ୍ଲଭ ନରହତ୍ୟା ମୋକଦ୍ଦମାରେ ବାବୁ ଜଗତ୍ୟାନନ୍ଦ ରାଇ ଡ୍ରଃ ମାଃ ଙ୍କ ଦପ୍ତରରେ ପଣ୍ଡା ଜଗନ୍ନାଥ ମହାପାତ୍ର ଓଗେର ଛଅ ଜଣ ଅସାମୀ ଜଗୋଷ କ ମକ୍ଦ୍ଦମ କରିଅଛନ୍ତି ।

ସାତ ସାହିରେ ଓଲଉଠା ପଡ଼ିଅଛି । ଡାକ୍ତରମାନେ ଗୁଣ୍ଡିଚା ମଣ୍ଡପରେ ଥିବା ଓ ଓଲଉଠା ରୋଗୀ ଦିନ ଘ ୧ ଟାଠାରୁ ଚାହିମାନ ନାଗର ହୋଇଯାଉଅଛି ।

ଏ ସପ୍ତାହରେ ପ୍ରାୟ ପ୍ରତ୍ୟହ ବର୍ଷା ହେଉଅଛି । କୃଷକମାନେ ଆନନ୍ଦରେ କୃଷି କର୍ମରେ ବ୍ୟାପୃତ ଅଛନ୍ତି ।

ଏଠା କୋର୍ଟର ଜଣେ ସବଇନସ୍ପେକ୍ଟର ଗତ ରଥ ସମୟରେ ଏକ ବ୍ୟକ୍ତିଙ୍କୁ ଦୁଇବେଳ ପ୍ରହାର କଲା, ମାଜିଷ୍ଟ୍ରେଟ ସେ ସମୟରେ ଉପସ୍ଥିତ ଥିବାର ଦେଖି ସେ ଲୋକ ତାହାଙ୍କ ନିକଟରେ ମୌଖିକ ଫିରାଦ କରନ୍ତେ ତାହାକୁ ଟ ୫୧ ଙ୍କା କ୍ଷତିପୂରଣ ଦେବା କାରଣ ସବଇନସ୍ପେକ୍ଟରଙ୍କ ପ୍ରତି ଆଦେଶ ଦେଲେ ଏ ଶିକ୍ଷା ଉପଯୁକ୍ତ ହୋଇଅଛି ।

ଲଥପାଣ୍ଡା ସବାଶେ ମୋଫସଲର ତପାଦାରମାନେ ସହରକୁ ତଲବ ହୋଇ ଅଧି ପ୍ରାୟ ଏକ ମାସ ହେଲା ଅଟକ ରହୁଅଛନ୍ତି । ଅଥଚ ମୋଫସଲର କାର୍ଯ୍ୟରେ ବାଧା ପଡ଼ୁଥିବାର ପତ୍ରୀ ନାହିଁ । ଏହିରୁ ଏମାନେ ଅନର୍ଥକ ରହିବାର ଚମକ ହେଉ ନାହିଁ କି ?

Digitized by srujanika@gmail.com

# ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭକୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼ଲିଭର ଅଏଲ, ଫସ୍ଫୋଫାଇଲ ରେଭିଟ୍ୟାଲାଇଜର ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନି ହୋଇ ନାହିଁ ।

କଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଘୁଞ୍ଚିଯିବନାହିଁ !

ଯଦିଓ ଉପଶମ ଦେଖାଯାଇ ଥିଲେ ସ୍ଥାୟୀରୂପେ ସମୟରେ ରୋଗ ନିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଶାନ୍ତ ନିଶେଷ ହୋଇଯାଏ ; ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତ ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ଲହିବାକୁ ହୁଏ । କିନ୍ତୁ

ସ୍ୱାଇମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଅବ୍ୟର୍ଥ କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ଚଳିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଆମେରିକା, ଇଉରୋପ ଅଷ୍ଟ୍ରେଲିଆ ଓ ଅଫ୍ରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତିଦିନ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଜ୍ୱଳନ୍ତ ପ୍ରମାଣ !

ସ୍ୱାଇମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ୧୫ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସହ ଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ କସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେଁ କିନ୍ତୁ ଗୁଣର ତୁଳନାରେ ଏବଂ ମାତ୍ରା ଔଷଧ ଏବଂ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାଇମାଟିନର ଶକ୍ତି ଭିନ୍ନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ବୃକ୍କପିଣ୍ଡ ବା ମୂତ୍ରାଶୟ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରନଳୀରୁ ଅଳ୍ପ ବା ଅଧିକ ସ୍ରାବ, ଟୋପା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ ଘାଆ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହ୍ରାସତା, କ୍ଷୁଧାଭାବ, ହାତ ଗୋଡ଼ ଫୋଲା ହେବା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ-ବଦ୍ଧତା ପ୍ରଭୃତି ଆନୁସଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରା ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମି ଘା, ପାରାର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ଼ ଓ ଅଣ୍ଟାରେ ବେଦନା, ନୂତନ ପୁରାତନ ମେହ ଗଣ୍ଠିବାତ, ଗରମି ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକାଏ ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ ସାଦା ବା କଳା ହେବା, ଚର୍ମ୍ମ ଫାଟିଯିବା, ଉଠିବା ପୁନଃ ବାଗି ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ପିତ୍ତାଶ୍ରିତ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ହମାକାଶ, ଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, କେତେକାଳ ପ୍ରଦାହ, ଆହାରରେ ଅରୁଚି, ଓ ବିଷାଦ, ଗଳା ଜଳିବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ ; ଇତ୍ୟାଦି ଫୁସ୍ଫୁସ୍ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ଡେ-ଡୋଷ୍ଟୀ ଭେଜମ୍ବର ବିଶେଷ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମିତ୍ତ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇ-ଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ୱାଇମାଟିନ—ଶରୀର ଯନ୍ତ୍ରର ସଞ୍ଚିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋଳ୍ପଭ ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ୱାଇମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

Digitized by srujanika@gmail.com

Split by PDF Splitter




ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଉଜନ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୫/ ଛଅ ଶିଶିରେ ଟ ୦ ୩/ ଓ ୬ ଶିଶିରେ ଟ ୧ ଓ ଉଜନ ଟ ୧୨

ଷ୍ଟାମ୍ପ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| Manager<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପରମାଟିନ ଡିପୋ<br>ନ ୨୨ ନଂ ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କବିରତ୍ନଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।

୧୩ । ୬ ନଂ କରଗୋପଷ୍ଟ୍ରୀଟ, ସିମଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ନାନାବିଧ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗେନ୍ଦ୍ର ବଟିକା ।

(ଅର୍ଥାତ୍ ବୃହିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗସ୍ତବ୍ଧ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତର ମାନଙ୍କ ବୁଦ୍ଧିବଳସ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଅହାରର ପରେ ଅମ୍ଳ-ଉଦ୍ଗାର (ଖଟାଢେକୁଟ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାପଦୋଷ, ଶରୀରରେ ଚକାକାର ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପ୍ରସ୍ରାବ ରୋଗ, ବହୁମୂତ୍ର, ମେହରୋଗ, ମସ୍ତିଷ୍କ ଘୂର୍ଣ୍ଣନ, ବନ୍ଦ ବନ୍ଦ ମୂତ୍ରସ୍ରାବ ଓ ନାଳୀଘା ନିଃସନ୍ଦେହ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଶୁକ୍ଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ନୀରୋଗ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଚାରି ଅଣା । ଔଷଧ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY, CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !

ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି

"ଇଲେକ୍ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଅଦ୍ଭୁତ ଓ ଅକୃତ୍ରିମ ।

ଆଉ ନାନାରୂପ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ ନାନାରୂପ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ଶତ ଶତ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨୪ ମାତ୍ର ସେବନ ମାତ୍ରେ ରୋଗୋପଶମ ସୂଚନା ଅନୁଭବ କରାଯାଏ, ପୁଣି ୩/୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଗଜେଟରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ଦିଏ ଭିତରେ ରଖେ ଜନ୍ମ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଦୂରଦର୍ଶନ ଫଳେ ଏହା ପ୍ରସ୍ତୁତ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧ ଜଗତରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଅନେକ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଳରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଠାରେ ଏବେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଙ୍ଗପ୍ରଙ୍ଗ ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, ଭୂଣ୍ଡିଅଣ, ଚୁଲ ଗରମି ଓ ପାରାର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଘାସ ଗରମିର-ଶାଦା ବା କଳା ଚକ୍ର, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତନ୍ନିର କଷ୍ଟଦାୟକ ଲକ୍ଷଣାଦି ପୁଣି ପାରଦ ଓ ଗରମି-ବିଷର ଜଡ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ସାବଜାୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,


Digitized by srujanika@gmail.com

ସ୍ନାୟବିକ ସମ୍ବନ୍ଧ ବା ପଦେ-ଦୃଷ୍ୟ ବା ଅଦୃଷ୍ୟ ଶୁକ୍ର ଷରଣ, ନିମ୍ନ ମଳ ବେଗରେ ବାର୍ଯ୍ୟ ନିର୍ଗତ ହୋଇଥିବା ବା ଅଣ୍ଡଦ୍ୱୟର ଅବସାଦ ହେଇ ପୁରୁଷ-ଶକ୍ତି କ୍ଷୀଣ, ମୁଣ୍ଡ ଘୁରାଇବା, ଚକ୍ଷୁର ଅନ୍ଧାରିଆ, ନିର୍ଜନ ପ୍ରିୟତା, ଚଲାବୁଲା କରିବାକୁ ଅସମର୍ଥତା, ସାମାନ୍ୟ ସମ୍ବାଦ ବା ଉତ୍ତେଜନା ପାଇଁ ଶୁକ୍ର ସ୍ଖଳନ ହେବା ଇତ୍ୟାଦି ସାବଲୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ନଷ୍ଟ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା:—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ତନୁ କାନ୍ତି ହୋଇ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସମ୍ବନ୍ଧ କୌଣସି ପ୍ରକାର ଅଶାନ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ପଥ୍ୟାପଥ୍ୟ :—ସୁଧା କ୍ରମରେ ବଶ କରିବା ଦରକାର ନାହିଁ । ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ଭୂମ୍ବ ରୋଗର ପ୍ରକୃତ ଔଷଧ ! ଯେବେଠାରୁ କୋଟିଏ ରୋଗୀ ସୁସ୍ଥ ଅଛନ୍ତି ଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି । ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟ୍ରି କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ହେମନ୍ତ, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ଇତ୍ୟାଦି ଅନେକଙ୍କ । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ,— "ଡବଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

ଏହାର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହାପରେ ଆମର "ଟ୍ରେଡ୍ ମାର୍କ" ଯେଉଁ ଚିହ୍ନରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO.'S MEDICAL LABORATORY CALCUTTA
TRADE MARK

ଅନେକଙ୍କ ପ୍ରଦେଶ ଗଭର୍ଣ୍ଣର ଉପାଧିଧାରୀ ମହାପଣ୍ଡିତ ଡାକ୍ତର ହେମନ୍ତ, ମେଜର ଏମ, ଏ, ଏମ, ଡି ସାହେବଙ୍କ ଅଦ୍ଭୁତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏନାହିଁ, ଯାହା ଚିକିତ୍ସକମାନେ ସେହି ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗକୁ ନଷ୍ଟ କରେ !

ଇଲେକ୍‌ଟ୍ରୋ ସାଲସା,—ବୈଜ୍ଞାନିକ ଉପାୟରେ ରସାୟନର ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ସ୍ଫୂର୍ତ୍ତି ସେମନ୍ତ ଶରୀରାଭ୍ୟନ୍ତରେ କୌଣସି ବୈଦ୍ୟୁତିକ କ୍ରିୟା ଅନୁଭବ ହୁଏ । ବୈଜ୍ଞାନିକ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ଉଦାହରଣ !!

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଉପରର ଲକ୍ଷଣର ବୁଝାପଡ଼ିବା ଶକ୍ତି ଦେଖିବା ନାହିଁ । ଉପରର ପ୍ରକୃତ ବ୍ୟବହାର ପ୍ରକୃତ ହେବା ସମ୍ଭବପର । ଏପରି ଉପରର ସମସ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଚରକ ପଣ୍ଡିତମାନେ କହନ୍ତି, କାଳ ଜ୍ୱରଙ୍କର ଲକ୍ଷଣରେ ଓ ସାଙ୍ଘାତିକ ଅବସ୍ଥାରେ ସକଳେ ବୈଦ୍ୟୁତିକ ଶକ୍ତିର ପ୍ରୟୋଗ କଲେ ଆଶୁ ଫଳ ଦିଏ ଏବଂ ପରୀକ୍ଷାରେ ଇହା ଓ ପର ସମ୍ବନ୍ଧୀୟ ପୀଡ଼ାର ଉପଶମ ହୁଏ । ପୁଣି ସେହି ବୈଜ୍ଞାନିକ ଶକ୍ତିର ସମତା ଶରୀରଯନ୍ତ୍ରରେ ରକ୍ଷା କରାଯାଇଲେ ମାନବ ଦୀର୍ଘଜୀବୀ ଓ ସର୍ବାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସେବନରେ ସେ ଶକ୍ତିର ସମତା ରକ୍ଷା ହୋଇ ନ ପାରେ । ତଡ଼ିତ ଶକ୍ତି ସଂଯୋଗ ବ୍ୟତୀତ କୌଣସି

ଔଷଧରେ ସେ ଅଦ୍ଭୁତ ସମ୍ପୂର୍ଣ୍ଣ ମୋହନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ରସାୟନ ଶାସ୍ତ୍ରର ସାହାଯ୍ୟ ବା ତାଡ଼ିତଶକ୍ତି ଆବିଷ୍କାର କରନ୍ତି ଏବଂ ସେଥିରେ ତାହାର ବାହ୍ୟ ପ୍ରୟୋଗ କରାଯାଇଥାଏ, ପଶ୍ଚାତ୍, ବହୁ ଗୌରବ ପ୍ରକୃତ ଦେହୋତ୍ପନ୍ନ ଶକ୍ତି ଉତ୍ପନ୍ନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଜଟିଳ ସମାଜକୁ ଏବେ ବି ଜଣାଇ ଦେବାକୁ ହେବ ନାହିଁ । ଆଜି ଏ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜଗତର ମନସ୍ୱୀ ଜନତା ମାନ ଡାକ୍ତର ମେଜର ତାଡ଼ିତଶକ୍ତିର ଅଲୌକିକ ପ୍ରୟୋଗାର୍ଥ ତାହାକୁ ବହିଃ ଲେଖିକ ବାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧ ଉଦ୍ଭାବନ କରି ପ୍ରଚାର କରୁଅଛନ୍ତି ଏବଂ ପୁରୁଷ ଓ ଉଭୟ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅପେକ୍ଷା ସଞ୍ଜୀବନୀ ଶକ୍ତି ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଆଉ କାହାକୁହିଁ ଅଯଥା ଓ ଅସାଧ୍ୟ ଗୁଣବର୍ଣ୍ଣନ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥବା କାହାରିକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେବ ଏହି ମହୌଷଧକୁ ଏହି ମହାବଳ୍ଲିକୁ ଏହି ବୈଦ୍ୟୁତିକ ସଞ୍ଜୀବନୀ "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅକାଳମୃତ୍ୟୁ ଦେହ ପ୍ରତି ବର୍ଜିତ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସୌନ୍ଦର୍ଯ୍ୟ ପୁନି ଫେରିପାଇବ ।

ରକ୍ତ ଦୋଷର ଦୁଷ୍ଟ, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗର୍ମିଘା, ନାଳୀଘା, ଗାତ୍ରକଣ୍ଡୁ, କାଛୁ, କୁଣ୍ଠ, ଗଣ୍ଡିରୋଗ, ପ୍ରମେହ, ଧାତୁ ଦୌର୍ବଲ୍ୟ, ବାର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳନ, ସ୍ତ୍ରୀ ସହବାସରେ ଅକ୍ଷମ, ଲିଙ୍ଗ ଜଡ଼ତା, ମୁଣ୍ଡ ବୁଲାଇବା, କୋଷ୍ଠବଦ୍ଧ ଅଗ୍ନିମାନ୍ଦ୍ୟ ଏବଂ ଉଭୟସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ । ତତ୍ପରତ ନିଅନ୍ତୁ ପରୀକ୍ଷା କରି ଦେଖ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧, ୧୨ ଶିଶିର ୨ ଅ, ୭ ଶିଶିର ୫ ୧୦, ଡଜନର ୫ ୨୪ ୧ ଡାକଖର୍ଚ୍ଚ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ୫ ॰ ।୵, ୩ ଶିଶିରେ ୫ ॰ ।୵, ୭ ଶିଶିରେ ।୵, ଡଜନରେ ୫ ୧।୵ ।

ଅମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା
TELEGRAPHIC ADDRESS;
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ୦ ୦ ୬
ଅଧସ୍ତମ୍ଭକୁ ୫ ୨ ୮
ପୂର୍ଣ୍ଣ ଏକ ସ୍ତମ୍ଭକୁ ୫ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଖର୍ଚ୍ଚ ୫ ୦ ୩ ଠାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅଧା ଓ ତୃତୀୟ ଥରଠାରୁ କମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳ ପ୍ରେସରେ ଶ୍ରୀ ... ଦ୍ୱାରା ମୁଦ୍ରିତ ହେଲା

Digitized by srujanika@gmail.com

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମହୁରୀ ଜଣାରଇତ୍ରି ସେକ୍ରେଟାରୀ ବାଲକା | | ଟ ୫। |
| „ ପଂଚମେହୁସ୍ଥ ଲଗ୍ନା ମଲପୁର | | ଟ ୧୯ |
| ଶ୍ରୀ ବାବୁ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଖୋର୍ଦ୍ଧା | | ଟ ୧( |
| „ ରଘୁନାଥ ଘୋଷ କଟକ | | ଟ ୬॥ |
| ମୁନସୀ ମହମ୍ମଦ ମଜହର | „ | ଟ ୦ ୩ |
| „ ମହମ୍ମଦ ଇସ୍ମାଇଲ | | ଟ ୧। |
| ସେକ୍ରେଟାରୀ ଶ୍ରୀ ଶ୍ରୀ ଦଣ୍ଡୀବର୍ଦ୍ଧିନୀ ସମାଜ ପାଲଲହିଁଡ଼ି | | ଟ ୩( |
| ଶ୍ରୀ ବାବୁ ସୀତାନାଥ ଘୋଷ କଟକ | | ଟ ୧( |
| „ ଗଜେନ୍ଦ୍ରନାଥ ଦାସ ଡାକ୍ତର ଅଙ୍ଗୁଲ ଗୋଳ | | ଟ ୩( |
| „ ଦାମୋଦର ହରିଚନ୍ଦନ ତାଲଚେର | | ଟ ୩( |

# ବିଜ୍ଞାପନ ।

## ଏହାଠାରୁ ଆଉ ନାହିଁ

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଲନାରେ ମୂଲ୍ୟ ଅତ୍ୟନ୍ତ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହୋଇଥାଉ ନାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ଅଳ୍ପ କାଳ ମଧ୍ୟରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସହସ୍ରାଧିକ ଏହା ଅତ୍ୟଧିକହାରରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ ସେଥିର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାକୁ କେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ର ସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମତାରକ ସେନ ।

ଦେବ ଉତ୍କଳପ୍ରେସ, ବାଲେଶ୍ୱର

# ବିଜ୍ଞାପନ ।

## ଏଉରୁ ଦେବଙ୍କ ଅଏଣ୍ଟମେଣ୍ଟ ।

ବା

### ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵୮ ଅଣା ।

ପ୍ରାପ୍ତିସ୍ଥାନ ଏଜେଣ୍ଟ, ଦେ

ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ

ବାଲେଶ୍ୱର ।

# ବିଜ୍ଞାପନ ।

## ଫଲେନ ପରିଚୀୟତେ

### କବିରାଜ ଶ୍ରୀଛକଡ଼ି ଦତ୍ତ କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

### ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାର୍ଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

## ବ୍ରାହ୍ମୀ ଘୃତ

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚକ୍ଷୁ ମୃଦୁତ୍ୱ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୯

## ଶ୍ରୀ କ୍ଷୁଧାବର୍ଦ୍ଧକ ବଟିକା

ଏହି ଔଷଧ କାର୍ଯ୍ୟ କ୍ଷମତାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପାହାରେ ବସ୍ତୁତଃ କାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ଯଥେଷ୍ଟ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ଯାଇବେ ।

ଏକ ଡ଼ିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ୟାଣ ରସାୟନ ।

### ( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଜାତ, ପାର-ଦାଦି ଦୋଷଜନିତ ଶରୀରରେ କଳା ଓ ରକ୍ତ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକାଳେ ତିନିଶିଶି ନେଲେ ଟ ୪୯ ଙ୍କା ଲାଗେ ।

ଚୌଧୁରୀ ବଜାର କଟକ } ଶ୍ରୀ ଛକଡ଼ି ଦତ୍ତ କବିରତ୍ନ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

# ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କ ବଣ୍ଡପ୍ରସ୍ତାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରଣପୁରଗଡ଼, ସରେଇକଲା, ସୋନ-ପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ,ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର,ଛୋଟନାଗପୁର, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, ଚେଲି, ଦଂଶାପ, ବାଘ୍ରା, ଅଙ୍ଗୀ, ଦୋପଟ୍ଟା ମଶିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଉତ୍ତମ ଗଢ଼ନ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଦେଉଁ ଠିକଣାରେ କ ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରାଇ-ଦେବା ମାସୁଲ ମାଲ ମଗାଉଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ମାଲ ଗୋଲାବଥ

ବୁଲାନାଳ ଫାଟକ ବନାରସ ସିଟି

☞ ମୂଲପତ୍ର ଦେଖ ।

Split by PDF Splitter

REGISTERED No. C 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

୩୭ ଭାଗ | CUTTACK, SATURDAY THE 16th August 1902. | ଅଗ୍ରିମ ୫ ୩୯
୩୩ ସଂଖ୍ୟା | ୩୧ ଶ ଶ୍ରାବଣ ସନ ୧୩୦୯ ସାଲ ଶନିବାର | ପଶ୍ଚାଦ୍‌ଦେୟ ୫ ୬୯

## ବିଜ୍ଞାପନ ।

ପ୍ରାଥମିକ ଅଙ୍କଶିକ୍ଷା—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ନିମ୍ନ-ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କୁ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ସୂତ୍ରର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ଚାରିଅଣା ମାତ୍ର ।

ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ—ଭର୍ଣ୍ଣାକୁଲର, ଅପରପ୍ରାଇମେରୀ ଓ ନିମ୍ନପ୍ରାଇମେରୀ ପରୀକ୍ଷାର୍ଥିମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପଞ୍ଚଶତାଧିକ ପ୍ରକାର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବେଶିତ ହୋଇଅଛି । ମୂଲ୍ୟ ୫ ୦ । ମାତ୍ର ।

ତୃତୀୟପାଠର ବ୍ୟାଖ୍ୟା—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳାବିଷ୍ଟ ପ୍ରଶ୍ନମାନ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ୫ ୦ ।/ ମାତ୍ର ।

ବାଳବନ୍ଧୁ—ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପଦ୍ୟାକାରରେ ଲିଖିତ ହୋଇଅଛି । ମୂଲ୍ୟ ୫ ୦ ୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍‌ଏଜେଣ୍ଟମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଆମଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଆଶାତୀତ କମିଶନ ଲାଭ କରିବେ ।

ଶେଖ ମଜରୁଦୀନ
ହେଡ଼ମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ିଲ୍‌ସ୍କୁଲ କଟକ ।

## ADVERTISEMENT.

Wanted a passed Surveyor as Kanungo for Mutation work in Angul on Rs. 30 per month. Knowledge of English and Uriya are indispensable. Copies of certificate of qualifications and of good moral character to be sent with applications, in which the age of the applicant should be given.

Angul Dy. Commr's office
The 13th August 1902.

Narayan Ch. Naik
*Deputy Collector*
*for Dy. Commissioner*
( on tour )

## WANTED

A passed Compounder on a pay of Rs. 10 per month for the Nayagurh State Dispensary. Applications will be received by the undersigned till 31st instant.

Nayagurh
8-8-02

A. C. Das
*Government Agent.*

## NOTICE.

Wanted a Second grade Kanungoe for the Puri District on a salary of Rs 20 a month, knowledge of English and experience in Kanungoe's work is required.

Preference will be shown to the candidate who has passed (1) the Entrance Examination of the Calcutta University (2) the final Survey Standard Examination and (3) also the Kanungoeship examination and (4) that he must have passed the Agricultural examination Sibpur College.

Applications with copies of testimonials will be received by the undersigned up to the 31st August 1902.

Puri Collectorate
Dated the 13th August 1902

A. Garrett
*Collector.*

## NOTICE.

Wanted two Mohammadean Peons for the Excise Department of this state on a Salary of Rs. 5 each per mensem. Preference will be given to those who are intelligent and active and are not addicted to any kind of intoxicating drugs or drinks and will be stout and strong.

Applications will be received by the undersigned up to 15th August 1902.

Manager's office
Dhenkanal
The 30th July 1902.

R. B. Naik
*Manager.*

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଚିଜି କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିଂହ
ଜେନେରଲ ସେକ୍ରେଟରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରିୟଲ ଏକଜିବିସନ

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ଦିଲ୍ଲୀ ଦରବାରରେ ଉପସ୍ଥିତ ହେବା କାରଣ ଓଡ଼ିଶାର କେତେକ ଭୂପତିଙ୍କୁ ବଙ୍ଗଳାର ଗବର୍ଣ୍ଣମେଣ୍ଟ ନିମନ୍ତ୍ରଣ କରିଥିବାର ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ । ବର୍ତ୍ତମାନ ଓଡ଼ିଆ ଓ ନବସମ୍ବାଦଙ୍କୁ ଅବଗତ ହେଲୁଁ ଯେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ମଧ୍ୟ ନିମନ୍ତ୍ରିତ ହୋଇଅଛନ୍ତି ।

---

ଦରବାର ଉପଲକ୍ଷରେ ଶତାଧିକ ରାଜା ମହାରାଜା ଦିଲ୍ଲୀରେ ଉପସ୍ଥିତ ହେବେ ଏବଂ ତା ୧୫ ର ପର୍ଯ୍ୟନ୍ତ ପ୍ରତିଦିନ ଏକ ପ୍ରକାର ଉତ୍ସବ ଅନୁଷ୍ଠିତ ହେବ । ତହିଁରୁ ଅଧିକ କାଳ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସେଠାରେ ରହି ପାରିବେ ନାହିଁ । ସୁତରାଂ ପ୍ରତ୍ୟେକ ରାଜାଙ୍କୁ ସାକ୍ଷାତ ଦେବା ଓ କରିବାର ଅବସର ହେବ ନାହିଁ । ଅତଏବ ମହାମାନ୍ୟ ମହୋଦୟ ସେ ସମୟରେ ପୃଥକ୍ ସାକ୍ଷାତର ଇଚ୍ଛା ଉପେକ୍ଷିତ ହେବାର ଜଣାଇ ଦେଇଅଛନ୍ତି । ଦରବାର ସ୍ଥାନରେ ଏବଂ ଅନ୍ୟାନ୍ୟ କ୍ରୀଡ଼ା କୌତୁକ କାଳରେ ସେ କାର୍ଯ୍ୟ ସମାଧା ହେବ ।

---

ପୁରୀର ମାମଲା ଉଠାଇଦେଲା ନାହିଁ । ସେହି ଉପଲକ୍ଷରେ ଏଠାରୁ ଯାଇଥିବା ଶ୍ରୀଯୁକ୍ତ କମିଶନର ସାହେବ ଏବଂ ଉକିଲମାନେ ଗତ ରବିବାର ଫେରି ଆସିଲେ । ଉଠା ନ ହେବାର କାରଣ ଜାଣିବାକୁ ଅନେକ ଲୋକ ବ୍ୟସ୍ତ ଏବଂ ନାନାକଥା ଉଠିଅଛି । ମାତ୍ର ଆମ୍ଭେମାନେ ଠିକ କିଛି ବୁଝି ନାହୁଁ । ବୋଧ ହୁଏ ଉଭୟପକ୍ଷର ସନ୍ତୋଷର ରଫାନାମା ବା କ୍ଷମାପତ୍ର ପ୍ରସ୍ତୁତ ହୋଇପାରିଲା ନାହିଁ । ଓଡ଼ିଶାର ସର୍ବୋଚ୍ଚ ରାଜକର୍ମଚାରୀ ଏବଂ ପ୍ରଧାନ ଉକିଲମାନଙ୍କ ସାକ୍ଷାତ ଓ ସାହାଯ୍ୟରେ ସେପରି ହୋଇ ନ ପାରିବା ଅବଶ୍ୟ ଅଦ୍ଭୁତ କଥା ଅଟେ ଏବଂ ତହିଁରୁ ଜଣା ଯାଉଅଛି ଯେ ଉଠାଇବା ପକ୍ଷେ ଯେପରିକି ମତ ସ୍ଥିର ହେବା ଅବଶ୍ୟ ଉଭୟପକ୍ଷ ଅଥବା କୌଣସି ଏକପକ୍ଷର ମତ କେତେ-ଦୂର ହୋଇ ନାହିଁ ।

---

ରେଲରେ ଦୁର୍ଘଟଣାଦ୍ୱାରା ସନ ୧୯୦୦ ସାଲରେ ଜ ୧୬୦୫ ଣ ହତ ଏବଂ ଜ ୧୧୦୨ ଣ ଆହତ ହୋଇଥିଲେ । ସନ ୧୯୦୧ ସାଲରେ ହତ ଏବଂ ଆହତ ବ୍ୟକ୍ତିଙ୍କ ସଂଖ୍ୟା ଯଥାକ୍ରମେ ଜ ୧୧୧୪ ଏବଂ ଜ ୯୨୦ ଣ ଅଟେ । ଏଥିରୁ ପ୍ରଥମ ଲିଖିତ ବର୍ଷଠାରୁ ଶେଷ ଲିଖିତ ବର୍ଷରେ ରେଲବାଟ ମା ୧୯୬୧ ଜଣ ବଢ଼ିଥିଲା । ପୂର୍ବ ବର୍ଷଠାରୁ ରେଲବାଟ ବୃଦ୍ଧି ହେବା ପ୍ରତ୍ୟେକେ ଦୁର୍ଘଟଣା ଉଣା ଘଟିବା ଅଧିକ ସନ୍ତୋଷଜନକ ଅଟେ । ଅଧିକାଂଶ ଦୁର୍ଘଟଣା ରେଲ ଚଳାଇବାର ଅଯୁକ୍ତ ବା କାହାର ଦୋଷରୁ ନ ଘଟି ଯାତ୍ରୀଙ୍କର ଅସାବଧାନତା ବା ମଦ୍ୟ ସେବନ, ଅଣାଧିକାର ପ୍ରବେଶ ଇତ୍ୟାଦି କାରଣରୁ ଘଟିଥିବାର ପ୍ରକାଶ । ଅନ୍ୟାନ୍ୟ ରେଲଠାରୁ ଇଷ୍ଟ ଇଣ୍ଡିଆ ଏବଂ ମାନ୍ଦ୍ରାଜ ରେଲ ଅଧିକ ଦୁର୍ଘଟନା ସକାଶେ ଦାୟୀ ଥିବାର ଜଣା ଯାଏ ।

---

ସମ୍ରାଟ ଏଡୱାର୍ଡ ୭ ମଙ୍କର ମୂର୍ତ୍ତିଯୁକ୍ତ ଅଙ୍କିତ ଡାକଟିକଟ ଗତ ତା ୧୦ ରିଖ ଅର୍ଥାତ୍ ଅଭିଷେକର ପରଦିନରୁ ଭାରତରେ ପ୍ରଚଳିତ ହେବାର ଏବଂ ଆପାତତଃ ଏକପଇସିଆ, ଅର୍ଦ୍ଧ ଅଣା ଏବଂ ଏକଅଣିଆ ଟିକଟ ଏବଂ ଏକପଇସିଆ ପୋଷ୍ଟକାର୍ଡ ମିଳିବାର ଅବଗତ ହୋଇଥିଲୁଁ ଏବଂ କଲିକତାରୁ ଆସିବା ସମ୍ବାଦପତ୍ରମାନରେ ନୂତନ ଟିକଟ ଲାଗିଥିବାର ଦେଖିଲୁଁ । ମାତ୍ର ମୋଫସଲର ଡାକଖାନା ସମୂହକୁ ଆସିବାର ଜଣାଯାଉ ନାହିଁ ଅନ୍ତତଃ ଏଠାର ସଦର ଡାକଘରେ ଆମ୍ଭେମାନେ ଚେଷ୍ଟା କରି ପାଇଲୁ ନାହିଁ । ସମ୍ଭବତଃ ପୁରୁଣା ଟିକଟ ଶେଷହେବା-ପର୍ଯ୍ୟନ୍ତ ନୂତନ ଟିକଟ ବାହାରିବାର ଆଶା ନାହିଁ । ନୂଆ ପୁରୁଣା ମିଶାଇ କହିଲେ ଦ ଖଣ୍ଡ ଥିଲା ସେ ସମ୍ରାଟଙ୍କର ମୁଖ ଦର୍ଶନର ସୁବିଧା ଲୋକଙ୍କୁ ଦେବାକୁ ବିଳମ୍ବ ହେଉଅଛି ।

---

ଗତ ଓଡ଼ିଆ ହିତବାଦୀରେ ଆମ୍ଭେମାନେ ସହିତ ପାଠ କଲୁଁ ଯେ ଗତ ମାସ ତା ୧୭ ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ଗଞ୍ଜାମ ବ୍ରହ୍ମପୁରଠାରେ ନବ ନିର୍ମିତ 'ଭିକ୍ଟୋରିଆ ମେମୋରିଆଲ ହୋ-ଷ୍ଟେଲ' ନାମକ ଛାତ୍ରାବାସ ପ୍ରତିଷ୍ଠା ନିମନ୍ତେ ଗୋଟିଏ ସଭା ହୋଇଥିଲା । ସେ ନଗରର ସମ୍ଭ୍ରାନ୍ତ ଇଉରୋପୀୟ ଏବଂ ଦେଶୀୟ ବ୍ୟକ୍ତି-ମାନେ ସଭାରେ ଉପସ୍ଥିତ ହୋଇଥିଲେ ଏବଂ ଶ୍ରୀଯୁକ୍ତ ପାଇନ୍ଦ୍ରିଜ ସାହେବ କଲେକ୍ଟର ସଭାପ-ତିର କାର୍ଯ୍ୟ ନିର୍ବାହ କରିଥିଲେ । ସଭାପତିଙ୍କର ବକ୍ତୃତାରୁ ଜଣା ଗଲା ଯେ ଖଲ୍ଲିକୋଟର ରାଜା-ଙ୍କର ବୃହତ୍ ଦାନଦ୍ୱାରା ଖଲ୍ଲିକୋଟ କଲେଜ ସ୍ଥାପିତ ହୋଇଅଛି ପୁଣି ଗଞ୍ଜାମ ଜିଲ୍ଲାର ଜମିଦାର-ମାନଙ୍କର ଦାନଦ୍ୱାରା ଏହି ଛାତ୍ରାବାସ ସ୍ଥାପିତ ହୋଇଥିଲେହେଁ ଖଲ୍ଲିକୋଟ ରାଜାଙ୍କର ଦାନ ଶ୍ରେଷ୍ଠ ଅଟେ । ଏହି ଛାତ୍ରାବାସଦ୍ୱାରା କଲେଜର ଛାତ୍ରମାନଙ୍କର ବସାର ଅଭାବ ଘୁଞ୍ଚିଲା ଏବଂ ଏତଦ୍ଦ୍ୱାରା ଅନେକ ଉପକାର ହେବ ।

---

ବର୍ଦ୍ଧମାନର ମହାରାଜା ଆଗାମୀ ଅକ୍ଟୋବର ମାସ ତା ୨୨ ରିଖରେ ବର୍ଦ୍ଧମାନର ମହାରାଜା ବିଜୟଚାନ୍ଦ ମହତାବ ବାହାଦୁର ସାବାଳଗ ଅର୍ଥାତ୍ ବୟଃପ୍ରାପ୍ତ ହେବେ ଏବଂ ତହିଁର ଏକ ମାସ ପରରୁ ଅର୍ଥାତ୍ ଆଗାମୀ ନବେମ୍ବର ମାସ ତା ୨୬ ରିଖ ମାର୍ଗଶିର ଦ ୧୨ ର ବୁଧବାର ମହାରାଜାଙ୍କର କ୍ଷମତା ଗ୍ରହଣର ଦିନ ସ୍ଥିର ହୋଇଅଛି । ଏହି ଶୁଭକାର୍ଯ୍ୟ ମହାସମାରୋହ ସହିତ ସମାଧା କାରଣ ବର୍ଦ୍ଧମାନର ମାନେଜର ଏବଂ ମହାରାଜାଙ୍କର ଜନ୍ମଦାତା ପିତା ରାଜା ବନବିହାରୀ କପୂର ଏଥି ମଧ୍ୟରେ ଉଦ୍ୟୋଗୀ ହୋଇଅଛନ୍ତି । ଶୁଣାଯାଏ ଏହି ଶୁଭ କାର୍ଯ୍ୟୋପଲକ୍ଷରେ ତୁଲ ଲକ୍ଷ ଟଙ୍କା ବ୍ୟୟ ହେବ । ବର୍ଦ୍ଧମାନର ମହାରାଜା କଲ ଲୁକଙ୍ଗର ବର୍ତ୍ତମାନ ରାଜା ଅଟନ୍ତି । ସୁତରାଂ ଏ କଲ ସହିତ ତାହାଙ୍କର ବିଶେଷ ସମ୍ବନ୍ଧ ଅଛି । ଆଶା କରୁଁ ସେହି ଶୁଭ କାର୍ଯ୍ୟୋପଲକ୍ଷରେ ଓଡ଼ିଶା ପ୍ରତି ଦୃଷ୍ଟି କରିବେ ।

---

ବଙ୍ଗପ୍ରଦେଶର ଯୌଥ ବ୍ୟବସାୟ ଅଥବ କମ୍ପାନି କାରବାରର ବାର୍ଷିକ ସଂକ୍ଷେପ ହିସାବ ବାହାରିଅଛି । ସନ ୧୯୦୧ ସାଲ ମାର୍ଚ୍ଚମାସ ତା ୩୧ ରିଖରେ ଶେଷ ହେବା ବର୍ଷରେ ୩୯୮ କମ୍ପାନି ଚାଲୁଥିଲା ଏବଂ ସେମାନଙ୍କର ମୂଳଧନର ସମଷ୍ଟି ଟ ୧୯,୮୪,୭୯,୬୩୪ ୧ ଙ୍କା ଥିଲା । ସନ ୧୯୦୨ ସାଲ ମାର୍ଚ୍ଚ ମାସ ତା ୩୧ ରିଖରେ ଶେଷ ହେବା ବର୍ଷରେ ୩୪ କମ୍ପାନିକୁ ଟ ୧, ୪୮,୦୪,୦୦୦ ୧ ଙ୍କା ମୂଳଧନ ନୂଆ ରେଜିଷ୍ଟରି ହେଲା ଏବଂ ୧୯ କମ୍ପାନିକୁ ମୂଳଧନ ଟ ୨୪, ୪୮,୦୦୦ ୧ ଙ୍କା ବନ୍ଦ ହେଲା । ସୁତରାଂ କମ୍ପାନିର ସଂଖ୍ୟା ଓ ମୂଳଧନ ବୃଦ୍ଧି ହୋଇ ବର୍ଷ ଶେଷରେ ୪୧୩ କମ୍ପାନି ଚାଲୁଥିଲା ଏବଂ ସେ ସମସ୍ତର ମୋଟ ମୂଳଧନ ଟ ୨୧,୨୭,୫୧,୬୩୪ ଅଟେ । ଉକ୍ତ ୪୧୩ କମ୍ପାନି ମଧ୍ୟରେ ଟଙ୍କା ଋଣ ଓ ବୀମା କମ୍ପାନି ୭୧, ଦ୍ରବ୍ୟ କ୍ରୟ ବିକ୍ରୟ କମ୍ପାନି ୯୦, କପା ଓ ଝୋଟ କମ୍ପାନି ୫୨, ଚା ଏବଂ ଅନ୍ୟ ବୃକ୍ଷ କମ୍ପାନି ୧୩୭, ପଥର-କୋଇଲା ଇତ୍ୟାଦି ଖଣିଜ କମ୍ପାନି ୫୭ ଏବଂ ବରଫ ତେଲ ପ୍ରଭୃତି ପ୍ରସ୍ତୁତ କରିବା କମ୍ପାନି ୧୭ ଅଟେ ।

---

ହିନ୍ଦୁ ବାଲ୍ୟ ବିଧବାର ପୁନର୍ବିବାହ ହିନ୍ଦୁଶାସ୍ତ୍ରସଙ୍ଗତ କି ନା ଏହି ବିଷୟ ନିର୍ଣ୍ଣୟରେ କାଶିଧାମରେ ଏକ ପ୍ରକାଶ୍ୟ ସଭାରେ ବିଚାର ହେବ । କଳିକତାରେ ପ୍ରକାଶ ହେଉଥିବା ଶାସ୍ତ୍ରସୁଧା ସମ୍ବାଦପତ୍ରର ସମ୍ପାଦକ ଶ୍ରୀଯୁକ୍ତ ଶୋଭିସ୍ୱ

Digitized by srujanika@gmail.com

ଶଙ୍କର ଲାଲ ସେହି ବିବାହର ଶାସ୍ତ୍ରବିରୁଦ୍ଧତା ଏବଂ ପଣ୍ଡିତ ଶିବକୁମାର ଶାସ୍ତ୍ରୀ ତହିଁର ବିପରୀତ ପ୍ରମାଣ କରିବାକୁ ଚେଷ୍ଟା କରିବେ । ବନାରସ, ଦରଭଙ୍ଗା ଏବଂ ଅଯୋଧ୍ୟାର ମହାରାଜାମାନେ ଏବଂ ମହାରାଜା ସର ଯତୀନ୍ଦ୍ରମୋହନ ଠାକୁର ଏହି ସଭାର ସଭାପତି ହେବେ ଏବଂ ଉତ୍ତମରୂପେ ସଂସ୍କୃତ ଜାଣିଥିବା ୩ ଜଣ ଇଂରେଜ ଭଦ୍ରଲୋକ (ନାମ ପ୍ରକାଶିତ ହୋଇ ନାହିଁ) ମଧ୍ୟସ୍ଥ ମୀମାଂସକ ହେବେ । ସମସ୍ତ ବାଦାନୁବାଦ ହିନ୍ଦି ଭାଷାରେ ହେବ । ହିନ୍ଦୁ ଶାସ୍ତ୍ର ଘଟିତ ପ୍ରଶ୍ନର ମୀମାଂସକ ଇଂରେଜ ଏହା ଗୋଟିଏ ଅଦ୍ଭୁତ ବ୍ୟାପାର । ବୋଧ ହୁଏ କେହି ହିନ୍ଦୁ ମୀମାଂସକ ଯେତେ ନିରପେକ୍ଷଭାବରେ ବିଚାର କରିବାକୁ ଚେଷ୍ଟା କଲେ ସୁଦ୍ଧା ଅଜ୍ଞାତରେ ଗୋଟିଏ ସଂସ୍କାର ତାହାର ମନରେ ବଦ୍ଧମୂଳ ହୋଇଥିବା ହେତୁ ଅଜ୍ଞାତଭାବେ ସେ ଦିଗକୁ ଟିକିଏ ଢଳି ପଡ଼ିବା ଅସମ୍ଭବ ନୁହେଁ ବୋଲି ଭିନ୍ନ ଜାତୀୟ ନିରପେକ୍ଷ ମଧ୍ୟସ୍ଥର ସାହାଯ୍ୟ ପ୍ରୟୋଜନ ହୋଇଅଛି ।

———

ମାନ୍ୟବର ଷ୍ଟେଟ୍‌ଲ୍ୟାଣ୍ଡ୍ ସର ଉଡ଼ବର୍ନ ବାହାଦୂର ଆସନ୍ତା ତା ୨୦ ରିଖ ବୁଧବାର ଖାସ ରେଲରେ ସକାଳ ଘ ୬ ଟା ବେଳେ ଭୁବନେଶ୍ୱରଠାରେ ପହଞ୍ଚି ଘ ୯ ଟା ବେଳେ ସେଠାରୁ ଯାତ୍ରା କରି ଘ ୧୦ ଟା ବେଳେ କଟକରେ ପ୍ରବେଶ ହେବେ ଏବଂ ତା ୨୧ ରିଖ ସକାଳ ଘ ୮।୪୫ ମିନିଟରେ ଏଠାରୁ ଯାତ୍ରା କରି ଅପରାହ୍ନ ଘ ୬ଟାରେ କଲିକତାରେ ପହଞ୍ଚିବେ । ମାନ୍ୟବର ମହୋଦୟ ଗତ ସୋମବାର କଲିକତାରୁ ଲକ୍ଷ୍ନୌକୁ ଯାତ୍ରା କରିଅଛନ୍ତି । ସେଠାରେ ଦ ୪ ଦିନ ରହି ଅନ୍ୟାନ୍ୟ କେତେକ ସ୍ଥାନ ଭ୍ରମଣ କରି ଓଡ଼ିଶାକୁ ଆଗମନ କରିବେ । ଏ ନଗରରେ ତାହାଙ୍କର ଅଭ୍ୟର୍ଥନା ସକାଶେ ଷ୍ଟେସନଠାରେ ଗୋଟିଏ ମଣ୍ଡପ ପ୍ରସ୍ତୁତ ହେଉଅଛି । ସେଠାରେ ମିଉନିସିପାଲିଟି ଓ ଜିଲା ବୋର୍ଡର ଅଭିନନ୍ଦନପତ୍ରମାନ ଗ୍ରହଣ କରି ଲାଲବାଗ କୋଠିରେ ବିରାଜମାନ ହେବେ । ଅପରାହ୍ନରେ ବାବୁ ମଧୁସୂଦନ ଦାସଙ୍କର ଶିଳ୍ପଶାଳା ପରିଦର୍ଶନ ଏବଂ ନାଗରିକମାନଙ୍କର ଅଭିନନ୍ଦନପତ୍ର ଗ୍ରହଣ କରିବେ । ସନ୍ଧ୍ୟାରେ ଲାଲବାଗ କୋଠିରେ ଭୋଜ ଇତ୍ୟାଦି ଆମୋଦ ପ୍ରମୋଦ ହେବ । ଓ କମିଶନର ସାହେବଙ୍କର ଆତିଥ୍ୟ ଗ୍ରହଣ କରିବେ ।

———

ଏଲାହାବାଦର 'ପାୟୋନିୟର' ନାମକ ଇଂରାଜୀ ଦୈନିକ ପତ୍ରିକା ଖଣ୍ଡିଏ ପ୍ରଧାନ ସମ୍ବାଦପତ୍ର ଅଟେ ଏବଂ ତହିଁ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଆସ୍ଥା ଅଛି । ତହିଁରେ ଲେଖାଅଛି କି ରେଲବେ ଫିଟିବା ହେତୁ ପୁରୀକୁ ଅନେକ ଯାତ୍ରୀ ଆସୁଅଛନ୍ତି ଏବଂ କ୍ରମାଗତ ବୃଦ୍ଧି ହେବେ । ଗତ ବର୍ଷ ଦର୍ଶନର ଭିଡ଼ରେ ଆଠ ଜଣ ଯାତ୍ରୀ ଦଳାରେ ମରି ଯାଇଥିଲେ । ଏଥର ରଥଯାତ୍ରାରେ ବିଶେଷ ଭିଡ଼ ଦେଖି କର୍ତ୍ତୃପକ୍ଷମାନେ ମନ୍ଦିରର ଦ୍ୱାରମାନ ବନ୍ଦ କରି ଯାତ୍ରିମାନଙ୍କୁ ଦର୍ଶନ ସକାଶେ ଛାଡ଼ିଲେ ନାହିଁ । ଏପରି ଥରକୁ ଥର କଲେ ହିନ୍ଦୁମାନଙ୍କର ଅସନ୍ତୋଷ ଏବଂ ପୁରୀରେ ଗୋଳମାଳ ହେବାର ସମ୍ଭାବନା ଏବଂ ତହିଁର ପ୍ରତିକାର ଆବଶ୍ୟକ । ସରକାର ଏବଂ ହିନ୍ଦୁ ସମ୍ପ୍ରଦାୟ ଏହି ଉଭୟ ପକ୍ଷରୁ କେତେକ ଜଣ ପ୍ରତିନିଧି ଗୋଟିଏ କମିଟି କରି ଏ ବିଷୟର ବିଚାର କଲେ ଭଲ ହେବ । ପାୟୋନିୟରଙ୍କର ଏହି ପ୍ରସ୍ତାବ ଯୁକ୍ତିସଙ୍ଗତ ଅଟେ ସନ୍ଦେହ ନାହିଁ । ବାସ୍ତବରେ ଏଥର ନବଯୌବନ ଦର୍ଶନ ବନ୍ଦ ହେବାରୁ ଯାତ୍ରିଙ୍କର ଯେପରି ମନସ୍ତାପ ହୋଇଅଛି ତାହା କାହାରିକି ଅବିଦିତ ନାହିଁ । ହିନ୍ଦୁ ଛଡ଼ା ଅନ୍ୟ ଜାତିରେ ଏପରି ଘଟିଥିଲେ ଦଙ୍ଗାହାଙ୍ଗାମା ହେବା ବିଚିତ୍ର ନ ଥିଲା । ମନ୍ଦିରର ସୁପ୍ରବନ୍ଧ ପୁରୀ ରାଜାଙ୍କର ହେଲେହେଁ ସାବଧାନ ହୋଇ ଏଥିର ପ୍ରତିବିଧାନ କରିବା ଏକାନ୍ତ କର୍ତ୍ତବ୍ୟ ଅଟେ । ନୋହିଲେ ବାଧ୍ୟ ହୋଇ ଗବର୍ଣ୍ଣମେଣ୍ଟ ପ୍ରତିକାରର ବ୍ୟବସ୍ଥା କରିବେ ଏବଂ ତେତେବେଳେ ପୁରୀ ରାଜାଙ୍କର ଗ୍ଲାନି ପଡ଼ି ପାରେ ।

———

ଗତ ତା ୮ ରିଖରେ ମହୀଶୂରର ନବୀନ ମହାରାଜା ମହାରାଜ କୃଷ୍ଣରାଜଉଦୟାର ବାହାଦୁର ସ୍ୱରାଜ୍ୟର ଶାସନ ଭାର ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କଠାରୁ ପ୍ରାପ୍ତ ହେଲେ । ଏହି ଶୁଭ କାର୍ଯ୍ୟ ମହା ସମାରୋହ ସହିତ ଅନୁଷ୍ଠିତ ହୋଇଅଛି । ମହାରାଜାଙ୍କର ଜଗନ୍ମୋହନ ପ୍ରାସାଦରେ ଏ କାର୍ଯ୍ୟ ସମାଧା ହେଲା ଏବଂ ସହସ୍ର ଲୋକ ତାହା ଦେଖିବା ସକାଶେ ସମବେତ ହୋଇଥିଲେ । ପ୍ରାସାଦ ଏବଂ ନଗରର ପ୍ରଧାନ ପ୍ରଧାନ ପଥମାନ ଅତ୍ୟନ୍ତ ମନୋହରରୂପେ ସୁସଜ୍ଜିତ ହୋଇଥିଲା । ମଧ୍ୟାହ୍ନ କାଳରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଲର୍ଡ କର୍ଜନ ବାହାଦୁର ସଦଳବଳରେ ଉପସ୍ଥିତ ହୁଅନ୍ତେ ଯଥାବିଧି ସମାଦର ପୂର୍ବକ ତାହାଙ୍କର ଅଭ୍ୟର୍ଥନା ଓ ସଲାମି ତୋପ ଧ୍ୱନି ହେଲା ଏବଂ ସେ ଦରବାର ଆସନରେ ଉପବିଷ୍ଟ ହୋଇ ମହାରାଜାଙ୍କୁ ତାହାଙ୍କ ଦକ୍ଷିଣ ପାର୍ଶ୍ୱରେ ବସାଇଲେ ଲର୍ଡ ମହୋଦୟଙ୍କର ବାମପାର୍ଶ୍ୱରେ ସରକାରୀ ଉଚ୍ଚକର୍ମଚାରୀମାନେ ବସିଲେ ଏବଂ ମହାରାଜାଙ୍କ ଠାରୁ କିଛି ଦୂରରେ ଦେଶର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସ୍ଥାନ ପାଇଲେ । ଏହିରୂପେ ଦରବାର ଗଠିତ ହେଲାରୁ ମହାମାନ୍ୟ ଲର୍ଡ କର୍ଜନ ବାହାଦୁର ଯେଉଁ ବକ୍ତୃତା ପ୍ରଦାନ କଲେ ତହିଁର ମର୍ମ ଏହିକି ଦେଶୀୟ ରାଜାଙ୍କୁ ରାଜ୍ୟଭାର ପ୍ରଦାନର ମଜଲିସରେ ଏହି ତାହାଙ୍କର ପ୍ରଥମ ଆଗମନ ଏବଂ ମହାରାଜାଙ୍କର ଶୁଭ ଓ ଏବଂ ରାଜ୍ୟର ଉନ୍ନତିରେ ପ୍ରୀତ ହୋଇ ସେ ଉପସ୍ଥିତ ହୋଇଅଛନ୍ତି । ଅଳ୍ପଦିନ ହେଲା ମହାରାଜାଙ୍କର ବ ୧୮ ବର୍ଷ ବୟସ ପୂର୍ଣ୍ଣ ହେଲା । ତାହାଙ୍କର ନାବାଳଗି ହେତୁ ଗତ ବ ୮ ବର୍ଷରୁ ତାହାଙ୍କର ମାତା ମହାରାଣୀ ଗୋଟିଏ ଶାସନ କମିଟି ସାହାଯ୍ୟରେ ଅତି ଦକ୍ଷତା ସହିତ ରାଜ୍ୟର ଭାର ବହନ କରୁଅଛନ୍ତି ଏବଂ ତଦ୍ୱାରା ରାଜ୍ୟର ଅନେକ ଉନ୍ନତି ସାଧିତ ହୋଇଅଛି । ସେହି ସୁଶାସନ ନିମନ୍ତେ ସମ୍ରାଟ ଏଡ୍‌ୱାର୍ଡ ସପ୍ତମ ମହାରାଣୀ ମହୋଦୟାଙ୍କର ଜୀବଦ୍ଦଶା ପର୍ଯ୍ୟନ୍ତ ସମ୍ମାନସୂଚକ ୧୯ ତୋପ ସଲାମି ପାଇବାର ମଞ୍ଜୁର କରିଅଛନ୍ତି । ତାହାଙ୍କର ତତ୍ତ୍ୱାବଧାନ, ସୁଯୋଗ୍ୟ ଫ୍ରେଜରସାହେବ ଶିକ୍ଷକଙ୍କର ସୁଶିକ୍ଷା ଏବଂ କର୍ଣ୍ଣେଲ ରବର୍ଟସନ୍ ରେସିଡେଣ୍ଟ ସାହେବଙ୍କର ସଦୁପଦେଶରେ ମହାରାଜା ରାଜକାର୍ଯ୍ୟ ନିର୍ବାହ କରିବାକୁ ଉତ୍ତମରୂପେ ଯୋଗ୍ୟ ହୋଇଅଛନ୍ତି । ତହିଁ ଉତ୍ତାରୁ ବିନା ଆଳସ୍ୟରେ ରାଜକାର୍ଯ୍ୟ ନିର୍ବାହ କରିବା ଏବଂ ପ୍ରଜାଙ୍କର ମଙ୍ଗଳ ଏବଂ ଦେଶର ଉନ୍ନତିକୁ ନିଜ ଜୀବନର ପରମ ସୁଖ ମଣିବା ଇତ୍ୟାଦି ଉପଦେଶ ମହାରାଜାଙ୍କୁ ଦେଇ ତାହାଙ୍କୁ ମସନଦ ଚୌକିରେ ବସାଇଲେ । ମହାରାଜା ଏହି ବକ୍ତୃତାଦ୍ୱାରା ବ୍ରିଟିଶ ଗବର୍ଣ୍ଣମେଣ୍ଟ ଏବଂ ଲାଟ ମହୋଦୟଙ୍କଠାରେ ସମୁଚିତ କୃତଜ୍ଞତା ପ୍ରକାଶ ଏବଂ ଦୃଢ଼ରୂପେ କର୍ତ୍ତବ୍ୟ ପାଳନ ନିମନ୍ତେ ଈଶ୍ୱରଙ୍କର ଆଶୀର୍ବାଦ କାମନା କରି ମସନଦରେ ବସିଲେ । ତହିଁ ଉତ୍ତାରୁ ସେ କିଛିମତେ ନଜର ଦଅନ୍ତେ ଲାଟ ମହୋଦୟ ତାହା ସ୍ପର୍ଶ କରି ଛାଡ଼ି ଦେଲେ ଏବଂ ପାନ ଅତର ବଣ୍ଟା ଯାଇ ସଭା ଭଙ୍ଗ ହେଲା । ପ୍ରାୟ ସମସ୍ତ ଦଳ ଦ୍ୱାରା ସମ୍ପ୍ରଦାୟର ଅଭିନନ୍ଦନପତ୍ରମାନ ଗ୍ରହଣ ଏବଂ ସେ ସମସ୍ତର ଉତ୍ତର ଦେବାରେ ମହାରାଜା ନିଯୁକ୍ତ ଥିଲେ । ସନ୍ଧ୍ୟା ସମୟରେ ଦରବାର ଓ ଗବର୍ଣ୍ଣମେଣ୍ଟ ପ୍ରାସାଦରେ ଭୋଜ ଉତ୍ତାରୁ ଆତସବାଜି ହୋଇଥିଲା । ତହିଁ ଆରଦିନ ସକାଳେ ଦରବାର କରି ମହାମାନ୍ୟ ଗବର୍ଣ୍ଣର ଜେନେରଲ ଶିକାର କରିବାକୁ ଯାତ୍ରା କଲେ ।

Split by PDF Splitter



ପୁରୀ ରଥଯାତ୍ରା ।

ଗତ ତା ୭ ଇଖେ ଶ୍ରୀ ଜଗନ୍ନାଥଦେବଙ୍କ ରଥ ଯୋଡ ପଡିଥିବା ସ୍ଥାନରୁ ଛୁଟି ଫଇଦଜ ଗୁଣ୍ଡିଚା ମନ୍ଦିରଦ୍ୱାରରେ ଲାଗିବାରୁ ତା ୯ ଇଖ ଶନିବାର ଅପରାହ୍ନ ଘ ୪ ଘଟାରେ ଠାକୁରମାନେ ରଥାରୋହଣ କଲେ । ସେ ଦିନ ଅଭିଷେକୋପଲକ୍ଷେ କଟେଣ୍ଟମାନ ବନ୍ଦ ଥିବାରୁ ସରକାରୀ କର୍ମଚାରୀମାନେ ରଥ ଟଣା ବନ୍ଦ କରିଥିଲେ କାରଣ ଏ ଦିନ ଯଦ୍ୟପି ହେଲୁ ଅନେକ ଲୋକ ଏକତ୍ରିତ ହୋଇଥିଲେ। ରଥ ଚଳା ବନ୍ଦ ହେବାରୁ ସେମାନେ ହତାଶ ଚିତ୍ତରେ ଫେରି ଗଲେ ।

ତା ୧୦ ଇଖ ଅପରାହ୍ନରେ ରଥ କିଛିଦୂର ଆସିଥିଲା । ମାତ୍ର ତା ୧୧ ଇଖ ଅପରାହ୍ନରେ ପୋଲ ଉପରେ ରଥ ଆସିବା ସମୟେ ପୋଲର ଏକପାର୍ଶ୍ୱ ହାଲୁଡିବାରୁ ରଥ ସେହି ସ୍ଥାନରେ ରହିଲା । ରଥର ଦଉଡ ଛିଣ୍ଡି ଯାଇଥିବାରୁ ଏଥି ମଧ୍ୟରେ ନୂତନ ଦଉଡ ରାଜାଙ୍କ ତରଫରୁ ତିଆର ହୋଇଥିଲା । ତା ୧୨ ଇଖ ମଙ୍ଗଳବାର ହାକିମମାନେ ରଥ ଚଳା ବନ୍ଦ କରି ଆଉ ନୂତନ ଦଉଡ ପ୍ରସ୍ତୁତ ହେଲେ ରଥ ଟାଣିବାର ଆଦେଶ ଦେଇଅଛନ୍ତି ।

ବୁଧବାର ତା ୧୩ ଇଖେ ଶ୍ରୀଜିଉଙ୍କର ଝୁଲଣ ହୋଇଥାନ୍ତା କିନ୍ତୁ ବୁଲରଥ ଗୁଣ୍ଡିଚା ମନ୍ଦିର ଦ୍ୱାରେ ଅନ୍ୟ ରଥ ପୋଲ ଉପରେ ଥିବା ପୁଲିସ ପୂର୍ବାପର ମନୋଯୋଗୀ ହୋଇ ବୁଲର୍ଥେଲ ରଥ ନ ଚଳାଇ କେବଳ ଅପରାହ୍ନରେ ଏକା ଥର ଚଳାଉଥିବାରୁ ଝୁଲଣପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରମାନେ ରତ୍ନସିଂହାସନରେ ବସେ କରିବେ କି ନା ସନ୍ଦେହ । ଏପରି ଦୁର୍ଘଟ କେବେ ଘଟି ନ ଥିଲା ।

---

ଭାରତରେ ଅଭିଷେକୋତ୍ସବ ।

ଯଦ୍ୟପି ଭାରତଗବର୍ଣ୍ଣମେଣ୍ଟ ପୂର୍ବରୁ ଘୋଷଣା ପତ୍ରଦ୍ୱାରା ଭାରତବାସିମାନଙ୍କୁ ଜଣାଇ ଦେଇଥିଲେ ଯେ ବିଲାତରେ ଯେଉଁଦିନ ସମ୍ରାଟଙ୍କର ଅଭିଷେକ ହେବ ସେଦିନ ଭାରତରେ କେବଳ ସମ୍ରାଟଙ୍କର ମଙ୍ଗଳ କାମନାରେ ଈଶ୍ୱରଙ୍କର ଉପାସନା ମାତ୍ର ହେବ ଏବଂ ଅନ୍ୟ ସମସ୍ତ ସାଧାରଣ ଉତ୍ସବ ଆସନ୍ତା ଜାନୁୟାରୀ ମାସ ତା ୧ ଇଖରେ ହେବ ଏବଂ ଏକ ସମୟରେ ସମସ୍ତେ ଉତ୍ସବରେ ମାତିଲେ ଅଧିକତର ଶୋଭାଜନକ ହେବ ଏବଂ ହୋଇବା ବ୍ୟୟ ଓ ପରିଶ୍ରମ ହେବ ନାହିଁ ତଥାପି ସମସ୍ତ ରାଜଭକ୍ତ ପ୍ରଜା ଗତ ତା ୯ ଇଖରେ କେବଳ ଧର୍ମାନୁଷ୍ଠାନ କରି ତୃପ୍ତ ହୋଇ ପାରିଲେ ନାହିଁ । ସୁତରାଂ ଭାରତର ନାନାସ୍ଥଳରେ ସାଧାରଣ ଧର୍ମାନୁଷ୍ଠାନ ସଙ୍ଗେ କେତେକ ଲୋକ ନିଜ ବ୍ୟୟରେ ଅନ୍ୟାନ୍ୟ ଉତ୍ସବର ଅନୁଷ୍ଠାନ କରିଥିଲେ । ଏ ନଗରରେ ଅଭିଷେକଦିନ ଅର୍ଥାତ୍ ଗତ ଶନିବାର ସକାଳେ ଖ୍ରୀଷ୍ଟିୟାନମାନେ ଗିର୍ଜାରେ, ମୁସଲମାନମାନେ ଜୁମାମସଜିଦରେ ଏବଂ ହିନ୍ଦୁମାନେ ଗୋପାଳଜୀଉଙ୍କମଠରେ ଉପାସନା କରିଥିଲେ । ଅପରାହ୍ନରେ ୧୩ ମଣ୍ଡଳ ସଙ୍କୀର୍ତ୍ତନ ଗୋପାଳଜୀଉଙ୍କମଠରେ ଏକତ୍ରିତ ହୋଇ ମହା ସମାରୋହରେ ନଗରକୀର୍ତ୍ତନ କରିଥିଲେ । ସେତେଦୂର ବୃଷ୍ଟି ନଗରକୀର୍ତ୍ତନ କରିବାର ଲକ୍ଷ ଥିଲା ବୃଷ୍ଟି ଯୋଗୁଁ ତାହା ହୋଇ ନ ପାରିଲେହେଁ ନଗର ଏକଭାଗରେ କହିଁର ଯଥୋଚିତ ସମାରୋହ ହୋଇଥିଲା । ଏକଦଳ ଦେଶୀୟ ଖ୍ରୀଷ୍ଟିୟାନ ସଙ୍କୀର୍ତ୍ତନ ମଧ୍ୟ ବାହାରିଥିଲା । ସନ୍ଧ୍ୟାସମୟରେ ବ୍ରାହ୍ମମନ୍ଦିରରେ ବ୍ରାହ୍ମମାନଙ୍କର ଏବଂ ନବସ୍ଥିତ ଜାମା ମସଜିଦରେ ମୁସଲମାନମାନଙ୍କର ଉପାସନା ହୋଇଥିଲା । ସ୍ଥାନରେ ଏକଦଳ ଅଣ୍ଟଡ଼ା ବାହାରିଥିଲା । ତତ୍ପରେ ରାଜବାଟୀରେ ଯନ୍ତ୍ରବେଲେ ସବ୍ଧଥୁଦ୍ଧ ବଙ୍ଗାଳୀ ଭୋଜନ ଏବଂ ସ୍ଥାନରେ ଗୋଷ୍ଠକାଳ ହୋଇଥିଲା। ଡାର୍ଲିଂଟନରେ ନାଟହୋଇବାର ବୃଷ୍ଟିଯୋଗେ ସେଦିନ ହୋଇ ନ ପାରି କହିଁ ଅଭିନୟ ହୋଇଥିଲା । ମୋଫସଲର କେତେକ ସମାଚାର ପ୍ରେରକଙ୍କ ପ୍ରମୁଖରେ ପ୍ରକାଶିତ ହେଲା । କଟକରେ ସମ୍ବାଦ ପାଇଅଛୁ ଯେ ସେଠାରେ ସକାଳବେଳେ ମସଜିଦ ଓ ମନ୍ଦିରରେ ଧର୍ମାନୁଷ୍ଠାନ, ଅପରାହ୍ନରେ ନଗରକୀର୍ତ୍ତନ ସନ୍ଧ୍ୟାବେଳେ ରୋଶନାଇ ଆତସବାଜି ନାଚ ଇତ୍ୟାଦି ହୋଇଥିଲା । ନଗରକୀର୍ତ୍ତନରେ ସରକାରୀ ବେସରକାରୀ ସମସ୍ତ ଯୋଗ ଦେଇଥିଲେ । ସରକାରୀ କଚେରୀଥାନା ପ୍ରଭୃତି ପୁଲ ପତାକାଦିରେ ସୁସଜ୍ଜିତ ଏବଂ ଆଲୋକମାଳାରେ ଖଚିତ ହୋଇଥିଲା ମୋଫସଲରୁ ଅନେକ ଯାତ୍ରୀ ଦେଖିବାକୁ ଆସିବାରୁ ଭାରି ଭିଡ଼ ହୋଇଥିଲା । ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ପୂଜା ଓ ଦରିଦ୍ରସେବାର ବନ୍ଦୋବସ୍ତ କରିଥିଲେ । ସକାଳୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ନହବତ ବାଜିବାକୁଥିଲା ଏବଂ ଇଉରୋପୀୟ ଓ ଦେଶୀୟ ଭଦ୍ରଲୋକଙ୍କୁ ରାଜଉଦ୍ୟାନକୁ ଆମନ୍ତ୍ରଣ କରି ଯଥୋଚିତରୂପେ ସତ୍କାର କରିଥିଲେ ।

---

ଅଭ୍ୟର୍ଥନାସଭା ।

ମାନ୍ୟବର ବଙ୍ଗେଶ୍ୱର ଆସନ୍ତା ବୁଧବାର ଏ ନଗରରେ ବିରାଜମାନ ହେବେ । ତାହାଙ୍କର ସମୁଚିତ ଅଭ୍ୟର୍ଥନା ପ୍ରଦାନ କରିବା ଉଦ୍ଦେଶରେ ଗତ ମଙ୍ଗଳବାର ସକାଳ ଘ ୭୨ ଘଟା ସମୟରେ ରେଭେନସା କଲେଜ ଗୃହରେ ଏକ ସଭା ହୋଇଥିଲା । ଇଉରୋପୀୟଙ୍କ ମଧ୍ୟରେ ଏ ଜିଲ୍ଲାର କଲେକ୍ଟର ଫିସର ସାହେବ ଓ ଦୁଇ ଜଣ ପାଦ୍ରି ଏବଂ ଦେଶୀୟଙ୍କ ମଧ୍ୟରେ କନିକା ରାଜା ପ୍ରଭୃତି ପ୍ରାୟ ଏକ ଶତ ଭଦ୍ର ଲୋକ ଏବଂ ସେମାନଙ୍କ ମଧ୍ୟରେ ଅଧିକାଂଶ ମୁସଲମାନ ଉପସ୍ଥିତ ଥିଲେ । ଶାସ୍ତ୍ରୀ ଗୁପ୍ତ ସାହେବ କମିଶନର ସଭାପତିର କାର୍ଯ୍ୟ ନିର୍ବାହ କରିଥିଲେ । ଅଭ୍ୟର୍ଥନାର ଆୟୋଜନ ନିମନ୍ତେ ଗୋଟିଏ ସାଧାରଣ ସଭା ଗଠିତ ହେବାର ପ୍ରସ୍ତାବ ବାବୁ ଜାନକୀନାଥ ବୋଷ ଉପସ୍ଥିତ କରନ୍ତେ ବାବୁ ମଧୁସୂଦନ ଦାସ ତାହା ଅନୁମୋଦନ କଲେ ତତ୍ପରେ କେତେକ ଜଣ ରାଜାଙ୍କ ସହିତ ଏ ନଗରବାସୀ କେତେକ ଜମିଦାର ଓ ଅନ୍ୟାନ୍ୟ ଲୋକ ମିଶାଇ ପ୍ରାୟ ୪୦ ଜଣ ଭଦ୍ର ଲୋକର ତାଲିକା ପଢ଼ି ସେମାନଙ୍କୁ ଉକ୍ତ ସଭାର ସଭ୍ୟ ମନୋନୀତ ହେବାର ପ୍ରସ୍ତାବ କଲେ । ଏଥିରୁ ମୁନସି ନୁରୁଲହକ ପ୍ରସ୍ତାବ କଲେ ଯେ ସେହି ତାଲିକାରୁ କାଜି ଜାଫର ମହମ୍ମଦଙ୍କର ନାମ ଉଠାଇ ଦିଆଯାଉ କାରଣ ସେ ଏବଂ ଆଉ ଏକଜଣ ମିଶି ଗୋଟିଏ ଶୁଦ୍ର ଦଳ ପ୍ରସ୍ତୁତ କରି ବୃହତ୍ ମୁସଲମାନ ଦଳର ମାନ୍ୟବର ଫ୍ଲେଟଲିଟ ବାହାଦୁରଙ୍କୁ ଅଭିନନ୍ଦନ ପତ୍ର ପ୍ରଦାନ ବିଷୟରେ ବ୍ୟାଘାତ ଜନ୍ମାଇଅଛନ୍ତି । ଏହି ପ୍ରସ୍ତାବର ପ୍ରତିବାଦରେ ବାବୁ ମଧୁସୂଦନ ଦାସ ରାୟ ହରବଲଭ ବୋଷ ବାହାଦୁର ବାବୁ ପ୍ରିୟନାଥ ଚାଟୁର୍ଯ୍ୟା ପ୍ରଭୃତି ଅନେକ କଥା କହି ଏ ସଭାରେ ଗୃହ ବିଚ୍ଛେଦ ପ୍ରସଙ୍ଗ ନ ପକାଇ ସମସ୍ତେ ଏକ ଯୋଗରେ ମାନ୍ୟବର ଫ୍ଲେଟଲିଟ ସର ଫ୍ରେଡେରିକ କାହ୍ଲୁଙ୍କର ସମୁଚିତ ସମ୍ମାନର ବ୍ୟବସ୍ଥା କରିବାର ଉପଦେଶ ଦେଲେ । ତହିଁରେ ହେଡ୍ଡି ମୁସଲମାନ ସନ୍ତୁଷ୍ଟ ନ ହୋଇ ସଭାର ନିୟମାନୁସାରେ ଭୋଟ ଗ୍ରହଣ ପୂର୍ବକ ଏ କଥା ମୀମାଂସା କରିବା କାରଣ ସଭାପତିଙ୍କୁ ଅନୁରୋଧ କରିବାରେ ସଭାପତି ମହାଶୟ ଦଣ୍ଡାୟମାନ ହୋଇ କହିଲେ କି ସେ ବୁଝୁଅଛନ୍ତି ଯେ ଏ ନଗରରେ ଦୁଇଦଳ ମୁସଲମାନ ଅଛନ୍ତି ଯେ ତହିଁ ମଧ୍ୟରେ ଗୋଟିଏ ବୃହତ୍ ଓ ଗୋଟିଏ କ୍ଷୁଦ୍ର ଅଟେ । ଏ ସଭା ଗୋଟିଏ ସାଧାରଣ ସଭା ଏଥିରେ ହିନ୍ଦୁ ମୁସଲମାନ, ଖ୍ରୀଷ୍ଟିୟାନ, ପାରସୀ ପ୍ରଭୃତି ନାନା ସମ୍ପ୍ରଦାୟର ଲୋକ ଅଛନ୍ତି । ସମସ୍ତଙ୍କର ଏକ ମାତ୍ର ଉଦ୍ଦେଶ୍ୟ ମାନ୍ୟବର ମହୋଦୟଙ୍କର ଅଭ୍ୟର୍ଥନାର ବ୍ୟବସ୍ଥା କରିବା । ଯେମନ୍ତ ଅନ୍ୟାନ୍ୟ ସମ୍ପ୍ରଦାୟର କେତେକ ଜଣଙ୍କୁ ସେମନ୍ତ କ୍ଷୁଦ୍ର ମୁସଲମାନ ସମ୍ପ୍ରଦାୟର ଅଳ୍ପ ଲୋକ ଏବଂ ବୃହତ୍ ସମ୍ପ୍ରଦାୟର ଅଧିକ ଲୋକଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରି ଯାଇଅଛି । ଏହି ସାଧାରଣ କାର୍ଯ୍ୟରେ କୌଣସି ସମ୍ପ୍ରଦାୟକୁ ନିରସ୍ତ କରିବା ଉଚିତ

Digitized by srujanika@gmail.com

ନୁହେ । ଅତଏବ ଏ ବିଷୟରେ ଭୋଟ ନେବାର କୌଣସି କାରଣ ନାହିଁ । ଏହି ଯୁକ୍ତି ସଙ୍ଗତ ବାକ୍ୟରେ ଆପତ୍ତିକାରୀମାନେ ନିରୁତ୍ତର ହୋଇ ରହିଲେ ତ ଯାହାଙ୍କ ବିରୁଦ୍ଧରେ ଆପତ୍ତି ହୋଇ ଅଛି ସେ ଏ ନଗରବାସୀ ହିନ୍ଦୁ ଦଳଭୁକ୍ତ ମୁସଲମାନଙ୍କର ପ୍ରଭିନ୍ନ ଧି ନ ଥିବାର ଲିପିବଦ୍ଧ ହେଲେ ସେମାନେ ସନ୍ତୁଷ୍ଟ ହେବେ ଏବଂ ତଦନୁସାରେ ସଭାର କାର୍ଯ୍ୟାବଳୀରେ ଲିପିବଦ୍ଧ ହେଲା । ଏଥି ଉତ୍ତାରୁ କାର୍ଯ୍ୟକାରୀ କମିଟି ନିୟୋଗ ଏବଂ ଚେନ୍ଦା ସଂଗ୍ରହ ସମ୍ବନ୍ଧୀୟ ପ୍ରସ୍ତାବ ମାନ ଧାର୍ଯ୍ୟ ହୋଇ ଚେନ୍ଦା ପୁସ୍ତକରେ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ କେତେକ ଜଣର ସ୍ୱାକ୍ଷର ନିଆଯାଇ ସଭା ଭଙ୍ଗ ହେଲା । ନିମ୍ନ ଲିଖିତ ବ୍ୟକ୍ତିମାନେ କାର୍ଯ୍ୟକାରୀ କମିଟିର ସଭ୍ୟ ହୋଇ ଅଛନ୍ତି । ଯଥା—ଗସ୍ପ ହରିବଲ୍ଲଭ ବୋଷ ବାହାଦୁର, ବାବୁ ମଧୁସୂଦନ ଦାସ, ବାବୁ ନମାଇଚରଣ ମିତ୍ର, ବାବୁ ଗୌରିଶଙ୍କର ରାୟ, ଅହମଦଉଦ୍ଦିନ୍ ସାହେବ ଓ ବାବୁ ଜାନକୀନାଥ ବୋଷ ସମ୍ପାଦକ ସଭା ସ୍ଥଳରେ ନିମ୍ନ ଲିଖିତ ଭଦ୍ର ଲୋକମାନେ ଅଧିକ ଚେନ୍ଦା ସ୍ୱାକ୍ଷର କରିଅଛନ୍ତି ଯଥା—ରାଜା ବୈକୁଣ୍ଠ ନାଥ ଦେ ଟ ୫୦୦ ଟଙ୍କା, ରାୟ ହରିବଲ୍ଲଭ ବୋଷ ବାହାଦୁର ଟ ୨୦୦, ଟଙ୍କା ବାବୁ ମଧୁସୂଦନ ଦାସ ଟ ୧୦୦ ଟଙ୍କା, ଶ୍ରୀଯୁକ୍ତ ବସ୍ତ ସାହେବ କମିଶନର ଟ ୫୦ ଟଙ୍କା ଶ୍ରୀଯୁକ୍ତ ଫିସର ସାହେବ କଲେକ୍ଟର ଟ ୫୦ ଟଙ୍କା ।

———

## ଅଭିଷେକ ।

ଇଂଲଣ୍ଡାଦି ଦ୍ୱୀପପୁଞ୍ଜର ରାଜା ଏବଂ ଭାରତ-ସମ୍ରାଟ ପ୍ରବଳ ପ୍ରତାପ ଏଡ୍‌ୱାର୍ଡ ସପ୍ତମଙ୍କର ଶୁଭାଭିଷେକ କ୍ରିୟା ଗତ ଶନିବାର ମଧ୍ୟାହ୍ନ କାଳରେ ଲଣ୍ଡନ ରାଜଧାନୀର ରାଜ ପ୍ରାସାଦରେ ମହାସମାରୋହ ସହିତ ସୁସମ୍ପନ୍ନ ହେବାର ସମ୍ବାଦ ଆସିଅଛି ଏବଂ ଏ ସମ୍ବନ୍ଧରେ ତାହାଙ୍କର ବିଶାଳ ସାମ୍ରାଜ୍ୟର ଅସଂଖ୍ୟ ପ୍ରଜାବର୍ଗର ଯେତେ ଚିନ୍ତା ଓ ଉଦ୍‌ବେଗ ଥିଲା ସେସମସ୍ତ ଦୂର ହୋଇ-ଅଛି । ଅଭିଷେକର ପୂର୍ବ ଦିନ ରାଜା ଓ ରାଣୀ ତାହାଙ୍କରୁ ଘୋଡାଗାଡିରେ ଲଣ୍ଡନ ନଗରସ୍ଥ ପ୍ରାସାଦକୁ ନିକେ ଯିବା ବେଳେ ବାଟର ଦୁଇ ପାଖରେ ଅସଂଖ୍ୟ ଲୋକ ଦର୍ଶନ କରି ଉଚ୍ଚୈଃସ୍ୱରରେ ଜୟଧ୍ୱନି କଲେ ଏବଂ ରାଜାଙ୍କୁ ସୁସ୍ଥ ଓ ସବଳ ଦେଖି ଅଧିକତର ଆନନ୍ଦିତ ହୋଇ-ଥିଲେ । ପ୍ରକୃତରେ ରାଜା ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇଅଛନ୍ତି ଏବଂ ଏତେଦୂର ବଳ ଲାଭ କରି-ଅଛନ୍ତି ଯେ କ୍ରିୟାର ନିୟମମାନ ପ୍ରତିପାଳନ କରିବାରେ ତାହାଙ୍କର କିଛି କଷ୍ଟ ହୋଇ ନାହିଁ । ଅଭିଷେକ ପୂର୍ବ ଦିନ ରାଜା ମହୋଦୟ ପ୍ରାସାଦରେ ପହୁଞ୍ଚି ତାହାଙ୍କର ବିଶାଳ ରାଜ୍ୟର ଜନଗଣଙ୍କୁ ଭାରତର ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କଦ୍ୱାରା ନିମ୍ନଲିଖିତ ପତ୍ର ଲେଖି-ଥିଲେ ଯଥା—

"To my People—On the eve of my Coronation, an event which I look upon as one of the most solemn and important in my life, I am anxious to express to my people at Home and in the Colonies and in India my heartfelt appreciation of the deep sympathy which they have manifested towards me during the time that my life was in such imminent danger. The postponement of the ceremony owing to my illness caused, I fear, much inconvenience and trouble to all those who intended to celebrate it, but the disappointment was borne by them with admirable patience and temper. The prayers of my people for my recovery were heard, and I now offer up my deepest gratitude to Divine Providence for having preserved my life and given me strength to fulfil the important duties which devolve upon me as the Sovereign of this great Empire (Signed) Edward R and I."

ଏଥିର ସଂକ୍ଷେପ ମର୍ମ ଏହି କି ଆମ୍ଭର କଠିନ ପୀଡ଼ା ସମୟରେ ଆମ୍ଭର ସ୍ୱରାଜ୍ୟ ଓ ଉପନିବେଶମାନ ଏବଂ ଭାରତବର୍ଷର ଜନଗଣ ଯେଉଁ ଗଭୀର ସହାନୁଭୂତି ଦେଖାଇଥିଲେ ଅଭିଷେକ କ୍ରିୟା ପୂର୍ବେ ତାହା ସର୍ବାନ୍ତଃକରଣରେ ସ୍ୱୀକାର କରୁଅଛୁଁ । ଆମ୍ଭର ଉପ୍ତ ହେଉଅଛି ସେହି କ୍ରିୟା ପୀଡ଼ା ହେତୁ ସ୍ଥଗିତ ହେବା କାରଣରୁ ଅନେକଙ୍କର କଷ୍ଟ ଓ ଅସୁବିଧା ହୋଇଅଛି ମାତ୍ର ସେମାନେ ପ୍ରଶଂସନୀୟ ଧୀରଭାବରେ ତାହା ସହିଅଛନ୍ତି । ଈଶ୍ୱର ସେମାନଙ୍କର ପ୍ରାର୍ଥନାରେ କର୍ଣ୍ଣପାତ କରି ଆମ୍ଭଙ୍କୁ ଏପରି ଆରୋଗ୍ୟ ଏବଂ ସବଳ କରିଅଛନ୍ତି ଯେ ଉପସ୍ଥିତ କ୍ରିୟା ଏବଂ ସାମ୍ରାଜ୍ୟର କର୍ତ୍ତବ୍ୟ କାର୍ଯ୍ୟମାନ କଷ୍ଟମତେ ପାଳିବାକୁ ସମର୍ଥ ହୋଇଅଛୁଁ । ଏଥିପାଇଁ ଆମ୍ଭେ ପ୍ରଗାଢ଼ ଭକ୍ତିଭାବରେ ଈଶ୍ୱରଙ୍କଠାରେ କୃତଜ୍ଞତା ସ୍ୱୀକାର କରୁଅଛୁଁ ।

ଏହି ଏକ ପତ୍ର ରାଜାଙ୍କର ମନ ଗଭୀର କେମନ୍ତ ଚମତ୍କାର ପରିଚୟ ଦେଉଅଛି ? ପ୍ରଜାଙ୍କର ସୁଖରେ ରାଜାଙ୍କର ସୁଖ ଏହି କଥା ତାହାଙ୍କ ମନରେ ଉଚ୍ଚ-ସ୍ଥାନ ଅଧିକାର କରି-ଥିବାରୁ ସିନା ସେ ରାଜମୁକୁଟ ଧାରଣ ପୂର୍ବେ ଏମନ୍ତ ଉଦାର ପତ୍ର ଲେଖିଲେ । ଏପରି ଧର୍ମଶୀଳ ଓ ପ୍ରଜାବତ୍ସଳ ରାଜା ଦୀର୍ଘକାଳ ସୁସ୍ଥ ଶରୀରରେ ରାଜତ୍ୱ କରନ୍ତୁ ଏହିକ ଈଶ୍ୱରଙ୍କ-ଠାରେ ଦୀନତ ପ୍ରାର୍ଥନା ।

ଅଭିଷେକ ଦିନ ରାଜା ଓ ରାଣୀଙ୍କ ରାଜ-ମୁକୁଟ ଧାରଣ ଏବଂ ସିଂହାସନାରୋହଣଘଟିତ କ୍ରିୟା ଏବଂ ସେହି ଉତ୍ସବଘଟିତ ଆମୋଦ ପ୍ରମୋଦର ସଂକ୍ଷେପ ବିବରଣ ପ୍ରକାଶ କରିବାକୁ ଏ ପତ୍ରିକାରେ ସ୍ଥାନ ନାହିଁ । ସଂକ୍ଷେପରେ ଏତିକି ବୋଲିବା ଯଥେଷ୍ଟ ଯେ ଇଂରାଜମାନେ ସାଧନ-ବଳରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସମାନ ଅନୁଗ୍ରହ ଭୋଗ କରୁଥିବା ସ୍ଥଳେ ଅଭିଷେକ ପରି ଦୁର୍ଲ୍ଲଭ ଉତ୍ସବ ଅତ୍ୟନ୍ତ ଆଡମ୍ବର ସହିତ ପ୍ରତିପାଳନ କରିବା ଏଥିରେ ଆଶ୍ଚର୍ଯ୍ୟ କି ଅଛି ?

———

## ସେଟଲ୍‌ମେଣ୍ଟ ଜମାବନ୍ଦୀ ।

ଏ ଜିଲ୍ଲାର ସେଟଲ୍‌ମେଣ୍ଟ ବନ୍ଦୋବସ୍ତ କରୁଥିବା ହାକିମଙ୍କର ଦୁଇଟି ଅନ୍ୟାୟ କାର୍ଯ୍ୟର ବିଶେଷ ଉଲ୍ଲେଖ କରି ତହିଁ ମଧ୍ୟରୁ ଗୋଟିଏ ଅର୍ଥାତ୍ ଲାଖରାଜଦାର ଓ ଖରିଦା ଜମାବନ୍ଦି-ଦାରଙ୍କର ବନ୍ଦୋବସ୍ତ ଜମା ନ ଧରି ଉଚିତ ଦରରେ ଜମାବନ୍ଧ କରିବା ଅନ୍ୟାୟ ଥିବାର ଦେଖାଇ ଦେଇଅଛୁଁ । ବର୍ତ୍ତମାନ୍ ଅନ୍ୟଟି ଅର୍ଥାତ୍ ବାହାଲି ଜମିର ଭାଗ ଦର ମାଣକୁ ଟ ୮ ୯ ଙ୍କା ଲେଖାଏଁ ଧାର୍ଯ୍ୟ କରି ତଦନୁସାରେ ଜମାବନ୍ଧ କରିବା ଯେ ଅତ୍ୟନ୍ତ ଅନ୍ୟାୟ ତାହା ଦେଖା-ଇବାକୁ ଚେଷ୍ଟା କରୁଁ । ସମସ୍ତ ଲାଖରାଜ ବାହାଲି ଜମିର ବାର୍ଷିକ ମୂଲ୍ୟ ଟ ୮ ୯ ଙ୍କ ଦରରେ ଧାର୍ଯ୍ୟ ହେଉଅଛି ଏମନ୍ତ ନୁହେଁ ଯେଉଁ ଜମି ଲାଖରାଜଦାର ହାତ ଚାଷ କରୁଅଛି ତହିଁର ବାର୍ଷିକ ମୂଲ୍ୟ ବନ୍ଦୋବସ୍ତରେ ଧାର୍ଯ୍ୟ ହୋଇଥିବା ସେ ଗ୍ରାମର ଉଚିତ ଦର ଅନୁସାରେ ଧାର୍ଯ୍ୟ ହେଉଅଛି । ମାତ୍ର ଯେଉଁ ଜମି ସେ ଅନ୍ୟକୁ ଭାଗ ଦେଇଅଛି ତହିଁର ମୂଲ୍ୟ ବାର୍ଷିକ ମାଣ ପ୍ରତି ଟ ୮ ଟଙ୍କା ଦରରେ ଧରା ଯାଇ-ଅଛି । ସେଟଲ୍‌ମେଣ୍ଟ ଜମାବନ୍ଧ କରିବା ହାକିମ ଏ ଦର କେଉଁଠାରୁ ପାଇଲେ ତହିଁର ଅନୁ-ସନ୍ଧାନ କରି ବୁଝିଲୁଁ ଯେ ହାଲି ବନ୍ଦୋବସ୍ତ ରିପୋର୍ଟର ଏକ ସ୍ଥାନରେ ଲାଖରାଜଦାରଙ୍କର ବାର୍ଷିକ ଆୟର ଗୋଟାଏ ଅନୁମାନିକ ହିସାବ ଏହିପରି ପ୍ରଦତ୍ତ ହୋଇଅଛି କି କେହି ଲାଖ-ରାଜଦାର ଆପଣର ଜମି ଭାଗରେ ଚାଷ ନେଲେ ଯେତେ ଧାନ ଓ ଛଣ ପାଏ ତହିଁର ମୂଲ୍ୟ ଟ ୧୦୍ୟ ହେଉଥିବା ସ୍ଥଳେ ଯେଉଁ ଚାଷ ସେ ଜମିରୁ ଚାଷ କରେ ତହିଁରୁ ମଧ୍ୟ ମାଣ ପ୍ରତି ଟ ୧୦୍ୟ ଆୟ କରିବାର ବୋଲାଯାଇ ପାରେ । ସେଟଲ୍‌ମେଣ୍ଟ ଅଫିସରଙ୍କର ଏହି ଅନୁମାନ ଯେ ଗୃହ ଲିଖିତ ବର୍ଷରେ ଉଚିତ ଖାରଦ ଜମିର ଉତ୍ପନ୍ନ ଉପରେ ସ୍ଥାପିତ ହୋଇଅଛି ଏବଂ ଫସଲ କାଟିବା ଅମଳ କରିବା ଇତ୍ୟାଦିର ମୂଲ୍ୟ ଧରା ଯାଇ ନାହିଁ ଏହା ବୋଲିବା ବାହୁଲ୍ୟ । ସେଟଲ୍‌ମେଣ୍ଟ ଜମାବନ୍ଧ ହାକିମ ଉକ୍ତ ଅନୁମାନ ଅଛି ଉଚିତ ଥିବାର ଜାଣିପାରି ସେହି ଟ ୧୦୍ୟରୁ ଟ ୨୍ୟ ଙ୍କ

Split by PDF Splitter
Digitized by srujanika@gmail.com

Split by PDF Splitter



ତାହି ଦେଇ ସ୍ଥାନ ଜମିର ମାଣ ପଛ ୫ ୮ ୯ଙ୍କା ବାର୍ଷିକ ମୂଲ୍ୟ ଧରୁଅଛନ୍ତି । ମାତ୍ର ସେ ଯେବେ ସ୍ଥାନ ଓ ନାନା ଜମିର ସୁପାଲଭ ଏବଂ ଅସ୍ଥାଲଭ ବର୍ଣ୍ଣନ ହୃଦୟଙ୍କର ଅନୁସନ୍ଧାନ କରି ବାସ୍ତବ ରିପୋର୍ଟ ଦେଖାଇଥାନ୍ତେ ତେବେ ଅନାୟାସରେ ବୁଝି ପାରନ୍ତେ ଯେ ଲୁଣଭୂମି ଲୁଣଖାଜାଇର ବାର୍ଷିକ ନିଟ ଅଯୁ ୫ ୮ ୯ ଙ୍କା ସମ୍ଭବ ନୁହଇ । ଏହା ମଧ୍ୟ ବୁଝାଯାଏ ଯେ ଏ ସର୍ବୋର୍କ ଯେଉଁ ଆପତ୍ତି ଏ ସମ୍ବନ୍ଧରେ ଉତ୍ଥାପିତ କରୁଅଛନ୍ତି ତାହାଙ୍କୁ ମଧ୍ୟ ତାହାଙ୍କର ଅବଧାରିତ ବାର୍ଷିକ ମୂଲ୍ୟ ଉଚ୍ଚ ଥିବାର ବୁଝିଅଛନ୍ତି । ଫଳତଃ ମୋଟ ଅଯୁକୁ କର ବୋଲିବା ଅଯୌକ୍ତି ଅସଙ୍ଗତ ଏବଂ ସେହି ମୋଟ ଅଯୁ ଉପରେ କର ଲଗିବା ଯେ ସେଟଲମେଣ୍ଟ ଅଫିସରଙ୍କର ଅଭିପ୍ରାୟ ନୁହେ ତାହା ସେ ନିଜେ ସେହି ସେଟଲମେଣ୍ଟ ରିପୋର୍ଟର ଅନ୍ୟ ସ୍ଥଳେ ସ୍ପଷ୍ଟ ଦେଖାଇଅଛନ୍ତି । ଅର୍ଥାତ୍ ଲୁଣଖଜାଣାଦେଇ ଜମି ହେତୁ ସରକାରଙ୍କର ଯେତେ ରାଜସ୍ୱ ଛାଡ଼ି ଯାଇଅଛି ତହିଁର ଇଷ୍ଟିମେଟ କରିବାବେଳେ କଟକଜିଲାରେ ଲୁଣଖାଜ ଜମିର ଦର ୫ ୬୷୵ ଲେଖାଏଁ ଥିବାର ସ୍ଥିର କରି ତଦନୁସାରେ ରାଜସ୍ୱ କ୍ଷତି ଦେଖାଇଅଛନ୍ତି । ଯେବେ ଲୁଣଜମିର ଦର ତାହାଙ୍କର ପ୍ରଦର୍ଶିତ ହୃଦୟଙ୍କ ମୂଲ୍ୟାନୁସାରେ ଜମା ଧାର୍ଯ୍ୟ କରିବାର ସେ ନ୍ୟାୟସଙ୍ଗତ ବୁଝିଥାନ୍ତେ ତେବେ ତଦନୁସାରେ ହିସାବ କରି ସରକାରଙ୍କର କ୍ଷତି ଦେଖାଇଥାନ୍ତେ । ବାସ୍ତବରେ ଯେ ସ୍ଥଳେ ଜମିଦାର ମୋକଦ୍ଦମା ଲବ୍ଧ ସୁରଭି ଲୁଣ ଜମି ଉପରେ ଚଷାଉଅଛନ୍ତି ସେ ସ୍ଥଳେ ବନ୍ଦୋବସ୍ତକର୍ତ୍ତା ସ୍ଥାନର ଦରରେ ଖଜଣା ଧାର୍ଯ୍ୟ କରୁଅଛନ୍ତି ସେ ସ୍ଥଳେ ସ୍ପଷ୍ଟ ଜଣା ଯାଉଅଛି ଯେ ଲୁଣଖାଜର କଥା ସେ ଅଯୌକ୍ତି ଧରି ନାହାନ୍ତି । ଆଇନ ଅନୁସାରେ ପ୍ରତ୍ୟେକ ଲୁଣଜମିର ବ ୫ । ୭ ଣ୍ଠର ଉପୂଲର ହାରଦାର ହେସବ କର ପ୍ରଭୃତିମାନଙ୍କ ଜଗଦ ଦର ଧାର୍ଯ୍ୟ କରିବା ପର ସ୍ଥାନର ଦର ଧାର୍ଯ୍ୟ କରି ଥାନ୍ତେ ଏବଂ ତାହା ଅଳ୍ପ ପରିଶ୍ରମ କା ଅଳ୍ପ ସମୟରେ ହୋଇ ପାରନ୍ତା ନାହିଁ । ଫଳତଃ ସେଟ୍ଲମେଣ୍ଟ ହାକିମ ଯେ ମାଣକୁ ୫ ୮ ୯ଙ୍କା ଲେଖାଏଁ ଲୁଣଦର ଧରୁଅଛନ୍ତି ତାହା ତାହାଙ୍କର ମନଗଢ଼ା ଦର ଅଟେ ଏବଂ କମିଶନର ଅଥବା ବୋର୍ଡ଼ଙ୍କ ଦ୍ୱାରା ମଞ୍ଜୁର ହୋଇଥିବାର ଜଣା ଯାଉ ନାହିଁ । ବନ୍ଦୋବସ୍ତର ଦର ଅନୁସରେ ସେଟ୍ଲମେଣ୍ଟ ଜମାବନ୍ଦି ହେବାର ଅଦେଶ ଥିବା ସ୍ଥଳେ ଉପରସ୍ଥ ରେବନ୍ୟୁ ମହକ୍ମାର ଅଜ୍ଞାତସାର ଓ ବିନା ସମ୍ମତିରେ ତହିଁର ଅନ୍ୟଥା ଗୋଟିଏ ଦର ଧାର୍ଯ୍ୟ କରିବା ଉଚିତ ହୋଇଅଛି କି ? ପୂର୍ବେ ଯେଉଁଥର ସେଟ୍ଲମେଣ୍ଟ ଧାର୍ଯ୍ୟ ହୋଇଥିଲା ତହିଁରେ ସ୍ଥାନକର ଏ ପ୍ରକାର ଉଚ୍ଚଦର ଧରାଯାଇ ନ ଥିଲା । ଏଥର ଏହି ନୂଆ ଉଥଣ କାହାରୁଅଛି । ଲୁଣଜଳଦାର ସ୍ଥାନରେ ଯାହା ପାଏ ଯେବେ ତାହାଙ୍କୁ ଖଜଣା ଶୁଝିବା ଦିଏ ତେବେ ଜଳସ୍ତ ଜମିରୁ ଯାହା ପାଏ ତାହାଙ୍କୁ ସେ ଜମିର ଖଜଣା ଶୁଝିବା କରିବା ଅସଙ୍ଗତ ନୁହେ ! ବୋଧହୁଏ ସେଟ୍ଲମେଣ୍ଟ ବନ୍ଦୋବସ୍ତକର୍ତ୍ତା ନିଜେ ଶୁଖ ଦଉଥିବା ଲୁଣଖଜଣାଦାରଙ୍କ ପ୍ରତି ଦୟା କରି ଫସଲର ମୂଲ୍ୟାନୁସାରେ ସେ ଜମିର ବାର୍ଷିକ ମୂଲ୍ୟ କମ ଦର ଦରଦାମ ଧରି ଅଛନ୍ତି ଏବଂ ଲୁଣଦେବା ପ୍ରଥା ଉଚିତ କରିବା କାରଣ ତହିଁଉପରେ ଅର୍ଥଦଣ୍ଡ ସ୍ୱରୂପ ଉଚ୍ଚଦର ଲଗାଇଅଛନ୍ତି । ତାହା ନ ହେଲେ ଯେ ନିଜେ ସ୍ୱକର ଦ୍ୱାରା ଗୃଷ କରନ୍ତି ତାହାର ଜଣା ସାଧାରଣ ଦରରେ ମାଣ ଯେ ହେତକ ବଦଳରେ ଫସଲର ଅଧେ ସ୍ଥାନ ଦେଇ ଗୃଷ କରାଇବ ତାହା ଉପରେ ତହିଁର ପ୍ରାୟ ଦ୍ୱିଗୁଣ ଖଜଣା ଲଗାଯିବ ଏପରି ଅସମ୍ଭବ ନ୍ୟାୟର ପକ୍ଷପାତୀ ହୁଅନ୍ତେ କି ? ସେଟ୍ଲମେଣ୍ଟ ହାକିମ ଯେ ଏହା ବୁଝି ପାରନ୍ତି ନାହିଁ ଏମନ୍ତ ବୋଲିଯାଇ ନ ପାରେ । ଅମ୍ଭମାନଙ୍କର ଭୟ ହେଉଅଛି ଯେ ସେ ସେଟ୍ଲମେଣ୍ଟ ବଢ଼ାଇବା ପ୍ରତି ଅଧିକ ମନୋଯୋଗୀ ହୋଇ ନ୍ୟାୟବାଟକୁ ଭୁଲି ଯାଇଅଛନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ନ୍ୟାୟସଙ୍ଗତ କର ଲେଉଛନ୍ତି ଅନ୍ୟଥା ବଢ଼ାଇବାକୁ ଇଚ୍ଛା କରନ୍ତି ନାହିଁ । ଅତଏବ ଏ ବିଷୟର ବିଚାର ବିଗୁଲ କରିବା କାରଣ ବିଭାଗୀୟ କମିଶନର ଏବଂ ରେଭ ବୋର୍ଡ଼ଙ୍କୁ ଅମ୍ଭେମାନେ ବିଶେଷ ଅନୁରୋଧ କରୁଅଛୁଁ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ଡାକ୍ତରିକ ପ୍ରଥା ଦଳରେ ମି° ଏଚ୍, ଏ, ଷ୍ଟାର୍କ ୪ର୍ଥ ଶ୍ରେଣୀକୁ ଉନ୍ନତି ପ୍ରାପ୍ତ ହେଲେ ।

ଏଠାର ଅତିରିକ୍ତ ମହକୁମ ବାବୁ ମୋହନମୋହନ ଘୋଷ ଏସ୍ ଷ୍ଟେଡ଼ିକ୍ ଛୁଟି ପ୍ରାପ୍ତ ହେଲେ ।

କଟକ ମେଡ଼ିକେଲ ସ୍କୁଲର ଉତ୍ତୀର୍ଣ୍ଣ ଛାତ୍ର ମଧ୍ୟରୁ ଡାକ୍ତର ହସ୍ପିଟାଲ ଅସିଷ୍ଟାଣ୍ଟ ମେଡ଼ିକୋ ଲଗାଇ ଅର୍ଥାତ୍ ପରୀକ୍ଷା ସମ୍ବନ୍ଧୀୟ ଅଛନ୍ତି କାର୍ଯ୍ୟର ଯୋଗ୍ୟତା ସ୍ୱର ଦେଉଅଛନ୍ତି ।

ବାବୁ ଚନ୍ଦ୍ରଶେଖର ବାନାର୍ଜି ଓ ବାବୁ ହରେକୃଷ୍ଣ ମହାନ୍ତି ବୋର୍ଡ଼ ଶାସନ ବୋଡ଼ର ସଭ୍ୟ ପଦରେ ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ଏ ନଗରରେ ପ୍ରତିଦିନ ପ୍ରାୟ ବୃଷ୍ଟିପାତର ହଇ ପଡ଼ିଛି ଚଣ୍ଡ ଏବ ତହିଁ ଖରାରୁ ଅଣ୍ଡ ତା ଅଧିକ ବୃଷ୍ଟି ହୋଇଥିବ । ଜଳର ଅଭାବ ନାହିଁ ।

ରଙ୍ଗ ଚଣ୍ଡପାଲପୁ ସମ୍ବନ୍ଧର ପରମ୍ପରାର କେଶବର ସ୍ୱତନ୍ତ୍ର ଏ ସମୟରେ ଅତି ଭୀଷଣ ଲୋକ ଭାକ୍ତରଖାନାମାନ ଅବଶିଷ୍ଟ କରୁଅଛନ୍ତି ।

ମାଇଂକର ଦେଶ ଦେଶର ବର୍ଷାରମ୍ଭ ନଦୀବନ୍ଧାରଣ କେତେକ ସ୍ଥାନ ଜମିଦାର ପ୍ରଭୃତି ଏ ନଗରକୁ ଆଗମନ କରିବାର ଶୁଣାଯାଉଅଛି ।

ଏଥର ବନ୍ୟାବଢ଼ିଙ୍କ ସମୟରେ ଦେଶରେ ଯେ ଓଲଟା ସଙ୍କଟ ଉପସ୍ଥିତ ହୋଇଅଛି ଏବଂ ଫସଲର ଅବସ୍ଥା ଅଶାତିତ ଅଟେ ।

ଲକ୍ଷ୍ମୀ ଦେବୀଙ୍କ ସଙ୍କଟ କାଶୀର ମହାରାଜା ସ ୪° ଲ ଭାଗ ସରକାରଙ୍କୁ ଋଣ ଦେବେ । ତାହାଙ୍କର ଅନେକ ଭାଗ ଅଛନ୍ତି ।

ଦକ୍ଷିଣ ଅଫ୍ରିକାର ସ୍ୱାଧୀନ ସଙ୍ଗର ଯୁଦ୍ଧର ସମୟର କ୍ଷେତ୍ର କପେକଙ୍କର ଯୁଦ୍ଧଗୋଳ ଯୋଗାଡ଼ ଯେପରି ଅନେକ ହେବାରୁ ସେ ବିଷୟ ଜମିର ବଳଦୋକ୍ ସାଧଧର ସମ୍ବାଦ ମିଳଇ ।

ବଙ୍ଗଳାହିଜା ମାଧବପୁରର ଜମିଦାର ଚାନ୍ଦିକୃଷ୍ଣ ଘୋଷ ଜଣେ ପ୍ରେବଳ ବଳାତ୍କାର ସର୍ଦ୍ଦାରକୁ ତାହାର ସ୍ୱାମୀଠାରୁ କାଢ଼ି ନେଇ ରଖିଥିବା ଅପରାଧରେ ବର୍ତ୍ତମାନ କାରାଗାର ପାଇଥିବାର ସମ୍ବାଦ ମିଳଇ ।

ଗତମାସ ତା ୬ ଦିନରେ ଲକ୍ଷ୍ମୀସରାଇଷ୍ଟେସନ ଠାରେ ପଞ୍ଜାବର ଡାକ ରେଲଗାଡ଼ି ଗୋଟିଏ ମାଲଗାଡ଼ି ସଙ୍ଗେ ଧକ୍କା ଖାଇଥିବାର ସମ୍ବାଦ ମିଳଇ । କିନ୍ତୁ ଡାକଗାଡ଼ିର ପ୍ରଥମ ଶ୍ରେଣୀର ଗାଡ଼ିରେ ଅଲିପୁରର ଜଜ ସାହେବ ଓ ଅନ୍ୟ ଜଣେ ସାହେବ ଥିଲେ । ଗାର୍ଡ ସାହେବଙ୍କ ମରଣରେ ମାତ୍ର ଚୋଟ ହେଲେ ସୌଭାଗ୍ୟରେ ବଞ୍ଚିଗଲେ ।—ଭଗବାନ ରକ୍ଷା କଲେ କେହି ମାରି ନ ପାରେ ।

ଅମ୍ଭମାନଙ୍କର ପୂର୍ବ ଉଲ୍ଲେଖ ନୂତନ ପରିଚ୍ଛେଦର ସ୍ୱର୍ଣ୍ଣ ସାହେବ ଉଗ୍ରମାସ ତା ୪ ଦିନରେ ବହୁବନ୍ଧୁ ଅର୍ଥାତ୍ ସ୍ଥାନରେ ହାବଡ଼ା ଷ୍ଟେସନଠାରେ ପହଞ୍ଚିବା ସମୟରେ କଲିକତା ନଗରର ଅନେକ ତାଙ୍କ ଦେଖିବା କାରଣ ଷ୍ଟେସନରେ ପୋହଞ୍ଚିଥିଲେ । ଏ ମହାଶୟ ବଙ୍ଗଳା ମାତ୍ର ସାର ହେବାମାତ୍ରେ ଥିଲେ ଏବଂ ସେଠାରେ ଲୋକମାନେ ତାଙ୍କ ଦର୍ଶନରେ ସନ୍ତୁଷ୍ଟ ହୋଇଥିବାର ଏଥି ଶତ ଅଧିକ ପରିଚୟ ଅନ୍ୟ କେ ହୋଇପାରେ ?

ଗତ ମାସର ତା ୭°° ଣ ଲୋକ ଶର୍ମସମ୍ପ୍ରଦାୟର ତା ୬° ଣ କର୍ମଚାରୀ ମାରି ପକାଇଥିବାର ସମ୍ବାଦ ମିଳଇ । ସେମାନଙ୍କ ବନ୍ଧୁଙ୍କରେ କେମ ପ୍ରେରିତ ହୋଇଅଛି ।

ଗତମାସ ତା ୧୪ ଦିନରେ ସ୍ୱରାଜ୍ୟ ସେହି ଦଳର ଉନ୍ନତି ଲାଗି ଏ ଦେବେ, ପ୍ରତାପଚନ୍ଦ୍ର ହେବାର ଦିନ ଧାର୍ଯ୍ୟ ହୋଇଅଛି । ବୋଧହୁଏ ଏମାନେ ସବୁ କାର୍ଯ୍ୟ କରିବ ସନ୍ତୁଷ୍ଟ ହେବେ ।

ଅସୁସ୍ଥତା ମହକୁମ ବାବୁ ବଟକୃଷ୍ଣର ଭଲ୍ଲ ଅତରଣ ଅନୁକୂଳ ନ କରିବା କାରଣ ସେଠା ଲୋକମାନେ ଜଳାଶୟରେ ଯନ୍ତ୍ରଣାରେ ଯାଉଥିବା କଲେ ଏଥିର ତତ୍ତ୍ୱ ନେବା କାରଣ ଟେଲିଗ୍ରାଫ ଅଦେଶ ଦେଇଅଛନ୍ତି । ମଙ୍ଗଳମୟଙ୍କ ପ୍ରତି ଦର୍ଶନ ବନ୍ଧୁତାର ଏଥିର ମୂଳ ଅଟେ ।

Digitized by srujanika@gmail.com

ଆଗାମୀ ନବେମ୍ବରମାସ ସେପ୍ତେମ୍ବରରୁ ଅସ୍ମାନଙ୍କର ନୂତନ ସେକ୍ରେଟେରି ବଙ୍ଗୀୟ ଲର୍ଡ କର୍ଜନର ମହୋଦୟ ଦୋଷାଇ-ଠାରେ ପଦାର୍ପଣ କରି କାର୍ତ୍ତିକର ପ୍ରଥମ ଦିବସ କଲିକତା ଯାତ୍ରା କରିବାର ସ୍ଥିର ହୋଇଅଛି ।

ଜଲ୍ଲାଶୀର ବ୍ୟକ୍ତିମାନେ ପରୀକ୍ଷାକରି ଦେଖିଅଛନ୍ତି ମାର୍ଚ୍ଚ ହସ୍ତ ଭାଷା କହିଲେ ଭାରତବର୍ଷରେ ଅଳ୍ପ ବୃଷ୍ଟି ହେବ ମାତ୍ର ସେଇଁ ବର୍ଷ ହେଉଥିଲେ ବୃଷ୍ଟି ଅଧିକ ମେ ବର୍ଷ ମାନଙ୍କର ସାମ୍ୟାନ୍ୟରୂପେ ବହଇ ।

## ଜଗତସିଂହପୁର-ସମ୍ବାଦ ।

ଉପରବର୍ଷ ଜୁଲାଇମାସରେ ଏ ସବ୍‌ଡିଭିଜନରେ ୬୮-୫୧ ଇଞ୍ଚ ବୃଷ୍ଟି ହୋଇଅଛି । ଗତବର୍ଷ ଜୁଲାଇମାସରେ ୨୨-୨୪ ଇଞ୍ଚ ହୋଇଥିଲା ।

ଗତଗମାସ ତା ୫ ରେଖରେ ଏଠାର ଡାକ୍ତରଖାନାର ମେନେଜିଂ କମିଟିର ଅଧିବେଶନ ହୋଇଥିଲା । ଶ୍ରୀଯୁକ୍ତ ମେମ୍ବର ଉପସ୍ଥିତ ହୋଇଥିଲେ । ଏଠା ସବ୍‌ରେଜିଷ୍ଟ୍ରାର ଶ୍ରୀଯୁକ୍ତ ବାବୁ ପ୍ରାଣକୃଷ୍ଣ ଘୋଷ ମହାଶୟ ଟ ୧ । ଗ୍ରାମସ୍ଥ ଜମିଦାର ଶ୍ରୀଯୁକ୍ତ ବାବୁ ବଂଶୀଧର ସାହୁ ମହାଶୟ ଟ ୧ ( ଓ ଘୋଷର ସବ୍‌ଇନ୍‌ସ୍ପେକ୍ଟର ଶ୍ରୀବାବୁ କୃଷ୍ଣବିହାରୀ ଦାସ ମହାଶୟ ଟ ୦ । ଏମୁତ ଟ ୬୮ ନୂତନ ଚାନ୍ଦା ସ୍ୱୀକୃତ ହୋଇଅଛି । ସବ୍‌ଇନ୍‌ସ୍ପେକ୍ଟର ବାବୁ ମହାଶୟ ନୂତନ ଦ୍ୱାରବାଚା ସହିତ ଓ ସଭା ଅଠାସ୍ୱର ତଥା ଗ୍ରହଣ କରି-ଅଛନ୍ତି ।

ଅସ୍ମାନଙ୍କର ସବ୍‌ଡିଭିଜନର ବିଶେଷ ଉଲ୍ଲେ-ଖରେ ଏଠାର ସ୍ଥାନୀୟ ଜମିଦାର ଶ୍ରୀଯୁକ୍ତ ବାବୁ ବଂଶୀଧର ସାହୁ ମହାଶୟ ଗତମାସ ତା ୫ ରଖ ଦିନ ତାଙ୍କ ଉକ୍ତ ଗ୍ରାମରେ ଜଗନ୍ନାଥଜୀଉ, କେବଳ ଅବଧୂତା, ଗ୍ରାମଦେବତୀ ମାତଙ୍ଗୀ, ବାଳିପଲା ଓ ଜଗତ୍‌ଜନନୀ ପ୍ରଭୃତି ଦେବଦେବୀଙ୍କ ମଙ୍ଗଳଜନକ କାର୍ଯ୍ୟ କରିଥିଲେ । ଶୁଣିବାରେ ଦେଖନ୍ତି ସେଠାର ସେବେ ବନ୍ଦେଶ ଅନୁକ୍ରମ ମାଡରାଇ ଦେବତା "ସବ୍‌ଡିଭିଜନର ଜନ୍ମ" ଏହି ଜସ୍ୱୀନ କରିଥିଲେ । ବାବୁ ଶ୍ରୀଙ୍କର ବଂଶସ୍ୱ ଯେ ଏଠା ସରକାର ପ୍ରିଭିଲେଜ ସ୍ୱତ୍ୱ ଲକ୍ଷ ତା ୧ ଦଶକ ନ କେ ହୋଇ ନ ଥିଲା ।

ବର୍ତ୍ତମାନରସ୍ତୁର ଉଦାସୀ ଦାରୁନ ମହାନ୍ତ ନାମକ ଜଣେ ଜଣ ଉଦ୍ୟମକର ସୋହାଏ କ ୧୪ ବର୍ଷ ବାଳକ ନିଜ ମାତାଙ୍କ ନିକଟରୁ ଏକଖଣ୍ଡ ଧଡି ଛାଡ଼ି ସେଠି ଦରୁ ଦାଣ୍ଡର ଅଛିବା ସମୟରେ ବାଟରେ ପଡ଼ିଗଲା ଏବଂ ତାହା ମଧ୍ୟରେ ଥିବା ଜଣଙ୍କ ତାହା ଦେଖି ଉଠେଇ ଲାଗି ଯାଇ ବାଲକଟିକୁ ପୋଇନ୍ତି ଦଣ୍ଡ କରୁଅଛି । ଏହେ ଅଳ୍ପ ବୟସ୍କ ପିଲାମାନଙ୍କ ଉପରେ ଲୋଭ ଜାଗିବାର କଥା ଉଚିତ ନୁହେଁ ।

୩ ଜିଲା ତଦନ୍ତକ ଉପରୀ ଏଡେକ୍ନିଷ୍ଟ୍ରେଟିଭ ଇଞ୍ଜିନିୟର ମହୋଦୟ ୩ ଅଗଷ୍ଟ ଠାରୁ ଉପରୀ ପରିଦର୍ଶନାର୍ଥ ଅସି ସ୍ଥାନେ ପରିଦର୍ଶନ କରୁଅଛନ୍ତି । ଏହି ଇଞ୍ଜିନିୟରଙ୍କ ସମୟରେ ସଦର୍ଶନରେ ପ୍ରଜାବର୍ଗଙ୍କର ମଙ୍ଗଳର ଆଶା ଦେଖାଯାଏ ।

## ପୁରୀ ସମ୍ବାଦ ।

ବକ୍ଷିଭିଜ ଦେଉଳ ବଡ଼ାର ପଣ୍ଡା ଦସ୍ୟା ପାଟନା ସରେ ଜଣେ ପୂଜାରୀ ବ୍ରାହ୍ମଣ ସ୍ୱରର କରୁଥିଲା । ସେ ଦେଉଳ ତକ୍‌ସ ଦ୍ୱାରା କରୁଥିବା ହେତୁ ପଣ୍ଡା ଓ ତାହାର ସ୍ତ୍ରୀ ପ୍ରଭୃତି ଉକ୍ତ ପୂଜାରୀକୁ ପ୍ରହାର କରି ପଶ୍ଚାତ୍‌ଶେଷରେ ତାହା ଗଳାରେ ଦଉଡ଼ି ବାନ୍ଧି ଝୁଲାଇଦେବା ଓ ପରେ ତାହାର ବାଟ ଦେଇଥିବା ରକ୍ତସ୍ରାବ ପୂଜାରୀ ପୁଲିସରେ ଏଡ଼େଲ ଦେବାରୁ ତଦାରଖ କରାଯାଇ ମାଜିଷ୍ଟ୍ରେଟ ପୋଲିସ ପ୍ରଭୃତି ଲଗ ତା୧୨ରଖ

ଓଡ଼ିଶାରେ ସରକାରୀଙ୍କ ପାଇଥିଲେ । ବର୍ତ୍ତମାନ ସେଶୀ ସ୍ଥାନରେ ଉକ୍ତସ୍ଥ ୩୦୬।୦୦।୫୪୨ ଦସ୍ତା ଅନୁସାରେ ସେମାନଙ୍କୁ ଦଣ୍ଡ ଦେଇଅଛି ।

ପୁରୀ ସ୍ୱଜାତି ମୋକଦ୍ଦମା ରଫା ନ ହେବାରୁ ଥଃ ମାଜି-ଷ୍ଟର ଏବଂ ଗୋପୀନାଥ ଚନ୍ଦ୍ରାଇ ହାଇକୋର୍ଟରେ ମୋସନ କରିବାକାରଣ କଲିକତାକୁ ଯାଇଅଛନ୍ତି ଏବଂ ଏଥିମଧ୍ୟରେ ମୋସନ ମଞ୍ଜୁର ଓ ରୁଲ ଜାରୀର ଆଦେଶ ହେବାର ସମ୍ବାଦ ଅସିଅଛି ।

ପୁଲିସ ବଙ୍ଗଳାର ଡେପୁଟି ଇନ୍‌ସ୍ପେକ୍ଟର ଜେନେରଲ ସାହେବ ଗତ ତା ୮ ରଖେ ଏଠାକୁ ଅଛିଥି ପୁଲିସ ଶିକ୍ଷା ସ୍କୁଲ ପରିଦର୍ଶନ କରୁଅଛନ୍ତି ।

ଗତ ଉକ୍ତବାର ଦଶ୍ୟା ସମୟରେ ଏଠାରେ ପ୍ରାୟ ଘ ୧୨ ଘା ପର୍ଯ୍ୟନ୍ତ ଜୋର ବୃଷ୍ଟି ହୋଇଥିଲା । କଟିବାର କାଠମାନ ପୂର୍ଣ୍ଣ ହୋଇ ଦୋକାନ ଖାନାରେ ଭର୍ତ୍ତି ପାଇଥିଲା । କେମିତାର ଅପରପୂରେ ମଧ୍ୟ ଦକ୍ଷିଣଠାରୁ ଅଳ୍ପ ପରିମା-ଣରେ ବର୍ଷା ହୋଇଥିଲା ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଚନ୍ଦ୍ରଶେଖର ଘୋଷ | କଟକ | ଟ ୧ ( |
| „ ଜଗନ୍ନାଥ ସ୍ୱାମୀଙ୍କ ଦାସ ସ୍ୱରୂପଦାସ ମଠ | ପୁରୀ | ଟ ୩ ( |
| „ ଗୋବିନ୍ଦଚରଣ ଦାସ ଅଧିକାରୀ ଜିଣାସ ପୁରୀ | | ଟ ୩ ( |
| „ ବିଶ୍ୱନାଥ ସତ୍ପଥୀ ବଡ ନୂଆସାହୀ କଟକ | | ଟ ୩ ( |
| „ ରଘୁନାଥ ପଣ୍ଡା ସର୍ଦ୍ଦାର କବଳଥି ମୟୂରଭଞ୍ଜ | | ଟ ୩ ( |
| „ ମାଧବ ଭଞ୍ଜ ମିଶ୍ର ସ୍ୱଭର ଜାଜପୁର ଗୋଇ ପଟ | | ଟ ୩ ( |
| „ ଭଗବତୀ ଚରଣ ସେନ ଫଳୀ | | ଟ ୪ ( |
| ମହନ୍ତ ଭଗବାନ ସ୍ୱାମୀଙ୍କ ଦାସ ଦକ୍ଷିଣପାର୍ଶ୍ୱ ମଠ | ପୁରୀ | ଟ ୩ ( |
| ଶ୍ରୀ ବାବୁ ହରିହର ଘୋଷ ମୁକ୍ତାର | ପୁରୀ | ଟ ୩ ( |
| „ ଚନ୍ଦ୍ରମଣି ମିଶ୍ର ସମ୍ପାଦକ ଶିକ୍ଷୋଦୟ | ସମ୍ୱଲପୁର | ଟ ୧ ( |
| „ ଶ୍ରୀହରି ଦାସ | ଢମ୍ପ | ଟ ୧୪ |
| „ ଟ୍ରିଭିସ୍ତନାଥ ସାହୁ ପୋଷ୍ଟ ମାଷ୍ଟର- | ସେଲବତ ବଡ଼ାମ୍ବା | ଟ ୨ ( |
| ପଣ୍ଡା ରାଜକିଶୋର ହରିଚନ୍ଦନ | ଚକଡଣ୍ଡପାଟ୍ଟା ଫଳୀ | ଟ ୩ ( |


## ବିଜ୍ଞାପନ ।

# ଏହାଇ ଯାଦୁର

## ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ଅତ୍ୟନ୍ତ ସବୁ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବଳା କ୍ଳାନ୍ତ ସବୁ- ଶରେ ରୋଗ ସମ୍ପୂର୍ଣ୍ଣ ଅରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବ ଶ୍ରେଣୀର ଲୋକ ଏହା ଅଗ୍ରହସହକାରେ ବ୍ୟବହୃତ ପୂର୍ବି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ।୶ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟି ନେଲେ କ୍ରେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ତାହାର କେତେ ଡବା ଔଷଧ ଗୃହ ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—
ଶ୍ରୀ ରାମତାରକ ସେନ ।
ହେଡ୍ ଉତ୍କଳପ୍ରେସ, ବାଲେଶ୍ୱର


## NOTICE.

Tenders are invited for the construction of some Bungalows on some lands belonging to Zemindar N. R. Chowdhury Esquire, in the town of Cuttack. Contractors wishing to have the work will apply to the undersigned with terms and rates before the 30th August 1902. Further information can be obtained at his office in Kazi Bazar between 11 A. M. and 5 P. M. within the specified time.

*Bepin Behary Mukerji*

## ବିଜ୍ଞାପନ ।

ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀ ଜମିଦାର ମହାଶୟଙ୍କ କଟକ ସହରରେ ଥିବା କେତେକ ଜମି ଉପରେ କେତେକ ବଙ୍ଗଳା କୋଠୀ ପ୍ରସ୍ତୁତ କରାଇବାର ଆବଶ୍ୟକ ଥିବାରୁ ଠିକାଦାରମାନଙ୍କୁ ଏତଦ୍ୱାରା ଜଣାଇ ଦିଆ ଯାଉଅଛି କ ଯେ ସେମାନଙ୍କ ମଧ୍ୟରେ କିଏ କେତେ ଦରରେ ଉକ୍ତ କୋଠୀର ଲଗା ଓ ତାଦର କାର୍ଯ୍ୟ କରି ପାରିବେ ତାହା ଆଗାମୀ ଅଗଷ୍ଟମାସ ତା ୩୦ ରଖ ମଧ୍ୟରେ ଜମିଦାର ମହାଶୟଙ୍କ କଟକ ସହରସ୍ଥ କାଜିବଜାର କୋଠା ମୁକାମରେ ଉପସ୍ଥିତ ହୋଇ ଜଣାଇବେ । ଅନ୍ୟ ବିଷୟ ଜାଣିବାର ଆବଶ୍ୟକ ହେଲେ ଉକ୍ତ ତାରିଖ ମଧ୍ୟରେ ବେଳ ଘ ୧୧ ଘଣ୍ଟାରୁ ଘ ୫ ଘଣ୍ଟା ପର୍ଯ୍ୟନ୍ତ କାଜିବଜାର କୋଠା ମୁକାମରେ ଜାଣି ପାରିବେ । ଇତି—

*Bepin Behary Mukerji*
30-7-02

Split by PDF Splitter
Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

## ଫଳେନ ପରିଚୀୟତେ

ଚବଗନ ଶ୍ରୀଛତ୍ରପତି ଚଉ ଚବରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦ ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

### ବ୍ରାହ୍ମୀ ଘୃତ

ଅଧୁନା ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତ୍ୟନ୍ତ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚକ୍ଷୁ ଦୌର୍ବଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚିତ ହୋଇ ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଦିଶିର ମୂଲ୍ୟ ଟ ୨ ୯

### ଶ୍ରୀ କ୍ରବର୍ଦ୍ଧକ ବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଡ଼ମ୍ବର ନିଷ୍ପ୍ରୟୋଜନ । ଅବେନାଶ ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୷ ମାତ୍ର ।

### କଲ୍ୟାଣ ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦାଦ ଦୋଷଜନିତ ଶରୀରରେ କଣ୍ଡୁ ଓ ଉତ୍ତାପ ଦାହ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୷ ମାତ୍ର ।

ଏକକେ ତିନିଶିଶି ନେଲେ ଟ ୩୯ ଙ୍କା ଲଗେ ।

ଚୌଧୁରୀ ବଜାର } ଶ୍ରୀ ଛତ୍ରପତି ଚଉ ଚବରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।

---

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କୁ ବହୁବର୍ଷରୁ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାଇରଙ୍ଗପୁର, ସରାଇକେଲା, ସୋନ-ପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ତାଳଚେର, ଆଦି ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଜୋଡ଼ି, ଦୁପଟ୍ଟା, କିଂଖାପ, ବାସ୍ତା, ସଙ୍ଗୀ, ଟୋପଟା ମଖମଲ, ଶିରରେ ବାନ୍ଧିବାର ପଗଡ଼ି, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍ତମ ଗଢ଼ଣ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହୀରାର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ, ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ଯେଉଁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ ଲେ ମାଲ ଯେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ
ଲକ୍ଷ୍ମୀକୁଣ୍ଡ ପାଣ୍ଡେ ବନାରସ ସିଟି

---

## ବିଜ୍ଞାପନ

ଏଲ୍ଭର ହେଙ୍ଗ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଯନ୍ତ୍ରଣାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ।୵ ଅଣା ।

ପ୍ରାପ୍ତିସ୍ଥାନ ଏଲ୍ଭର, ହେ
ହୋମିଓପ୍ୟାଥିକ, ଡାକ୍ତରୀ ଔଷଧାଳୟ
ବାଲେଶ୍ୱର ।

---

## ବିଜ୍ଞାପନ ।

### ନୂତନ ପୁସ୍ତକ ।

| | |
|---|---|
| କଥାଶିକ୍ଷା ( ନୂତନ ଛାପା ) | ଟ ୦ ୶ |
| ପଦ୍ମ ପୁରାଣ | ଟ ୧ |
| ଜାମରତ୍ନ ଗୀତା ୨ୟ ଭାଗ | ଟ ୦ । |
| ମସ୍ତିଷ୍କ ପୁରାଣ ସ୍ତୁତି | ଟ ୦ ⁄ |
| ପ୍ରବନ୍ଧ ଅଣ୍ଡଦଣ୍ଡ ବା ନାଦମାସ ଉପନ୍ୟାସ (ଭ୍ରମ) | ଟ ୦ ୵ |
| ଭକ୍ତି-ସଙ୍ଗୀତ | ଟ ୦ ⁄ |
| ବୈଚିତ୍ର୍ୟଗୀତା | ଟ ୦ ।⁄ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ ⁄ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳେ ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ
ପ୍ରତିଧାଡ଼ି ଟ ୦ ୶
ଅଧସ୍ତମ୍ଭ ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୯

ମାତ୍ର କୌଣସି ବିଜ୍ଞାପନ କେବଳ ଏକ୍ତ ହେଲେ ଉକ୍ତିର ସର୍ତ୍ତ ଟ୦ ୮ ଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ-ବାକୁ ହେବ ।


---

ଏହି ଉତ୍କଳଦୀପିକା କଟକ ସହର 'କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ର ପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଜ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

କଟକଜିଲାର ସାଲେପୁର ଥାନାନ୍ତର୍ଗତ କୋଠପଦା ମଠର ମହନ୍ତ ତପୋନିଧି ଶ୍ରୀ ରଘୁନାଥପୁରୀ ଗୋସାଇଁ ପ୍ରଗାଢ଼ ଆହ୍ଲାଦ ଓ ଭକ୍ତି ସହିତ ଉତ୍ସବ ସମ୍ପାଦନ କରିଥିଲେ । ଗ୍ରାମସ୍ଥ ପ୍ରତ୍ୟେକ ଗୃହର ଦ୍ୱାରରେ ଓ ଗ୍ରାମ୍ୟ ପଥର ଦୁଇ ଧାରରେ ସ୍ଥାନେ୨ କଦଳୀଗଛ ଓ ପୂର୍ଣ୍ଣ ଘଟ ସ୍ଥାପିତ ହୋଇଥିଲା । ସ୍କୁଲଗୃହ ଓ ମଠର ମନ୍ଦିର ନିକଟରେ ଫଳ ପୁଷ୍ପ ଶୋଭିତ ସୁନ୍ଦର ତୋରଣମାନ ନିର୍ମିତ ହୋଇଥିଲା । ବ୍ରାହ୍ମଣ ପଣ୍ଡିତ ନିଯୁକ୍ତ କରି ରାଜାଙ୍କ ମଙ୍ଗଳକାମନାରେ ରଘୁନାଥଜୀଉଙ୍କ ନିକଟରେ ଅଷ୍ଟାଧିକସହସ୍ର ତୁଳସୀ ପ୍ରଦାନ ଓ ହୋମ କରାଇଥିଲେ । ପୂଜା ଅନ୍ତେ ଅନେକ ବ୍ରାହ୍ମଣଙ୍କୁ ଭୋଜନ ଦେଇଥିଲେ। ଅପରବେଳା ବାଳକ୍ରୀଡ଼ା କରାଇଥିଲେ । ସ୍କୁଲର ପିଲାମାନଙ୍କ ନିମିତ୍ତ ସ୍ୱତନ୍ତ୍ର 'ବାଲୋତ୍ସବ' କରାଯାଇଥିଲା । ସନ୍ଧ୍ୟାସମୟରେ ଆଖପାଖରୁ କେତେକ ଭଦ୍ରବ୍ୟକ୍ତି ଆମନ୍ତ୍ରଣ କରି ଆଣି ଉପାସନାନ୍ତେ ନୃତ୍ୟ ଗୀତାଦି ଦେଖାଇ ପ୍ରସାଦ ସେବା କରାଇଥିଲେ । ସଂକୀର୍ତ୍ତନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହୋଇଥିଲା ।

ଜଣେ ଆମନ୍ତ୍ରିତ ବ୍ୟକ୍ତି ।

---

ମହାଶୟ !

ଗୁନବାଲରେ ଡାଃ କନଡା ମୂଲାଙ୍କାଗୁଲାର ଇଜରଦାର ଓ ଗୁନବାଲ ବେଞ୍ଚର ଅଃ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାବୁ ହରବନ୍ଧୁ ଚୌଧୁରୀ ମହାଶୟ ନିଜ ବ୍ୟୟରେ ରାଜଭକ୍ତି ପ୍ରଦର୍ଶନ ହେତୁ ନିମ୍ନଲିଖିତ ସଦନୁଷ୍ଠାନମାନ କରି ସମସ୍ତଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି ।—

ପ୍ରାତଃକାଳରେ ବ୍ରାହ୍ମଣ ବରଣ କରାଇ ସମ୍ରାଟଙ୍କ ଶୁଭ କାମନାରେ ଅକ୍ଷୟ ଶିବଲିଙ୍ଗଙ୍କର ଯଥାବିଧି ଅର୍ଚ୍ଚନା ହୋଇଥିଲା । ଉକ୍ତ ଚୌଧୁରୀ ବାବୁଙ୍କ ବସାଠାରେ ମଙ୍ଗଳମନ୍ତ୍ରୀ ଓ ବାଜା ବସିଥିଲା । ସକାଳ ୯ ଟା ସମୟରେ ପ୍ରାୟ ଅଠଶତ କାଙ୍ଗାଳଙ୍କୁ ଜଣପ୍ରତି ସେରେ ଚାଉଳ ଓ ଗୋଟିଏ ପଇସା ଦିଆଯାଇଥିଲା ।

ଏଠା ଇଉରୋପୀୟମାନଙ୍କ କ୍ରୀଡ଼ାଭୂମି 'ଟେନିସ କୋର୍ଟ' ତୋରଣ, ଧ୍ୱଜ ଓ ବିବିଧ ପତାକାରେ ପରିଶୋଭିତ ହୋଇ ସଭାସ୍ଥାନ ନିର୍ଦ୍ଦିଷ୍ଟ ହୋଇଥିଲା । ଦିବା ୬ ଟା ସମୟରେ ସେଠାରେ ପ୍ରାୟ ଦୁଇହଜାର ଲୋକ ଏକତ୍ରିତ ହୋଇଥିଲେ । ଗୁନବାଲର ଦେଶୀୟ ଏବଂ ଇଉରୋପୀୟ ସମସ୍ତ ଭଦ୍ରାଭଦ୍ର ଲୋକମାନେ ସଭାରେ ଉପସ୍ଥିତ ଥିଲେ । ସେଠାରେ ନାନାପ୍ରକାର କ୍ରୀଡ଼ା, ସ୍କୁଲଛାତ୍ରଙ୍କର ଡ୍ରିଲ, ସଙ୍ଗୀତ, ଭଜନାପାଠ ଇତ୍ୟାଦି ହୋଇଥିଲା ଛାତ୍ରମାନେ ମିଷ୍ଟାନ୍ନ ଏବଂ ଇଉରୋପୀୟମାନେ ରିଫ୍ରେସମେଣ୍ଟ ଅତର ଇତ୍ୟାଦିଦ୍ୱାରା ସମ୍ମାନିତ ହୋଇଥିଲେ ।

ଉପସ୍ଥିତ ପୁରୁଷମାନଙ୍କର ହରିବୋଲ, କରତାଳ ଏବଂ ଗ୍ରାମ୍ୟ ସ୍ତ୍ରୀଲୋକମାନଙ୍କର ହୁଳାହୁଳି ଦ୍ୱାରା ସମ୍ରାଟଙ୍କର ଜୟକାମନା କରାଯାଇଥିଲା । ଉପସ୍ଥିତ ଇଂରାଜମାନେ God save our noble king ଶୀର୍ଷକ ଗୀତ ଗାୟନ ଏବଂ ଶ୍ରୀଯୁକ୍ତ ବାବୁ ହରବନ୍ଧୁ ଚୌଧୁରୀଙ୍କୁ ସମସ୍ତେ ଧନ୍ୟବାଦ ଦେଲାପରେ ସଭା ମଉଳିଥିଲା ।

ସନ୍ଧ୍ୟାରୁ ରୋଶନାଇ, ଅତସବାଜି ଓ ନାଚ ତମାସା ଯଥାବିଧି ହୋଇଥିଲା । ଚୌଧୁରୀ ବାବୁ ଆପଣାର ହିନ୍ଦୁ, ମୁସଲମାନ ଏବଂ ଖ୍ରୀଷ୍ଟାନବନ୍ଧୁମାନଙ୍କୁ ନିଜର ବସାଠାରେ ଯଥାଯୋଗ୍ୟ ଭୋଜନ ଦେଇଥିଲେ । ସେଦିନ ଗୁନବାଲ ପୋର୍ଟରେ ଥିବା 'ଯାଣୀ' ଜାହାଜର ସୁଯୋଗ୍ୟ କପ୍ତାନ ସେନଫ୍ରାଡେକ ଜାହାଜକୁ ବିଶେଷରୂପେ ସଜ୍ଜିତ କରିଥିଲେ ।

ବାସ୍ତବରେ ସେଦିନ ଗୁନବାଲର ଦୃଶ୍ୟ ରମଣୀୟ ଥିଲା ।

ବଶମ୍ବଦ
ତା ୧୧ । ୮ । ୦୭ ଶ୍ରୀ କୃଷ୍ଣପ୍ରସାଦ ସିଂହଦେଓ ପଣ୍ଡିତ,
ଗୁନବାଲ ସ୍କୁଲ

---

ମାନନୀୟ ମହୋଦୟ !

ଗତ ମାସ ଗତ ତା ୯ ଶୁକ୍ରବାର ପ୍ରବଳ ପ୍ରତାପ ମହାମାନ୍ୟ ସପ୍ତମ ଏଡ୍‌ୱାର୍ଡ ମହୋଦୟଙ୍କ ରାଜ୍ୟାଭିଷେକ ଉପଲକ୍ଷେ ମହୋତ୍ସବ; ତାଳଚେରର କଥା ତମାମରେ ମହା ଆନନ୍ଦର ସହିତ ନିର୍ବାହ ହୋଇ ଯାଇଅଛି । ଏତଦ୍‌ପୂର୍ବରୁ ଶ୍ରୀଯୁକ୍ତ ତାଳଚେରାଧୀଶ୍ୱର; ଯାହା ଉତ୍ସାହ ଓ ଉପଦେଶପୂର୍ଣ୍ଣ ଅନୁରୋଧ ପତ୍ର ପ୍ରଜାମଣ୍ଡଳରେ ପ୍ରଚାର କରିଥିବାରୁ ତଦନୁରୂପ କଥାର ପ୍ରତିଗ୍ରାମରେ ଧ୍ୱଜରୋପଣ, ନାମସଂକୀର୍ତ୍ତନ; ବିବିଧ ବୃକ୍ଷ ରୋପଣ ଏବଂ ଦୁର୍ଗର ସମସ୍ତ ଦେବାଳୟରେ ବ୍ରାହ୍ମଣମାନଙ୍କ ଦ୍ୱାରା ଜପ, ହୋମ, ବେଦଧ୍ୱନି; ସଂକୀର୍ତ୍ତନ ପ୍ରଭୃତି ବିବିଧ ସଦନୁଷ୍ଠାନ; ମହାମାନ୍ୟ ସମ୍ରାଟଙ୍କ ମଙ୍ଗଳ ପ୍ରକାଶ ଅନୁଷ୍ଠିତ ହୋଇଥିଲା ।

ଯଥା ସମସ୍ତେ ଅସଂଖ୍ୟ ଦରିଦ୍ର ଓ ଅକ୍ଷମବ୍ୟକ୍ତିମାନଙ୍କୁ ଭୋଜନ; ବସ୍ତ୍ରଦାନ ଏବଂ ଜେଲକଏଦୀମାନଙ୍କୁ ମାଂସ ପ୍ରଭୃତି ସୁଖାଦ୍ୟ ଦେଇ ସେମାନଙ୍କ ମୁଖରେ ମହାରାଜେଶ୍ୱରଙ୍କ ଜୟଧ୍ୱନି କରାଯାଇଥିଲା ।

"ନରୋତ୍ତମ ଉତ୍କଳସାହିତ୍ୟସମାଲୋଚନୀ" ସମିତିର ସଭ୍ୟ ଏବଂ ସ୍ଥାନୀୟ ଅନ୍ୟାନ୍ୟ ଭଦ୍ରଲୋକମାନେ "ନରୋତ୍ତମପ୍ରେମ" ହଲ ମଧ୍ୟରେ ମିଳିତ ହୋଇ ସମ୍ରାଟଙ୍କ ମଙ୍ଗଳ ସକାଶ ଏକମୁଖରେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ । ଛାତ୍ରମାନଙ୍କ ଦ୍ୱାରା ରଚିତ ନାନାପ୍ରକାର ସଙ୍ଗୀତ; ପଦ୍ୟ; ଗଦ୍ୟମୟ ଈଶ୍ୱରସ୍ତବ ରଚନା ଶ୍ରବଣରେ ସଭାପତି ଶ୍ରୀମାନ୍ ରାଜା ମହୋଦୟ ଅତ୍ୟନ୍ତ ପ୍ରୀତ ହୋଇ ଇଂରାଜ ଶାସନର ଉପକାରିତା ଏବଂ ମହାମାନ୍ୟ ରାଜରାଜେଶ୍ୱରଙ୍କ ଶୁଭମୟ ଜୀବନର କେତେଗୁଡ଼ିଏ ସଦ୍‌ଗୁଣାବଳୀ ସୁଲଳିତ ବକ୍ତୃତାଦ୍ୱାରା ବ୍ୟାଖ୍ୟା କରି ସର୍ବସାଧାରଣଙ୍କୁ ବୁଝାଇ ଦେଇଥିଲେ ପୁଣି ତାଙ୍କର ଉତ୍ସାହ ଅନୁରୂପ ଅନୁରୋଧ ରକ୍ଷା କରି ତାଳଚେରବାସୀ ଉପସ୍ଥିତ ଉତ୍ସବରେ ଯୋଗଦାନ ପୂର୍ବକ ରାଜରାଜେଶ୍ୱରଙ୍କ ମଙ୍ଗଳକାମନା ପ୍ରଭୃତି କାର୍ଯ୍ୟଦ୍ୱାରା ପ୍ରକୃତ ରାଜଭକ୍ତି ଦେଖାଇ ଥିବାରୁ ତହିଁ ସକାଶ ଧନ୍ୟବାଦ ଦେଇ କୃତଜ୍ଞତା ପ୍ରକାଶ କଲେ ।

ଏହି ମହୋତ୍ସବର ସ୍ମରଣ ସକାଶ ଶ୍ରୀଯୁକ୍ତ ରାଜା ମହୋଦୟ ଅନ୍ୟାନ୍ୟ ସ୍ଥାନରେ ବହୁ ସଂଖ୍ୟକ ବୃକ୍ଷ ଲଗାଇ ପୁଣି ବ୍ରାହ୍ମୀ ତୀରରେ "ଏଡ୍‌ୱାର୍ଡ ଗାର୍ଡନ" ନାମରେ ଏକ ସୁରମ୍ୟ ଉଦ୍ୟାନ ଏବଂ ସର୍ବସାଧାରଣଙ୍କ ହିତ ସକାଶ ଅଭାବ ଥିବା; ଗୋଟିଏ ବୃହତ୍ ହାଟ ସୃଷ୍ଟି କରିଅଛନ୍ତି ।

ରାତ୍ରରେ ନଗର ସଂକୀର୍ତ୍ତନ; ବାଣମାରି; ରାଜଭବନରେ ଆଲୋକ ଦାନ; ନାଚ ତମାସା ପ୍ରଭୃତି ଆମୋଦ ହୋଇ ଉତ୍ସବ ଶେଷହେଲା ।

ମାନ୍ୟବର ରାଜା ମହୋଦୟଙ୍କ ଯତ୍ନ; ଉତ୍ସାହରୁ ତାଳଚେର ବାସୀ ଅସୀମ ଆନନ୍ଦ ଅନୁଭବ କରିଥିବାରୁ ତହିଁ ସକାଶ ତାଙ୍କୁ ଅଶେଷ ଧନ୍ୟବାଦ ଦେଲୁଁ ।

ବଶମ୍ବଦ
ଭାଗୀରଥୀ ମିଶ୍ର ପଦ୍ମାଲଙ୍କାର
୧୦ । ୮ । ୦୭

---


## ବିଜ୍ଞାପନ ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*


Digitized by srujanika@gmail.com

# ବିଜ୍ଞାପନ ।



କେତେଗୁଡ଼ିଏ ରୋଗ ଦୃଷ୍ଟାନ୍ତ ଦେବାରୁ ଏହି ଔଷଧର କେପର ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚକିତ୍ସକ ନିରାଶ ହୋଇ ତୁମ୍ଭକୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼ଲିଭର ଅଏଲ, ଫସ୍ଫୋରାଇଲ ପେରନ୍ନ ଇତ୍ୟାଦି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ରକ୍ଷା କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । କେତେବର୍ଷର ରୋଗ ହପ୍ତାରେ ଆରୋଗ୍ୟ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

ଏବେ କ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ଲୋକ କହିଥିବେ !

ଅଶିକ୍ଷିତ ଉପଯୋଗ ଦେଖାଇ ଯୁକ୍ତଯୁକ୍ତ ସମୟରେ ବୃଦ୍ଧି ବିଶେଷରେ ପ୍ରଚଳିତର ଧାରଣ କରେ ; କେତେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ; ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବହୁ ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ଷ୍ଟାରମାଷ୍ଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କିମ୍ବା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । କିମ୍ବା ବାରମ୍ବାର ରଜୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଷ୍ଟ୍ରିଆ, ଇଉରୋପ ଆମ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛୁ । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଜ୍ୱଳନ୍ତ ପ୍ରମାଣ !

ଷ୍ଟାରମାଷ୍ଟିନ କଣ ?

ପ୍ରମ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଦମ୍ଭ ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ପଷ୍ଟତା, ନିର୍ଜ୍ଜନ ପ୍ରିୟତା, ଚଲ୍ତା ହୋଇବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ୨ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶରୀର ଦେହ ସବଳ-ହୃଷ୍ଟ-ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ଧନ କ୍ଷୟ କର ନାହିଁ । ଅସାର ଅନ୍ତଃସାର ଶୂନ୍ୟ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" କୁହୁ ଯେପର ଅଦ୍ଭୁତ ଔଷଧ ! ଯେହେତୁ ଗୋଟିଏ ରୋଗୀ ମଧ୍ୟ ଆଜିଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅନ୍ୟାନ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପ୍ରତି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ—ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର ହେନେରୀ ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ଭୂତପୂର୍ବ୍ବ ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏହାର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଅବିକଳ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ଅଙ୍କିତ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ପ୍ରମାଣ କରାଇପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S. THE MEDICAL LABORATORY CALCUTTA. TRADE MARK

ଆମେରିକା ପ୍ରଦେଶସ୍ଥ ଭୂତପୂର୍ବ୍ବ ନଗରବାସୀ ମହାଯଶା ଡାକ୍ତର ହେନେରୀ, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅଦ୍ଭୁତ;— "ଇଲେକଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ପ୍ରତ୍ୟକ୍ଷ !

ଇଲେକ୍‌ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରାସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାତ୍ର ଦେହରେ ଏହାର ଅପୂର୍ବ୍ବ କିମ୍ବା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା ଶକ୍ତି ହେଉଥାଏ । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଜଗତର ରକ୍ଷଣଶକ୍ତି ବୈଦ୍ୟୁତିକ ଶକ୍ତିହିଁ ପ୍ରକୃତିର ଜୀବନ । ଜଗତର ପ୍ରକାଶ ବା ସ୍ଥିତ ପ୍ରକୃତ ଦେବା ଅସମ୍ଭବ । ଏପରି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରଜ୍ଞ ଚିକିତ୍ସକ ପଣ୍ଡିତମାନେ କହନ୍ତି, ବାଲ୍ୟ ଯୌବନର ଅତିରିକ୍ତତାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅନିୟମରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହେଲେ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରାଯାଇଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାରେ ସନ୍ଦେହ । ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ ଶକ୍ତିର ସମତା ରକ୍ଷା ହୋଇ ନ ପାରେ । [illegible] ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ୟକ୍ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ସ୍ଥିରକଲେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଅବସ୍ଥାନ କରନ୍ତି ଏବଂ ବେଶୀ ବେତନରେ ତାହାର ସାହାଯ୍ୟ ପ୍ରୟୋଗ କରନ୍ତି, ପରନ୍ତୁ, ସ୍ୱଳ୍ପ ଲୌକିକ ପ୍ରଭୃତି କେତୋଟି ଚିକିତ୍ସା ଏହି ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ନିଶ୍ଚିତ ସମାଜର ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଆଉ ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ବିଜ୍ଞାନର ମହତ୍ୱଶାଳୀ କ୍ଷମତା ହାର ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତରୀଣ ପ୍ରୟୋଗାର୍ଥ ତାହାକୁ ଦବଣ ଭେଷଜ କାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଷ୍ଟି କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସାଧନରେ ଏବଂ ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଆଉ କାହାକୁହିଁ ଅସାଧ୍ୟ ଓ ଅସ୍ଥାୟୀ ଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେ ଏହି ମହୌଷଧକୁ ଏହି ମହାଶକ୍ତିକୁ ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ୨ ଶୁଭଫଳ ଫଳିବ ଅକର୍ମ୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳ ବୀର୍ଯ୍ୟ ଓ ସୌନ୍ଦର୍ଯ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ଦୁଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, କର୍ମିସା, ନାଲୀଘା, ଗାତ୍ରକଣ୍ଡୁ, ବାତ, ଝୁଣ, ଗଣ୍ଠିଗଣ୍ଠା, ପ୍ରମେହ, ଧାତୁ ଦୌର୍ବ୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଚକ୍ଷୁ ଜଳିବା, ମୁଣ୍ଡ ଘୂରିବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତିକା ଦେଖ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧।୧୦ ତିନିଶିଶି ଟ ୪।, ୬ ଶିଶି ଟ ୧୦, ଡଜନ ଟ ୧୭।୦ ଡାକଖର୍ଚ୍ଚ ପଠାଇବାର ଡାକମାଶୁଲ ଓ ପ୍ୟାକିଂ ପ୍ରତି ଶିଶିରେ ଟ ୦।୯, ୩ ଶିଶିରେ ଟ ୦।୮, ୬ ଶିଶିରେ ।୮, ଡଜନରେ ଟ ୧।୮ ।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W, MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ- Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୬ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଶର୍ତ୍ତ ଟ୦ ୧ ଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳ ପ୍ରିଣ୍ଟିଂ କମ୍ପାନି ଲିମିଟେଡ଼ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

କଲିକତାରେ ଜସ୍ ସ୍କର ମହାରାଜା ଅସ୍ମାକଙ୍କର ସମ୍ରାଟଙ୍କୁ ଗୋଟିଏ ଉପହାର ଦେଇଅଛନ୍ତି । ତହିଁର ମୂଲ୍ୟ ଦଶହଜାର ପାଉଣ୍ଡ ବା ଦେଢ଼ ଲକ୍ଷ ଟଙ୍କା ଅଟେ ।

ଉତ୍ତର ପଶ୍ଚିମାଞ୍ଚଳରେ ଅଳ୍ପ ଦିନ ତଳେ ବଶେଷ ଉତ୍ତାପ ହୋଇଥିଲା ଏମନ୍ତ କି ଅନେକ ଦେଶୀୟ ଲୋକ ସର୍ଦ୍ଦିଗର୍ମି ରୋଗରେ ପ୍ରାଣ ତ୍ୟାଗ କରିଥିବାର ସମ୍ବାଦ ମିଳଇ । ବର୍ତ୍ତମାନ କଥିତ ହୁଏ ହିମାଳୟ ପର୍ବତରେ ହଠାତ୍ ଅଧିକ ବରଫ ପଡ଼ିବା ଯୋଗେ ସବୁ ସ୍ଥାନ ଶୀତଳ ହୋଇଅଛି ।

ଗତଇ ମାସ ତା ୧୨ ରିଖରେ ଲକ୍ଷ୍ନୌଠାରେ କଣ୍ଟାର ମାଟିନିଂଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିବାର ସମ୍ବାଦ ମିଳଇ । ଉତ୍ତର ପଶ୍ଚିମାଞ୍ଚଳର ଲେଫଟେନାଣ୍ଟ ବାହାଦୂରଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ଏବଂ ସେ ଦିନର ସଭାରେ ଅସ୍ମାକଙ୍କର ଲେଫଟେନାଣ୍ଟ ଗବର୍ଣ୍ଣର ମଧ୍ୟ ଉପସ୍ଥିତ ଥିଲେ । ଅସ୍ମାକଙ୍କ ଲେଫଟେନାଣ୍ଟ ବାହାଦୂର କେବଳ ଏହି କାର୍ଯ୍ୟ ସକାଶେ ଲକ୍ଷ୍ନୌ ଯାଇଥିଲେ ।

ଲର୍ଡ଼ କିଚ୍‌ନର ଜାହାଜରେ ପାରସ୍ୟ ଦେଇ କଲିକତାକୁ ଯାଇଅଛନ୍ତି । ଗତ ମାସ ତା ୨୦ ରିଖରେ ସେ ଜାହାଜରେ ସମ୍ରାଟଙ୍କ ସଙ୍ଗେ ସାକ୍ଷାତ କରି କାର୍ଯ୍ୟଭାର ଗ୍ରହଣ କରିବାର ଅର୍ଥ ହୋଇଥିଲା । ବୋଧ ହୁଏ ସେ ପାଇଥିବେ ।

ବର୍ତ୍ତମାନ ମହାରାଜଙ୍କ ଅଭିଷେକ କ୍ରିୟା ଅଗାମୀ ନଭେମ୍ବର ମାସରେ ଅସ୍ମାକଙ୍କ ଲେଫଟେନାଣ୍ଟ ବାହାଦୂରଙ୍କ ଦ୍ୱାରା ସମ୍ପନ୍ନ ହେବ ।

ଭାରତର ଏକ ଗ୍ରାମ ନଗରରେ ଏକ ବୃଦ୍ଧ କାହାକୁ ନ କହି ଥିଲେ କେଉଁଆଡ଼େ ୭୫ ଲକ୍ଷ ଟଙ୍କା ଦେଇଥିଲେ । ସେ ମୃତ୍ୟୁ ହୋଇଅଛି ଏବଂ ତା ପରେ ଏବଂ ତାଙ୍କୁ ବିବାଦ କରିଅଛନ୍ତି । ସରକାରଠାରୁ ଯେଉଁ ଧନ ପାଇଥିଲେ ତହିଁରେ ଗୋଟିଏ ଉଦ୍ୟାନ ପ୍ରସ୍ତୁତ କରିଅଛନ୍ତି । ଏ ତାଙ୍କ ପ୍ରଶଂସନୀୟ ଅଟେ ।

ଇଙ୍ଗଲଣ୍ଡର ମାନ୍‌ଚେଷ୍ଟର ନଗରସ୍ଥ ସ୍କେନ୍ଦୁ ଗିଲ ଡୋସାଇଟି ଜାପାନର ଡାକ୍ତରଖାନାରେ ଭାରତୀୟ ରୋଗୀଙ୍କର ଚିକିତ୍ସା ନିମନ୍ତେ ଦଶ ହଜାର ଟଙ୍କା ଦାନ କରିଅଛନ୍ତି ।

ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ପୂର୍ଣ୍ଣ କଡ଼ିବାର ଦେଖାଯାଏ । ଗତ ତା ୧୪ ରିଖରେ ଶେଷ ହେବା ସପ୍ତାହରେ ୨୮,୭୪୭ ବୃଦ୍ଧି ହୋଇ ମୋଟ ୪ ଲକ୍ଷ ଉପରେ ୧୮ ହଜାର ହୋଇଥିଲା । ଅଧିକାଂଶ ବମ୍ବେ ପ୍ରଦେଶରେ ।

### ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ଜଗନ୍ନାଥପ୍ରସାଦ ମିଶ୍ର ମୁକ୍ତାର ଜଜକୋର୍ଟ | ଟ ୧ ( |
| „ ଦଶହଜାରି ପତ୍ରା ମହନ୍ତ ରଘୁନାଥ ଗଙ୍ଗାଧର ଦାସଙ୍କ ଶିଷ୍ୟ | ଟ ୧ ( |
| „ ଜଗନ୍ନାଥ ଦେବଶର୍ମ୍ମା ଚାନ୍ଦାସ୍ୱିଦ ଗୁରୁପୁର | ଟ ୩ ( |
| „ ପୀତାମ୍ବର ସାହୁର କୋଟାପାଡ଼ | ଟ ୩ ( |
| „ ପ୍ରଭାକର ମିଶ୍ର ହେଡ଼କନେଷ୍ଟବଲ ଅଜଜପୁର | ଟ ୩ ( |
| „ ସେ, ବି, ପ୍ରାଇ ସାଉଡ଼ୀ | ଟ ୩ ( |
| ମହନ୍ତ ଶ୍ରୀରାମ ଦାସ ବାବାଜି ପତ୍ରଆମଠ | ଟ ୩ ( |
| ସଭା । ଡ । ଢେଙ୍କାନାଳ | ଟ ୭ ( |
| ଶ୍ରୀ ବାବୁ ଦାଶରଥି ସାହୁ ଅଲଣାହାଟ | ଟ ୩ ( |

## ବିଜ୍ଞାପନ ।

## ଏହାଠି ଯାଦୁର

### ସର୍ବୋପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ଜିନ୍ଷ୍ଟୁ ଅତି ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାହୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା କନା ଜ୍ୱାଲା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବଜନ କର୍ତ୍ତୃକ ଏହା ଆଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରସଂଶିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଗୋଟା ନେଲେ କ୍ରେତାର ବଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଗୃହ ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ବମଗାରଡ ସେନ ।

ହେଡ଼ ଉତ୍କଳପ୍ରେସ, ବାଲେଶ୍ୱର

## NOTICE.

Tenders are invited for the construction of some Bungalows on some lands belonging to Zemindar N. R. Chowdhury Esquire, in the town of Cuttack. Contractors wishing to have the work will apply to the undersigned with terms and rates before the 30th August 1902. Further information can be obtained at his office in Kazi Bazar between 11 A. M. and 5 P. M. within the specified time.

*Bepin Behary Mukerji*

## ବିଜ୍ଞାପନ ।

ଶ୍ରୀଯୁତ ବାବୁ ନରେନ୍ଦ୍ରନାଥ ରାୟ ଚୌଧୁରୀ ଜମିଦାର ମହାଶୟଙ୍କ କଟକ ସହରରେ ଥିବା କେତେକ ଜମି ଉପରେ କେତେକ ବଙ୍ଗଳା, କୋଠୀ ପ୍ରସ୍ତୁତ କରିବାର ଆବଶ୍ୟକ ଥିବାରୁ ଠିକାଦାରମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆ ଯାଉଅଛି କି ଯେ ସେମାନଙ୍କ ମଧ୍ୟରେ କିଏ କେତେ ଦରରେ ଉକ୍ତ କୋଠୀର ଇଟା ଓ କାଠର କାର୍ଯ୍ୟ କରି ପାରିବେ ତାହା ଆଗାମୀ ଅଗଷ୍ଟମାସ ତା ୩୦ ରିଖ ମଧ୍ୟରେ ଜମିଦାର ମହାଶୟଙ୍କ କଟକ ସହରସ୍ଥ କାଜିବଜାର କୋଠା ମୁକାମରେ ଉପସ୍ଥିତ ହୋଇ ଜଣାଇବେ ଅନ୍ୟ ବିଷୟ ଜାଣିବାର ଆବଶ୍ୟକ ହେଲେ ଉକ୍ତ ତାରିଖ ମଧ୍ୟରେ ବେଳ ଘ ୧୧ ଟାଠାରୁ ଘ ୫ ଟା ପର୍ଯ୍ୟନ୍ତ କାଜିବଜାର କୋଠା ମୁକାମରେ ଜାଣି ପାରିବେ । ଇତି—

*Bepin Behary Mukerji*
30-7-02

## ବିଜ୍ଞାପନ ।

**ପ୍ରାଥମିକ ଅଙ୍କଶିକ୍ଷା**—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ଲୋୟର ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କୁ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ଗ୍ରନ୍ଥର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ଚାରିଅଣା ମାତ୍ର ।

**ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ**—ଛାତ୍ରବୃତ୍ତି, ଅପରପ୍ରାଇମେରୀ ଓ ନିମ୍ନପ୍ରାଇମେରୀ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପଞ୍ଚଶତାଧିକ ସୁନ୍ଦର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବେଶ ହୋଇଅଛି । ମୂଲ୍ୟ ଟ ୦। ମାତ୍ର ।

**ତୃତୀୟ ପାଠର ବ୍ୟାଖ୍ୟା**—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳାବହ ପ୍ରଶ୍ନମାନ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ବାଳବନ୍ଧୁ**—ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପଦ୍ୟାକାରରେ ଲିଖିତ ହୋଇଅଛି । ମୂଲ୍ୟ ଟ ୦ ୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍‌ଏଜେଣ୍ଟମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଆମ୍ଭଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଆଶାତୀତ କମିଶନ ଲାଭ କରିବେ ।

ଶେଖ ମକରୁଦ୍ଦୀନ

ହେଡ଼ମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ିଲ୍‌ସ୍କୁଲ କଟକ

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିଂହ

ଜେନରଲ ସେକ୍ରେଟରୀ

ଇଣ୍ଡିଆନ ଇଣ୍ଡଷ୍ଟ୍ରିୟଲ ଏକ୍‌ଜିବିସନ

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଫଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି ଦାସ କବିରତ୍ନଙ୍କର

ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-

ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ-ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ ।

ଏକଟିଣିର ମୂଲ୍ୟ ଟ ୨ ୧

### ଶୁକ୍ରବର୍ଦ୍ଧକ ବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡ଼ିବା ଔଷଧର ମୂଲ୍ୟ ଟ ୧୷ ମାତ୍ର ।

### କଲ୍ପତରୁ ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦାଦି ଦୋଷକଳିତ ଶରୀରରେ କଣ୍ଡୁ ଓ ଚକା ଦାଗ; ସ୍ପୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୷ ମାତ୍ର ।

ଏକତ୍ରେ ତିନିଟିଶି ନେଲେ ଟ ୪୧ କା ଲାଗେ ।

| | |
|---|---|
| ଚୌଧୁରୀ ବଜାର<br>କଟକ | ଶ୍ରୀ ଛକଡ଼ି ଦାସ କବିରତ୍ନ<br>ଅନ୍ନପୂର୍ଣ୍ଣା<br>ଆୟୁର୍ବେଦୀୟ ଔଷଧାଳୟ । |

# ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ସମ୍ଭ୍ରାନ୍ତ ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ସମ୍ବଲପୁର, ପଟେଲଗଡ଼, ସୋନପୁର, ପାଟଣା, ଦଶପଲ୍ଲା, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତାଳଚେର, ବୋନାଇ, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବକ୍ଷ୍ୟମାଣ ସବୁପ୍ରକାର ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, ଚୋଗା, କିଂଖାପ, ବାସ୍ତା, ସାଞ୍ଚୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଜହ୍ରାଦି ଖଚିତ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାନ୍ନାଲାଲ ଗୋଲାନାଥ

ଲୁଚିଭଳ ପାଟକ ବନାରସ ସିଟି

# ବିଜ୍ଞାପନ ।

ଏଇଚ୍ ଦେଙ୍କ, ଅଏଣ୍ଟମେଣ୍ଟ ।

କା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର କ୍ଷାରକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ ଏଇଚ, ଦେ

ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ

ବାଲେଶ୍ୱର ।

# ବିଜ୍ଞାପନ ।

## ନୂତନ ପୁସ୍ତକ ।

| | |
|---|---|
| ନବ୍ୟଶିକ୍ଷା ( ଦଶମ ଖଣ୍ଡ ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଭାଗବତ ଗୀତା ୨ୟ ଖଣ୍ଡ | ଟ ୦ । |
| ମନ୍ତ୍ରାକର୍ଷଣ ସ୍ତୁତି | ଟ ୦/୨ |
| ସ୍ତବକ ପକ୍ଷୀଚନ୍ଦ୍ର ବା ନାଦମଣି ଉପନ୍ୟାସ (ଗ୍ରନ୍ଥ) | ଟ ୦ ୷ |
| ଭକ୍ତି-ସଙ୍ଗୀତ | ଟ ୦ / |
| ଚୈତନ୍ୟଗୀତା | ଟ ୦ / |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳେ ।

## WANTED

A passed Compounder on a pay of Rs. 10 per month for the Nayaguth State Dispensary. Applications will be received by the undersigned till 31st instant.

Nayagurh } 8-8-02 } A. C. Das *Government Agent.*

# ବିଜ୍ଞାପନ ।

ଉତ୍କଳର ଅମୂଲ୍ୟନିଧି

## ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନିଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ କ୍ରୟ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ବାରଅଣା ମୂଲ୍ୟରେ ପାଇବେ । ପରେ ପ୍ରକୃତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

| | |
|---|---|
| ବାଲିଗଳି<br>କଟକ<br>୨୨।୭।୧୯୦୨ | ଶ୍ରୀ ହରିଭୂଷଣ ବସୁ<br>ପ୍ରୋପ୍ରାଇଟର—ସ୍ୱଦେଶପ୍ରେସ |

ଦେ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED No. C 31

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖ ୩୭ ଗ
ସ ୩୫ ସଂଖ୍ୟା

CUTTACK, SATURDAY THE 30th August 1902.
ତା ୧୫ ଭାଦ୍ର ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩୲
ପଶ୍ଚାଦେୟ ଟ ୬୲

## ବିଜ୍ଞାପନ ।

## ନୂତନ ନାଟକ ।

ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ
ପ୍ରଣୀତ

## ଯୁଗଧର୍ମ ନାଟକ ।

କଟକ ପ୍ରିଣ୍ଟିଂକୋମ୍ପାନିଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ
ମୂଲ୍ୟ ଟ ୦ ୲

## ବିଜ୍ଞାପନ ।



ନବୀନ ନବୀନାର ସୋହାଗର
ସାମଗ୍ରୀ ।

ପ୍ରେମ୍ବସୀର ପ୍ରେମ୍ବ ଉପହାର, ଅତି ଅପୂର୍ବ ।
ଏଲକ, ଓ କୃଷ୍ଣର ଅଭିନବ ଆବିଷ୍କାର
"ଇନ୍ଦୀବର ଶୋଭନା"
ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଦିର, ଧଣିଆଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁସ୍ନିଗ୍ଧ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମିର, ଓମରାହମାନେ ବ୍ୟବହାର କରୁଥିଲେ; କିନ୍ତୁ କୃଷ୍ଣ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ ମୁଖର ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡ଼ାକ ଟ ୬ ଦୁଇ ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ଟ ୦ ୰ ଅଣା, ଡ଼ାକକୁ ଟ ୦ ୰ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ଠିକଣା:—"କୃଷ୍ଣ ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାଗବଜାର ଲୋୟର ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର ଘଣ, ଘା, ଚର୍ମ-ବାଘି ପ୍ରଭୃତି
ଅବ୍ୟର୍ଥ ସେବ୍ୟ ଚୂର୍ଣ୍ଣ ।
"ଓଷଧ ଖାଉ ନାହିଁ"
ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନିଶ୍ଚିନ୍ତ ରୂପେ ଆରୋଗ୍ୟ ହୋଇ ଯାଏ । ଅଥଚ ପାଣ୍ଡୁ ପ୍ରଭୃତି କୌଣସି ପ୍ରକାର କଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ:—"ଡବଲିଉ, ମେଜର ଏଣ୍ଡ କୋମ୍ପାନୀ", —କଲିକତା ।

WANTED for the Lakshmannath H. E. School a passed Pandit of the Cuttack Training School on a salary of Rs 16 a month, Apply sharp to the undersigned.

GOVINDA CHANDRA SIRCAR,
Head Master

## NOTICE.

Wanted a graduate strong in English and Mathematics for the 3rd Mastership of the Khurda High School on a salary of Rs 35 per mensem temporarily for 2 years with prospects of being permanent. Applications with copies of testimonials will be received by the undersigned up to the 10th proximo. The selected candidate will have to give a guarantee for 2 years.

KHURDA
27-8-02

Sd J. E, FRIEND-PEREIRA
*Secretary.*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack*

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଏଠା ଡେପୁଟି କଲେକ୍ଟରଙ୍କ ମୋକ୍ତାର ବାବୁ ଯୋଗୀନ୍ଦ୍ରନାଥ ଦେବ ସେସନ୍ସ କୋର୍ଟ ଗ୍ରହଣ ଓ ଦସ୍ତଖତ ଜାଲ କରିଥିବା ଅପରାଧରେ ଅଭିଯୁକ୍ତ ହୋଇ ଡେପୁଟିମାଜିଷ୍ଟ୍ରେଟ ବାବୁ ଯାମିନୀମୋହନ ଦାସଙ୍କ ହାତରେ ବିଚାରିତ ହେଉଥିଲେ । ମୋକଦ୍ଦମା ପ୍ରମାଣ ହେବାରୁ ମୋକ୍ତାର ମହୋଦୟ ଦଣ୍ଡବିଧି ଆଇନର ୪୧୯ ଦଫା ଅନୁସାରେ କଠିନ ପରିଶ୍ରମ ସହ ଛଅମାସ କାରାବାସ ଦଣ୍ଡ ଓ ୪୭୧ ଦଫା ଅନୁସାରେ କଠିନ ପରିଶ୍ରମସହ ତିନିମାସର ଦଣ୍ଡ ପାଇଅଛନ୍ତି । ଏହା ବଡ଼ ଦୁଃଖର ବିଷୟ ଏଭଳି ଯେ ଜଣେ ମୋକ୍ତାର ଅଳ୍ପ ସାମାନ୍ୟ ଲାଭପାଇଁ ଲୋଭଗ୍ରସ୍ତ ହୋଇ ପଡ଼ି ପରିଶେଷରେ ଏହି ଘୋରକାର୍ଯ୍ୟ ଫଳ ଭୋଗ କଲେ ।

---

ବୁୟାର ସେନାପତି ଜେନେରାଲ କ୍ରୋଞ୍ଜି ଅନେକ ପ୍ରାୟ ୫ ବର୍ଷ ହେଲା ଇଂରାଜଙ୍କଦ୍ୱାରା ପରାଜିତ ଓ ଧୃତ ହୋଇ ସେଣ୍ଟହେଲେନା ଦ୍ୱୀପଠାରେ ବନ୍ଦୀଭାବରେ କାଳାତିପାତ କରୁଥିଲେ । ମାତ୍ର ଏଥିମଧ୍ୟରେ ଇଂରାଜ ଗବର୍ଣ୍ଣମେଣ୍ଟ କ୍ରୋଞ୍ଜି ପ୍ରତି ସ୍ୱଦୟା ପ୍ରକାଶ କରି ତାହାଙ୍କୁ ମୁକ୍ତି ଦେଇଅଛନ୍ତି ଏବଂ ତାଙ୍କର ପରିବାରସହ ଦକ୍ଷିଣଆଫ୍ରିକାରେ ପହୁଞ୍ଚାଇ ଦେବାର ଆଦେଶ ହୋଇଅଛି । କ୍ରୋଞ୍ଜିଙ୍କ ସହିତ ଅନ୍ୟାନ୍ୟ ଏକହଜାର ବୁୟାର ମୁକ୍ତି ପାଇ ସ୍ୱଦେଶକୁ ଫେରି ଯାଇଥିବାର ସମ୍ବାଦ ଆସିଅଛି । ଇଂରାଜ ରାଜାଙ୍କର କ୍ରୋଞ୍ଜି ପ୍ରତି ଏହି ବଦାନ୍ୟତା ଦେଖି ସମସ୍ତ ପୃଥିବୀର ଲୋକେ ଇଂରାଜ ବାହାଦୁର ଧନ୍ୟ ଧନ୍ୟ କରିବେ ଏବଂ ଏହା ଇଂରାଜ ବାହାଦୁରଙ୍କର ମହତ୍ତ୍ୱ ଗୁଣର ପରିଚୟ ଅଟେ ।

---

ବାଲେଶ୍ୱରର ଗତ ଦୌରା ବୈଠକରେ ମୋଟ ୮ ଟି ମୋକଦ୍ଦମାର ବିଚାର ହୋଇଅଛି । ତନ୍ମଧ୍ୟରୁ ଚାରୋଟି ଭଦ୍ରକ ଓ ଚାରୋଟି ବାଲେଶ୍ୱରର ଅଟେ ।

୧ । ଲକ୍ଷ୍ମଣ ସୁଆଁଇ ଦଣ୍ଡବିଧି ଆଇନର ୩୬୯, ୪୧୧ ଓ ୪୨୦ ଧାରା ମାନରେ ଅଭିଯୁକ୍ତ ହୋଇ ସାଢ଼େ ତିନିବର୍ଷ କଠିନ ପରିଶ୍ରମ ସହ ମିଆଦ ପାଇଅଛି ।

୨ । ଷଣ୍ଢ ସାହୁ ଦଣ୍ଡବିଧି ଆଇନର ୩୮୦ ଓ ୭୫ ଧାରା ମାନରେ ଅଭିଯୁକ୍ତ ହୋଇ ୩ ବର୍ଷ କାରାବାସ ଦଣ୍ଡ ପାଇଅଛି ।

୩ । ଖାଉ ଜୋଳ ଦଣ୍ଡବିଧି ଆଇନର ୩୦୪ ଧାରାରେ ଅଭିଯୁକ୍ତ ହୋଇ ଯାବଜ୍ଜୀବନ କାରାବାସ ଦଣ୍ଡ ପାଇଅଛି ।

୪ । ମହେବୁବ ଖାଁ ୪୫୪ ଓ ୭୫ ଧାରାନୁଯାୟୀ ଅଭିଯୁକ୍ତ ହୋଇ ତିନିବର୍ଷ କାରାଦଣ୍ଡ ପାଇଅଛି ।

୫ । ହାଡି ରାଉତ ୩୦୪ ଧାରାରେ ଅଭିଯୁକ୍ତ ହୋଇ ୮ ବର୍ଷ ଦଣ୍ଡ ପାଇଅଛି ।

୬ । ବହୁ ଯାଉଳ ଓ ଅନନ୍ତ ପାଣି ୪୧୨ ଧାରାରେ ଅଭିଯୁକ୍ତ ହୋଇ ୮ ବର୍ଷ ଓ ୫୦ ଟଙ୍କା ଜରିମାନା ଦଣ୍ଡ ପାଇଅଛି ଜରିମାନା ଦେଇ ନ ପାରିଲେ ଅଧିକ ଏକବର୍ଷ କାରାଦଣ୍ଡ ଭୋଗ କରିବ ।

୭ । ଅଯୋଧ୍ୟାପ୍ରସାଦ ଓ ସ୍ୱାଇ ମହମ୍ମଦ ମୁଦ୍ରା କୃତ୍ରିମ କରିବା ଅପରାଧରେ ୨୩୫ ଓ ୨୩୨ ଧାରାନୁଯାୟୀ ପ୍ରଥମ ମୁଦ୍ଦାଲା ୧୦ ବର୍ଷ ଓ ଦ୍ୱିତୀୟ ମୁଦ୍ଦାଲା ୭ ବର୍ଷ ଦଣ୍ଡ ପାଇଅଛି । ଏହି ଆସାମିମାନେ ଘରର ଅଭ୍ୟନ୍ତରରେ ମୁଦ୍ରା କୃତ୍ରିମ କରୁଥିଲେ ଅଥଚ ଧରାପଡ଼ି ନ ଥିଲେ । ପୋଲିସ ଏମାନଙ୍କର କୌଣସି ବ୍ୟବସାୟ ନ ଥିବାର ଜାଣି ସନ୍ଦେହ କରି ହଠାତ୍ ଗୃହାଭ୍ୟନ୍ତରରେ ପ୍ରବେଶ କରି ଦେଖିଲେ ଯେ ଏମାନେ ମୁଦ୍ରା ତିଆରି କରୁଅଛନ୍ତି ତତ୍କ୍ଷଣାତ୍ ପୋଲିସ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରିବାର ଯନ୍ତ୍ର ସହିତ ଏମାନଙ୍କୁ ଗିରଫ କରିଥିଲେ । ଏଥିରେ ପୋଲିସର ବାହାଦୁରି ଅଛି ।

୮ । ଭଦ୍ରକର ଓକିଲମୋହରିର ବ୍ରହ୍ମାନନ୍ଦ ମହାନ୍ତି ଅଦାଲତରେ ଅର୍ଜି ଦାଖଲ କରି ଜଣେ ଖାତକ ଉପରେ ମିଥ୍ୟା ସମନ ଜାରି କରିଥିବା ଅପରାଧରେ ପରିଶ୍ରମ ସହ ୨ ବର୍ଷ ଓ ୨୫ ଟଙ୍କା ଜରିମାନା ଦଣ୍ଡ ପାଇଅଛି । ଜରିମାନା ଦାଖଲ କରି ନ ପାରିଲେ ଅଧିକ ଛମାସ ଦଣ୍ଡ ଭୋଗକରିବ ।

---

### ଜାପାନ ଓ ଭାରତ ।

ମରହଟ୍ଟା ନାମକ ସମ୍ବାଦପତ୍ରରେ ଲେଖାଅଛି ଯେ ଭାରତ ସହିତ ଜାପାନର ବ୍ୟବସାୟ କ୍ରମାଗତ ବୃଦ୍ଧି ହେଉଅଛି । ନ ୨୦ ବର୍ଷ ପୂର୍ବେ ପାଞ୍ଚଲକ୍ଷ ଟଙ୍କାର ପଣ୍ୟଦ୍ରବ୍ୟ ଜାପାନରୁ ଭାରତକୁ ଆସିଥିଲା ଏବଂ ତହିଁ ଉତ୍ତାରୁ ସନ ୧୮୯୧ ସାଲରେ ୩୦ ଲକ୍ଷ ସନ ୧୮୯୬ ସାଲରେ ୪୬ ଲକ୍ଷ ଏବଂ ପ୍ରତିବର୍ଷ କ୍ରମେ ବୃଦ୍ଧି ହୋଇ ସନ ୧୮୯୯ ସାଲରେ ପ୍ରାୟ ଦେଢ଼କୋଟି ହୋଇଥିଲା । ପକ୍ଷାନ୍ତରେ ଭାରତରୁ ଜାପାନକୁ ଯାଉଥିବା ପଣ୍ୟର ମୂଲ୍ୟ ମଧ୍ୟ କ୍ରମାଗତ ବୃଦ୍ଧି ହେଉଅଛି । ଯଥା ସନ ୧୮୮୪ ସାଲରେ ୨୮ ଲକ୍ଷ ସନ ୧୮୯୧ ସାଲରେ ୫୬ ଲକ୍ଷ ଏବଂ ସନ ୧୮୯୯ ସାଲରେ ୧୨୦ ଲକ୍ଷ । ଜାପାନରୁ ନାନା ବିଦେଶକୁ ଯେ ପଣ୍ୟ ପଠାଯାଏ ତହିଁର ମୂଲ୍ୟାନୁସାରେ ଭାରତ ପଞ୍ଚମସ୍ଥାନ ପାଇଅଛି ଏବଂ ଅନ୍ୟ ପକ୍ଷରେ ନାନା ବିଦେଶରୁ ଯେଉଁ ପଣ୍ୟ ଜାପାନରେ ପ୍ରବେଶ କରେ ତହିଁର ମୂଲ୍ୟ ତୁଳନାରେ ମଧ୍ୟ ଭାରତ ପଞ୍ଚମସ୍ଥାନୀୟ ହୋଇଅଛି ।

ଜାପାନ ଓ ଭାରତ ଏକ ମହାଦେଶାନ୍ତର୍ଗତ ଏବଂ କେତେକ ପରିମାଣରେ ନୈସର୍ଗିକମେଳ ଏବଂ ଇଉରୋପଠାରୁ ପରସ୍ପର ସହାନୁଭୂତି ଅଧିକ ଦେଖାଯାଏ । ଜାପାନ ଜଳ ବାୟୁ ଓ ଅଧ୍ୟବସାୟ ପ୍ରଭାବରେ କ୍ରମାଗତ ଉନ୍ନତିମାର୍ଗରେ ଅଗ୍ରସର ହେଉଅଛି ଏବଂ ଭାରତରୁ ଯେଉଁ ଅଳ୍ପ ସଂଖ୍ୟକ ଯୁବା ଜାପାନକୁ ନାନା ବ୍ୟବସାୟ ଶିକ୍ଷା କରିବାକୁ ଯାଉଅଛନ୍ତି ସେମାନେ ଜାପାନୀଙ୍କର ସହାନୁଭୂତି ଓ ବ୍ୟବହାରରେ ସନ୍ତୁଷ୍ଟ ଥିବାର ଜଣାଯାଏ । ଜାପାନର ଉକ୍ତ ଭାରତ ସହିତ ବ୍ୟବସାୟ ସ୍ଥାପନ କରିବା ଏବଂ ତହିଁରେ ଉଭୟ ରାଜ୍ୟର ଲାଭ ଅଛି ସନ୍ଦେହ ନାହିଁ । ଜାପାନର ବ୍ୟବସାୟୀମାନେ ନାନାପ୍ରକାର ପଣ୍ୟ ପ୍ରସ୍ତୁତ କରୁଅଛନ୍ତି । ତହିଁ ମଧ୍ୟରେ ରେଶମୀ ଲୁଗା, ରେଶମୀ ରୁମାଲ, ଶାଲ, କର୍ପୂର, ଛତା, ମହମ, କାଚବାସନ, ଚିନାବାସନ, ଦିଆସିଲି, ଘଣ୍ଟା ପ୍ରଭୃତି ପ୍ରଧାନ ଅଟେ । ଏ ସମସ୍ତ ଦ୍ରବ୍ୟ ଭାରତରେ ବିଶେଷ ବିକ୍ରୟ ହୁଅଇ ଏବଂ ଅର୍ଦ୍ଧାଂଶ ବିଦେଶରୁ ଆସିଥାଏ । ଜାପାନରୁ ମଧ୍ୟ ଅନେକ ଆସୁଅଛି ଏବଂ ମୂଲ୍ୟ ସୁଲଭ ଅଟେ । ଭାରତ ବ୍ୟବସାୟୀମାନେ ଜାପାନର ପଣ୍ୟପ୍ରତି ଦୃଷ୍ଟି ରଖି ସେ ସମସ୍ତ ଆମଦାନୀ କରି ବିକ୍ରୀ କରିବାର ଅଧିକ ଚେଷ୍ଟା କଲେ ଅବଶ୍ୟ ବ୍ୟବସାୟ ବୃଦ୍ଧି ହେବ ଏବଂ ତହିଁ ସଙ୍ଗେ ଜାପାନୀମାନେ ଭାରତର ଦ୍ରବ୍ୟ ଅଧିକ କିଣିବାକୁ ପ୍ରବୃତ୍ତ ହେବେ । ଏତାଛଡ଼ା ଭାରତ ଯେ ପରିମାଣରେ ଜାପାନରୁ ପଣ୍ୟ ଆଣିବ ସେ ପରିମାଣରେ ନିଜର ପଣ୍ୟ ଜାପାନକୁ ପଠାଇବାର ଚେଷ୍ଟା କରିବ । ସୁତରାଂ ଏ ଦେଶର ବ୍ୟବସାୟର ଉନ୍ନତି ହେବ ।

---

### ଭାରତର ହିନ୍ଦୁ ଧର୍ମୀଙ୍କ ସଂଖ୍ୟା ।

ଭାରତବର୍ଷରେ ହିନ୍ଦୁଧର୍ମ ସର୍ବପ୍ରଧାନ କିନ୍ତୁ ଦୁଃଖର ବିଷୟ ଏହି ଯେ ବର୍ତ୍ତମାନ ଲୋକ ସଂଖ୍ୟାରେ ହିନ୍ଦୁଙ୍କ ସଂଖ୍ୟା ପୂର୍ବାପେକ୍ଷା ଅନେକ ହ୍ରାସ ହୋଇଥିବାର ଦେଖାଯାଏ । ସନ ୧୮୯୧ ମସିହାରେ ହିନ୍ଦୁଙ୍କ ସଂଖ୍ୟା ନ ୨୦,୭୨,୮୯,୦୦୦ ଥିଲା ବର୍ତ୍ତମାନ ସନ ୧୯୦୧ ମସିହାରେ ନ ୨୦[illegible] ୨୦,୭୫,୦୦୦ ରେ ହୋଇଅଛି । ଏଣୁକରି ଏ ଦଶବର୍ଷରେ ଛଅଲକ୍ଷ ଚଉଦ ହଜାର ଜଣ କମି ଯାଇଅଛନ୍ତି । ଏଥିର ପ୍ରଧାନ କାରଣ ଉତ୍ତର ପଶ୍ଚିମ, ବମ୍ବେ ଓ ମଧ୍ୟପ୍ରଦେଶର ଦୁର୍ଭିକ୍ଷ ଅଟେ । ଯେହେତୁ ଦୁର୍ଭିକ୍ଷରେ ମରି ଯାଇଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ହିନ୍ଦୁ ଅଟନ୍ତି । ପ୍ଲେଗ ରୋଗରେ ମଧ୍ୟ ଅନେକ ହିନ୍ଦୁ ନାଶ ହୋଇଅଛନ୍ତି । ଅଉ

Digitized by srujanika@gmail.com

ଉତ୍ତର କୂଳରେ କେତେକ ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିୟାନ ହୋଇ ଯାଇଅଛନ୍ତି । ଏ ହ୍ରାସ ଇଂରେଜ ଶାସିତ ଭାରତବର୍ଷ ମଧ୍ୟରେ ନୂଚେ ବମ୍ବେ ଓ ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ହେତୁ ଏଗାର ଲକ୍ଷ ଊଣା ପଡିଥିଲେହେଁ ମାନ୍ଦ୍ରାଜ, ବଙ୍ଗ ଓ ଆସାମ ବଡା ମଧ୍ୟରେ ୩୫ ଲକ୍ଷ ବୃଦ୍ଧି ହୋଇଥିବାରୁ ନିଟ ବୃଦ୍ଧି ୩୪ ଲକ୍ଷ ଇଂରାଜ ଶାସିତ ରାଜ୍ୟରେ ଘଟିଅଛି ମାତ୍ର ଦେଶୀୟ ରାଜାଙ୍କ ଶାସିତ ରାଜ୍ୟରେ ବିଶେଷତଃ ଦକ୍ଷିଣ ଓ ରାଜପୁତାନାରେ [illegible] ଲକ୍ଷ ଚଉଦ ହଜାର ହ୍ରାସ ହୋଇଥିବାରୁ ନିଟ ହ୍ରାସ ଛଅ ଲକ୍ଷ ଚଉଦ ହଜାର ଘଟିଅଛି । ଏମାନେ ବ୍ରାହ୍ମଣ୍ୟଦ୍ୱାରା ଗୃହୀତ ହିନ୍ଦୁ Brahmanic Hindus ଅର୍ଥାତ୍ ଅସଲ ହିନ୍ଦୁ ସ୍ୱରୂପ ବର୍ଣ୍ଣିତ ହୋଇଅଛନ୍ତି କାରଣ ହିନ୍ଦୁଙ୍କ ମଧ୍ୟରେ ଯେଉଁମାନେ ବ୍ରାହ୍ମ ଅର୍ଥାତ୍ ବ୍ରହ୍ମଜ୍ଞାନୀ ହୋଇଅଛନ୍ତି ସେମାନେ ଦେବଦ୍ରୋହୀ ଓ ବ୍ରାହ୍ମଣ ମାନୁ ନ ଥିଲେହେଁ ବ୍ରାହ୍ମଧର୍ମ ହିନ୍ଦୁଧର୍ମର ଅନ୍ତର୍ଗତ ଓ ଆପଣାକୁ ହିନ୍ଦୁ ବୋଲି ପରିଚୟ ଦେଉଅଛନ୍ତି । ଏହେତୁ ଲୋକସଂଖ୍ୟା କାଗଜରେ ଏମାନେ ବ୍ରାହ୍ମ ହିନ୍ଦୁ ସ୍ୱରୂପ ଲକ୍ଷିତ ହୋଇଅଛନ୍ତି । ଏମାନଙ୍କ ସଂଖ୍ୟା କେବଳ ଚାରି ସହସ୍ର ଓ ଅଧିକାଂଶ ବଙ୍ଗ ଦେଶରେ ଅଟନ୍ତି । ଆମ୍ଭମାନଙ୍କ ପ୍ରାଚୀନ ଋଷି ମୁନିମାନେ ପ୍ରାୟ ସମସ୍ତେ ଓ କେତେକ ହିନ୍ଦୁ ରାଜା ବ୍ରହ୍ମଜ୍ଞାନୀ ଥିଲେ । ବର୍ତ୍ତମାନ୍ ଆଦି ବ୍ରାହ୍ମସମାଜର କର୍ତ୍ତା ବାବୁ ଦେବେନ୍ଦ୍ରନାଥ ଠାକୁର ମହର୍ଷି ବୋଲାଉଅଛନ୍ତି କେବେ ପୂର୍ବକାଳର ବ୍ରହ୍ମଜ୍ଞାନୀ ଓ ଆଧୁନିକ ବ୍ରାହ୍ମମାନଙ୍କ କ୍ରିୟା କଳାପ ଓ ଆଚାରରେ ପ୍ରଭେଦ ଦେଖାଯାଏ ଅତଏବ ଲୋକସଂଖ୍ୟା କାଗଜରେ ବ୍ରାହ୍ମଣିକ ହିନ୍ଦୁ ଓ ବ୍ରାହ୍ମହିନ୍ଦୁ ଏରୂପ ତଫାତ କରି ଲେଖିବା ଯଥାର୍ଥ ହୋଇଅଛି । ପୂର୍ବ ଲୋକ ସଂଖ୍ୟାରେ ଏରୂପ ନ ଥିଲା । ଜୈନ ଧର୍ମାବଲମ୍ବୀମାନେ ବିଶେଷତଃ ବମ୍ବେ, ବରାର, ମଧ୍ୟପ୍ରଦେଶ ଓ ରାଜପୁତାନାରେ ବାସ କରନ୍ତି ଓ ଦୁର୍ଭିକ୍ଷ ହେତୁ ଏମାନଙ୍କ ସଂଖ୍ୟା ମଧ୍ୟ ଅନେକ ଊଣା ହୋଇଅଛି । ସନ ୧୮୯୧ ସାଲରେ ନ ୧୪,-୧୬,୦୦୦ ଶରୁ ସନ ୧୯୦୧ ସାଲରେ ନ ୧୩,-୩୪,୦୦୦ ଣ ହୋଇଅଛି । ବୌଦ୍ଧଧର୍ମାବଲମ୍ବୀଙ୍କର ବୃଦ୍ଧି ଦେଖାଯାଏ । ବ୍ରହ୍ମଦେଶ ସହିତ ସେମାନଙ୍କ ସଂଖ୍ୟା ନ ୭୮,୮୮,୦୦୦ ଶରୁ ନ ୯୧,-୮୪,୦୦୦ ଶକୁ ବୃଦ୍ଧି ପାଇଅଛି । ଗତ ଦଶନ୍ଧିରେ ଶିଖମାନଙ୍କର ସଂଖ୍ୟା ନ ୨,୮୭,୦୦୦ ଣ ବୃଦ୍ଧି ହୋଇ ସନ ୧୯୦୧ ସାଲରେ ନ ୨୧,୯୫,-୦୦୦ ଣ ହୋଇଅଛି । ଏମାନଙ୍କର ଅଧିକାଂଶ ପଞ୍ଜାବରେ । ବମ୍ବେ ଅଞ୍ଚଳରେ ପାର୍ଶିଙ୍କ ସଂଖ୍ୟା ନ ୮୯,୦୦୦ ଶରୁ ନ ୯୪,୦୦୦ ଶକୁ ବୃଦ୍ଧି ପାଇଅଛି ।

ସଂଖ୍ୟା ଦୃଷ୍ଟିରେ ଭାରତବର୍ଷରେ ଦ୍ୱିତୀୟ ପ୍ରଧାନ ଧର୍ମ ମୁସଲମାନ ଧର୍ମ ଅଟଇ ଓ ଏ ଦଶନ୍ଧିରେ ତହିଁର ବିଶେଷ ବୃଦ୍ଧି ଦେଖାଯାଏ । ସନ ୧୮୯୧ ସାଲରେ ନ ୫,୭୩,୨୧,୦୦୦ ଶରୁ ସନ ୧୯୦୧ ସାଲରେ ନ ୬,୨୪,୫୮,୦୦୦ ଣ ହୋଇଅଛି । ମାନ୍ଦ୍ରାଜ ଓ ବଙ୍ଗ ଦେଶରେ ବିଶେଷ ବୃଦ୍ଧି ଘଟିଅଛି । ଏ ବୃଦ୍ଧିର ଆଂଶିକ କାରଣ ଏମାନଙ୍କ ବାସ କରିବା ଦେଶର ସ୍ୱଚ୍ଛଳ ଅବସ୍ଥା ଓ ଆଂଶିକ କାରଣ ଦୁର୍ଭିକ୍ଷ ହେତୁ ଅନେକ ଦୁଃଖୀ ହିନ୍ଦୁ ମୁସଲମାନ ହେବା ନିର୍ଦ୍ଦିଷ୍ଟ ହୋଇଅଛି । ଖ୍ରୀଷ୍ଟିୟାନଙ୍କ ସଂଖ୍ୟା ନ ୨୯,୨୩,୦୦୦ ଣ ଓ ଯିହୁଦୀଙ୍କ ସଂଖ୍ୟା ନ ୧୮,୨୨୮ ଣ ଅଟେ । ଯେଉଁ ପାହାଡିଆ ଓ ବଣୁଆଙ୍କ ଧର୍ମ ଏକପ୍ରକାର ଜାତ୍ରିକତା ଅଟେ ସେମାନଙ୍କ ସଂଖ୍ୟା ପୂର୍ବାପେକ୍ଷା ବହୁ ହ୍ରାସ ଘଟି ବର୍ତ୍ତମାନ ନ ୮୫,୮୪,୦୦୦ ଣ ଅଟଇ ।

ମୋଟରେ ଭାରତବର୍ଷର ମୋଟ ଲୋକସଂଖ୍ୟା ପ୍ରାୟ ୩୦ କୋଟି ଧରିଲେ ହିନ୍ଦୁ, ୨୧ କୋଟି, ମୁସଲମାନ ୬ କୋଟି, ବୌଦ୍ଧ ଧର୍ମାବଲମ୍ବୀ ୧ କୋଟି ପାହାଡିଆ ବଣୁଆ animists ପ୍ରାୟ ୧ କୋଟି ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ପ୍ରାୟ ୧ କୋଟି ହେଉଅଛନ୍ତି ।

---

## ମୟୂରଭଞ୍ଜର ବାର୍ଷିକ ରିପୋର୍ଟ ।

ସନ ୧୯୦୦ । ୧୯୦୧ ସାଲ ଅର୍ଥାତ୍ ସନ ୧୯୦୧ ସାଲ ମାର୍ଚ୍ଚ ମାସ ତା ୩୧ ରିଖରେ ଶେଷ ହେବା ବର୍ଷର ମୟୂରଭଞ୍ଜ ଷ୍ଟେଟର ବାର୍ଷିକ ରିପୋର୍ଟ ବାହାରିଅଛି ଏବଂ ଆମ୍ଭେମାନେ ଏକ ଖଣ୍ଡ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହି ରିପୋର୍ଟ ଅନେକ ବିଳମ୍ବରେ ବାହାରିବାର ପ୍ରତିବର୍ଷ ଦେଖାଯାଏ । ଚଞ୍ଚଳ ପ୍ରକାଶ ହେବାର କିଛି ସୁବିଧା ନାହିଁ ପରା ? ଯାହାହେଉ ଏ ରିପୋର୍ଟ ସୁଖପାଠ୍ୟ ଅଟେ ଏବଂ ଏଥିରୁ ଷ୍ଟେଟର ଶାସକ ଏବଂ କର୍ମଚାରୀ ସମ୍ବନ୍ଧୀୟ ପ୍ରତ୍ୟେକ ବିଭାଗର କାର୍ଯ୍ୟପ୍ରତି ଯଥୋଚିତ ମନୋଯୋଗ ଦିଆଯାଇଥିବାର ପ୍ରକାଶ ପାଉଅଛି । ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ପାଠକଙ୍କୁ କି ଜଣାଉ ରାଜଧାନୀ ବାରିପଦାଠାରୁ ବଙ୍ଗଲା ନାଗପୁରରେଲ ପର୍ଯ୍ୟନ୍ତ ଗୋଟିଏ ଲାଇଟ ରେଲୱେ ଅର୍ଥାତ୍ ଅଳ୍ପ ଓସାର ରେଲବାଟ ନିର୍ମାଣର ସଙ୍କଳ୍ପ ହୋଇ ତହିଁର ନକ୍ସା ଓ ଇଷ୍ଟିମେଟ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁର ସକାଶେ ପଠା ଯାଇଅଛି ଏବଂ ଏଥି ମଧ୍ୟରେ ରେଲ ଇତ୍ୟାଦି କିଣିବାରେ ପ୍ରାୟ ଦୁଇଲକ୍ଷ ଟଙ୍କା ବ୍ୟୟ ହୋଇଅଛି । ଏହି ରେଲବାଟ ମା ୩୮ ଇଲ ହେବ ଏବଂ ଏହା ନିର୍ମାଣ କରିବାକୁ କେତେ ଟଙ୍କା ବ୍ୟୟ ହେବ ଏବଂ କେତେ ଦିନରେ ପ୍ରସ୍ତୁତ ହେବ ରିପୋର୍ଟରୁ ପ୍ରକାଶ ପାଉ ନ ଥିଲେହେଁ ଉପକରଣମାନ କିଣା ଆରମ୍ଭ ହେବାର ଦେଖି ଅନୁମାନ ହେଉଅଛି ଯେ ଅଧିକ ବିଳମ୍ବ ହେବ ନାହିଁ । ଏହାଦ୍ୱାରା ଅନେକ ଉପକାର ଏବଂ ସମୟରେ ଅମୃତର ହେବାର ଯାହା ଆଶା କରା ଯାଇଅଛି ତାହା ଅତ୍ୟୁକ୍ତି ନୁହେ ଏବଂ ଆମ୍ଭର ଆଶା ଅଛି ଯେ ଏହାର ସଫଳତା ଦେଖି ମୟୂରଭଞ୍ଜାଧିପ ଏ ପ୍ରକାର ରେଲବାଟ ଅନ୍ୟ ଦିଗକୁ ପିଟାଇବାକୁ ଉତ୍ସାହୀ ହେବେ ଏବଂ ବାଣିଜ୍ୟ, କୃଷି ଇତ୍ୟାଦି ଆମଦାନି ରପ୍ତାନି ଚାଲିବାମାନ ଯାହା କି ସମ୍ପ୍ରତିଃ ଅସୁବିଧା ହେତୁ ଏ ପର୍ଯ୍ୟନ୍ତ ସମ୍ପନ୍ନ କରିବାର ଚେଷ୍ଟା ହୋଇ ନାହିଁ ତାହା ସହଜରେ ସମ୍ପନ୍ନ ହୋଇ ବାର୍ଷିକ ରିପୋର୍ଟରେ ପ୍ରକାଶ ହୋଇ ପାରିବ ।

ଏହି ରିପୋର୍ଟ ବର୍ଷର ଶେଷ ଭାଗରେ ସନ ୧୯୦୧ ସାଲର ସେନସସ ବା ଜନସଂଖ୍ୟା ଗୃହୀତ ହୋଇଥିଲେହେଁ ତହିଁର ସ୍ଥୂଳଫଳ ସନ୍ନିବିଷ୍ଟ ହୋଇଅଛି । ସନ ୧୮୯୧ ସାଲର ଗଣନାରେ ସମସ୍ତ ଷ୍ଟେଟର ଜନସଂଖ୍ୟା ୫,୩୦,୯୫୬ ଥିଲା ଏଥର ଗଣନାରେ ୬,୧୦,୨୮୬ ଏବଂ ତହିଁ ମଧ୍ୟରେ ପୁରୁଷ ୩,୦୩,୨୮୩ ଓ ସ୍ତ୍ରୀ ୩,୦୭,୦୦୩ ହୋଇଅଛି । ଅର୍ଥାତ୍ ବ ୧୦ ବର୍ଷରେ ୭୯,୩୩୦ ଅଥବା ଶତକଡା ପ୍ରାୟ ୧୫ ବୃଦ୍ଧି ହୋଇଅଛି । କେବଳ ବାରିପଦା ସହରର ବୃଦ୍ଧି ଶତକଡା ପ୍ରାୟ ୬୫ ଅର୍ଥାତ୍ ୩୩୯୪ ଠାରୁ ୫୬୧୭ ହୋଇଅଛି ସମସ୍ତ ଷ୍ଟେଟ ମଧ୍ୟରେ ସହର ଓ ଗ୍ରାମ ମିଶି ୩୯୬୧ ଅଛି ମାତ୍ର ବାରିପଦା ଛଡ଼ା ଆଉ କୌଣସି ଗ୍ରାମରେ ପାଞ୍ଚହଜାରରୁ ଅଧିକ ଲୋକ ନାହାନ୍ତି । ଏ ଷ୍ଟେଟରେ ପ୍ରାୟ ୬୦ ପ୍ରକାର ଜାତି ଓ ଧର୍ମର ଲୋକ ବାସ କରିବା ଏବଂ ସେମାନେ ୨୧ ପ୍ରକାର ବ୍ୟବସାୟ କରିବାର ବିବରଣ ଲେଖା ଅଛି ମାତ୍ର ପ୍ରତ୍ୟେକ ଜାତି ଓ ବ୍ୟବସାୟର ଲୋକ କେତେ ତାହା ଲେଖା ନାହିଁ । ଆଶା କରୁଁ ଆଗାମୀ ରିପୋର୍ଟରେ ତାହା ବାହାରିବ ଏବଂ ତହିଁରୁ ଜାତିଧର୍ମ ବା ବ୍ୟବସାୟ ବିଶେଷର ଉନ୍ନତି ବା ଅବନତିର ପରିଚୟ ମିଳିବ ।

ଗତ ବର୍ଷ ସକଳ ପ୍ରକାର ସ୍କୁଲ ଓ ଛାତ୍ରସଂଖ୍ୟା ୩୦୫ ଓ ୪୯୦୪ ଥିଲା । ଏ ବର୍ଷ ଯଥାକ୍ରମେ ୩୧୫ ଓ ୫୧୧୦ ହୋଇଅଛି । ଅତଏବ ବୃଦ୍ଧି ସାମାନ୍ୟ ଅଟେ । ସମସ୍ତ ସ୍କୁଲ ମଧ୍ୟରେ ଗୋଟିଏ ହାଇଇଂରାଜୀ ଏବଂ ୩ଟା ମଧ୍ୟସ୍କୁଲ ଗୋଟିଏ ଟୋଲ ଏବଂ ଗୋଟିଏ ସରଭେ ସ୍କୁଲ ଅଛି । ମୋଟ ପୁରୁଷସଂଖ୍ୟା ୩ ଲକ୍ଷ ମଧ୍ୟରୁ ସ୍କୁଲରେ ପଢ଼ିବା ବୟସର ପିଲା ଅନ୍ତତଃ ୫୦୦୦୦ ଅନୁମାନ କଲେ ସେମାନଙ୍କ ମଧ୍ୟରୁ ଶତକଡା ନ ୧୦ ଶରୁ ଅଧିକ ପଢୁ ନାହାନ୍ତି ।

ଷ୍ଟେଟର ଆୟ ବ୍ୟୟର ସମଷ୍ଟିର ଏହି ବ ଗତବର୍ଷର ଆୟ ଟ ୭,୪୮,୧୨୬ଙ୍କାରୁ ଏବର୍ଷ

Split by PDF Splitter
Digitized by srujanika@gmail.com

Split by PDF Splitter



୯ ୨,୬୯,୯୬୮୯ ଙ୍କା ହୋଇଅଛି । ଅର୍ଥାତ୍ ଦଶହଜାର ଟଙ୍କା ଊଣା ପଡ଼ୁଅଛି । ପ୍ରଧାନ ଆୟ ଭୂମି ରାଜସ୍ୱ ପ୍ରାୟ ୬୫ ଲକ୍ଷ, ବଣଜର ୧ ଲକ୍ଷରୁ କିଛି ଅଧିକ, ଅବକାରୀ ୩୧୫ ହଜାର, ଷ୍ଟାମ୍ପ କାଗଜ ଏବଂ ଅନ୍ୟାନ୍ୟ ଋଣର ସୁଧ ଇତ୍ୟାଦି ବାବଦ ଆୟ ୪୧ ହଜାର ଟଙ୍କା । ଶେଷ ଲିଖିତ ସୁଧ ଛଡ଼ା ଏ ସମସ୍ତ ଆୟ ଊଣା ପଡ଼ୁଅଛି । ବ୍ୟୟ ଗତବର୍ଷ ଟ ୫,୮୨,୩୫୯ ଙ୍କାରୁ ଏବର୍ଷ ଟ ୭,୫୯,୬୮୩୯ ଙ୍କା ଅର୍ଥାତ୍ ଦେଢ଼ଲକ୍ଷରୁ କିଛି ଅଧିକ ହୋଇଅଛି । ରେଲୱେ କମିଶ ସହାଯେ ଜନସ ଖରଚ ଏବଂ ହୋଲାଇ ଖର୍ଚ୍ଚ ବ୍ୟୟ ବୃଦ୍ଧିର ପ୍ରଧାନ କାରଣ ଅଟେ ଏବଂ ତାହା ସାଧାରଣ କାର୍ଯ୍ୟ ନିର୍ବାହର ବ୍ୟୟ ୫ ଲକ୍ଷ ୧୮ ହଜାର ମଧ୍ୟରେ ମିଶିଅଛି । ଗତବର୍ଷ ଏହି ବ୍ୟୟର ମୋଟ ୩୫ ଲକ୍ଷ ଟଙ୍କାରୁ କିଛି ଅଧିକ ଥିଲା । ମୂଳରେ ୭ ଲକ୍ଷ ଟଙ୍କା ଆୟ ମଧ୍ୟରୁ ସାଧାରଣ କାର୍ଯ୍ୟ ନିର୍ବାହରେ ଅର୍ଥେ ଅର୍ଥାତ୍ ୩୫ ଲକ୍ଷ ଟଙ୍କା ବ୍ୟୟ ହେବାର ଦେଖି ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ସୁଶାସନ ଓ ଉନ୍ନତି ପ୍ରତି ରାଜାଙ୍କର ଯଥେଷ୍ଟ ମନୋଯୋଗ ଅଛି ଏବଂ ରେଲୱେ କମିଶର ଅପ୍ରୋଜନ ତହିଁର ଅନ୍ୟତର ପ୍ରମାଣ ଅଟେ ।

ଲୋକଙ୍କର ଆର୍ଥିକ ଅବସ୍ଥା ସମ୍ବନ୍ଧରେ ଲେଖାଅଛି କି ତାହା ବର୍ଷକୁ ବର୍ଷ କ୍ରମାଗତ ଉନ୍ନତ ହେଉଅଛି । ଏ ବର୍ଷ ଫସଲ ଉତ୍ତମ ହୋଇଥିଲା । କୃଷିଜାତ ଦ୍ରବ୍ୟ ମୂଲ୍ୟଗି ଲୋକେ ପ୍ରତିପାଳିତ ହେଉଅଛନ୍ତି । ରେଲବାଟ ପଡ଼ିବାରୁ ମୂଲ୍ୟ ଯଥେଷ୍ଟ ମିଳୁଅଛି ଏବଂ ବାଣିଜ୍ୟର ଉନ୍ନତି ହେଉଅଛି । ମାତ୍ର ବାଣିଜ୍ୟ ବ୍ୟବସାୟୀଙ୍କର ତାଲିକା ସଂଗ୍ରହ ନ ହେବା ପର୍ଯ୍ୟନ୍ତ ଏଥିରେ ମତ ଦେବା ଦେଉ ନାହିଁ ।

---

ବିଶ୍ୱବିଦ୍ୟାଳୟ ସମିତିର ରିପୋର୍ଟ ।

ବିଶ୍ୱବିଦ୍ୟାଳୟର କମିଶନଙ୍କ ରିପୋର୍ଟ ପ୍ରକାଶ ହୋଇଥିବା ବିଷୟ ପାଠକମାନଙ୍କୁ ଜଣାଇ ଅଛୁଁ । ସେମାନଙ୍କ ନିର୍ଦ୍ଧାରଣ ଜାଣିବା ନିମନ୍ତେ ସମସ୍ତେ ଉତ୍ସୁକ ହୋଇ ଅଛନ୍ତି । ଅନ୍ୟ ପ୍ରଦେଶ ସବୁରେ ଏହା ବର୍ତ୍ତମାନ୍ ସାଧାରଣ ଚର୍ଚ୍ଚାର ବିଷୟ ହୋଇଅଛି । ରିପୋର୍ଟର କଲେବର ୯୩ ପୃଷ୍ଠା ଓ ରିପୋର୍ଟର ଶେଷ ଭାଗରେ କମିଶନର ଜଣେ ସୁଦକ୍ଷ ସଦସ୍ୟ ହାଇକୋର୍ଟର ପ୍ରଶଂସନୀୟ ଜଜ ମାନନୀୟ ଶ୍ରୀଯୁକ୍ତ ଗୁରୁ ଦାସ ବନ୍ଦୋପାଧ୍ୟାୟଙ୍କ ମନ୍ତବ୍ୟ ୧୬ ପୃଷ୍ଠା ପୂର୍ଣ୍ଣ । ଏତେ ବଡ଼ ରିପୋର୍ଟର ସାରାଂଶ ଦେବାକୁ ହେଲେ ମଧ୍ୟ ଆମ୍ଭମାନଙ୍କର କ୍ଷୁଦ୍ର ପତ୍ରିକାରେ ସ୍ଥାନ ଅଣ୍ଟିବ । ଏଣୁକରି ସେମାନଙ୍କର କେତେ ଗୁଡ଼ିଏ ପ୍ରଧାନ ପ୍ରସ୍ତାବ ସଂକ୍ଷେପରେ ନିମ୍ନେ ପ୍ରଦାନ କଲୁଁ ।

କଲିକତା, ବୋମ୍ବାଇ, ଓ ମାନ୍ଦ୍ରାଜରେ ଯେଉଁ ତିନୋଟି ବିଶ୍ୱବିଦ୍ୟାଳୟ ଅଛି ସେମାନଙ୍କର କ୍ଷମତା ବୃଦ୍ଧି ହେବ । ସେମାନେ କେବଳ ମାତ୍ର ପରୀକ୍ଷା ଗ୍ରହଣ କରୁଥିଲେ । ଏଣିକି ଶିକ୍ଷା ତତ୍ତ୍ୱାବଧାନ କରିବେ, ବିଶ୍ୱବିଦ୍ୟାଳୟର ଉଚ୍ଚ ଶ୍ରେଣୀର ପାଠ୍ୟ ନିର୍ବାଚନ, ଶିକ୍ଷକ ନିଯୁକ୍ତ ପୁସ୍ତକାଳୟ ଏବଂ ଲେବରେଟରି ସଂସ୍ଥାପନ କରି ପାରିବେ; ଦୂରଦେଶର ଛାତ୍ରମାନେ ଯେପରି କଲେଜ ସନ୍ନିକଟରେ ବସାକରି ପାରନ୍ତି ସେଥିର ବ୍ୟବସ୍ଥା କରିବେ । କଲେଜ ଓ କଲେଜ ସଂଲଗ୍ନ ସ୍କୁଲ ନିମନ୍ତେ ଦୁଇ ଗୋଟି ଭିନ୍ନ ଗୃହ ହେବ ଓ ଶିକ୍ଷକମାନେ କଲେଜ ଅବା କଲେଜ ସନ୍ନିକଟରେ ଅବସ୍ଥାନ କରିବେ ।

ବିଶ୍ୱବିଦ୍ୟାଳୟର ଏଲାକା ନିର୍ଦ୍ଦିଷ୍ଟ ହେବ । ମଧ୍ୟପ୍ରଦେଶ ଓ ମଧ୍ୟଭାରତର ସ୍କୁଲ କଲେଜ ସବୁ ଏଲାହାବାଦ ବିଶ୍ୱବିଦ୍ୟାଳୟର ଅଧୀନ ହେବ ।

ସେନେଟ ସଭା ନୂତନ ହୋଇ ଗଠିତ ହେବ ଓ ସଭ୍ୟ ସଂଖ୍ୟା ଏକଶତରୁ ଅଧିକ ହେବ ନାହିଁ ।

ସିଣ୍ଡିକେଟର ସଭ୍ୟ ସଂଖ୍ୟା ନଅ ଜଣରୁ ଊଣା ଏବଂ ପନର ଜଣରୁ ଅଧିକ ହେବ ନାହିଁ ସେନେଟ ସଭା ସିଣ୍ଡିକେଟର ସଭ୍ୟ ନିର୍ବାଚନ କରିବେ । ସିନେଟରେ ଶିକ୍ଷା ବିଭାଗର ଡାଇରେକ୍ଟର ଛଡ଼ା ଅନ୍ୟ କେହି ସରକାରୀ ସଦସ୍ୟ ରହିବ ନାହିଁ । ଭାଇସଚେନ୍ସଲର ସିଣ୍ଡିକେଟ ସଭାର ଚାଲିସ ଚେୟାରମାନ ହେବେ ।

ରେଜିଷ୍ଟାର କେବଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟ କରିବେ । ଅନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ ।

ପ୍ରତି ବିଶ୍ୱବିଦ୍ୟାଳୟ ତାହାର ଅଧୀନସ୍ଥ କଲେଜ ସମୂହପାଇଁ ନିୟମାବଳୀ ପ୍ରସ୍ତୁତ କରିବେ । କୌଣସି କଲେଜ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହେବାକୁ ପ୍ରାର୍ଥନା କଲେ ଶିକ୍ଷା ବିଭାଗର ଡାଇରେକ୍ଟର ସଙ୍ଗେ ଅବସ୍ଥା ସମ୍ବନ୍ଧରେ ତଦନ୍ତ କରିବେ ଓ ଯାହାଁକି କଲେଜ ବିଶ୍ୱବିଦ୍ୟାଳୟର ଅଧୀନ ହେବାକୁ ପ୍ରାର୍ଥୀ ଏବଂ ତାହାର ଆର୍ଥିକ ଅବସ୍ଥା ଉତ୍ତମ ରହିବ କି ନା ଏହି ବିଷୟମାନ ତଦନ୍ତ କରି ରିପୋର୍ଟ କରିବେ ।

ପ୍ରତ୍ୟେକ କଲେଜ ପରିଚାଳନା ନିମନ୍ତେ କଲେଜର ନିୟମାନୁସାରେ ଗଠିତ ଏକଗୋଟି ସମିତି ହେବ । କୌଣସି ବ୍ୟକ୍ତି ବିଶେଷ କଲେଜର ଭାର ଗ୍ରହଣ କରିବ ନାହିଁ । କଲେଜ ଓ ସ୍କୁଲପାଇଁ ଭିନ୍ନ କମିଟୀ ରହିବ । ଛାତ୍ରମାନେ ଅଭିଭାବକ ଗଣର ସହିତ ଅବା ବିଶ୍ୱବିଦ୍ୟାଳୟ ବା କଲେଜ କର୍ତ୍ତୃକ ଅନୁମୋଦିତ କୌଣସି ଛାତ୍ରାବାସରେ ବାସ କରିବେ । ଛାତ୍ରାବାସର ବନ୍ଦୋବସ୍ତ କରି ନ ଦେଲେ କୌଣସି କଲେଜ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହେବ ନାହିଁ ।

କୌଣସି କଲେଜ ସମସ୍ତ ବିଷୟର ଶିକ୍ଷା ଦେବାର ଅନୁମତି ପାଇବ ନାହିଁ । ସେ ଯେଉଁ ବିଷୟରେ ଶିକ୍ଷା ଦେବାର ଉପଯୁକ୍ତ ସେହି କଲେଜ କେବଳ ସେହି ବିଷୟର ଶିକ୍ଷା ଦେବାର ଅନୁମତି ପାଇବ ।

କଲେଜର ଛାତ୍ରମାନେ କଲେଜରେ ସ୍ୱାଧୀନ ଭାବେ ଲେଖାପଢ଼ାର ଚର୍ଚ୍ଚା କରିବେ । ଅଧ୍ୟାପକମାନେ ଏଥିରେ ବିଶେଷ ଦୃଷ୍ଟି ରଖିବେ କେବଳ ନୋଟ ପ୍ରଦାନ କରି କ୍ଷାନ୍ତ ରହିବେ ନାହିଁ ।

କ୍ରମଶଃ—

---

# ସାପ୍ତାହିକ ସମ୍ବାଦ ।

କଲିକତା-ଗେଜେଟ ।

ମିଃ ଏ, ଗାଡେନ୍ ସୁର୍ ମାଜିଷ୍ଟ୍ରେଟ ଓ କଲେକ୍ଟରର କାର୍ଯ୍ୟରୁ ଅବ୍ୟାହତି ପାଇ ଅନ୍ୟ ଆଦେଶ ପର୍ଯ୍ୟନ୍ତ ୧ମ ଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟିକଲେକ୍ଟର ପଦରେ ନିଯୁକ୍ତ ହୋଇ ମଜଫର୍ ପୁରର ସଦର ମହକୁମାରେ ସଂସ୍ଥାପିତ ହେଲେ ।

ପଣ୍ଡିତଙ୍କ ଗର୍ଭିସ ସ୍ପେଷ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଉନରଲ ଏନ୍, ହେଲଲ୍ଡ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଅଥବା ମିଃ ଏଚ୍, ଲୁସନଙ୍କ ଅନୁପସ୍ଥିତ କାଳରେ ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ଦରଭଙ୍ଗାର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏସ, ଏଲ, ମାଡ଼କ୍ସ ୧ମ ଶ୍ରେଣୀ ଭ୍ରମଣର ଛୁଟି ପାଇଅଛନ୍ତି ।

ବାବୁ ଜଗଦୀଶଚନ୍ଦ୍ର ସେନ ଚୌଧୁରୀ ଓ ମୌଲବୀ ଉଦ୍ଦିନ ଅହମ୍ମଦ କୁଟକ ସବୁର ସ୍ପେସିଆଲ ଡେପୁଟି କଲେକ୍ଟର ମାଜିଷ୍ଟ୍ରେଟ ପଦରେ ପୁନଃ ନିଯୁକ୍ତ ହେଲେ ଓ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତହେଲେ ।

ବାବୁ ଶ୍ୟାମସୁନ୍ଦର ହୋସ କଟକ ସବଡେପୁଟି ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ଓ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତହେଲେ । ଓ ମଧ୍ୟ ଇଂରେଜଙ୍କରେ ଫୌଜଦାରୀ ମୋକଦ୍ଦମାର ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

---

ଆମ୍ଭମାନଙ୍କର ମାନ୍ୟବର କମିଶନର ଶ୍ରୀଯୁକ୍ତ ବେଃ ଇଃ ଗ୍ରୀ ସଡ ମହୋଦୟ ଲକ୍ଷଣରୁ ବାଲେଶ୍ୱର ଯାତ୍ରା କରିଅଛନ୍ତି । ସେଠାରେ କଚେରୀମାନ ପରିଦର୍ଶନ କରନ୍ତେ ଓ ବାଲେଶ୍ୱର ଜଯର କେତେକ ଘଟନା ଶୁଣିବେ ।

ଆମ୍ଭମାନଙ୍କର ମାନ୍ୟବର କଟକ କଲେକ୍ଟର ଶ୍ରୀଯୁକ୍ତ ଟିଉ ସାହେବ ଖାଜଣାର ତହସିଲ ଭ୍ରମଣ କରୁଅଛନ୍ତି ।

ବାଠଯୋଡ଼ି ଓ ମହା ନଦୀ ଜଳମାନ କମିଅଛି । ୧୮ ଫୁଟ ପର୍ଯ୍ୟନ୍ତ କମିଯାଇ ଅଛିଥିଲା । ଗତବର୍ଷ ମଧ୍ୟରେ ଏହି ବଢ଼ି ପ୍ରଧାନ ଅଟେ । ଏହି ଜଳବୃଦ୍ଧି ନିବାରଣାର୍ଥ ଦ୍ୱାରା ଆଶଙ୍କା ମାତ୍ର ଶୀଘ୍ର ଛାଡ଼ିଗଲେ କ୍ଷତିର ଆଶଙ୍କା ନାହିଁ ।

ଗତ ଅଗଷ୍ଟମାସ ତା ୧୪ ରିଖରେ ସିମଲା ଷ୍ଟେସନରେ ଜଣେ ମୋଟା ମହାମାରୀ ପ୍ଲେଗରୋଗରେ ମରିଯାଇଥିବାର ସମ୍ବାଦ ଆସିଅଛି । ଏହି ରୋଗୀ ଯେଉଁ ସିମଲାଠାରେ ପ୍ରବେଶ କରିଥିବାରୁ ସମସ୍ତ ସତର୍କତା ଅବଲମ୍ବିତ ହୋଇଅଛି । ମଜ୍ଜାର ସମ୍ବନ୍ଧରେ ସିମଲାଠାରେ ଏ ରୋଗ ପ୍ରବେଶ ହେଲ, ଆଉ ଅପର ସ୍ଥାନର କଥା ବା କଣ କହିବୁ !

ଗାଜୀପୁର ବାସ୍ତବ ସମିତର ସମ୍ପାଦକ ବାବୁ ମୁକୁନ୍ଦ ମୂର୍ତ୍ତି ସରକାର ଟି, ଏଲର ହଠାତ୍ ମୃତ୍ୟୁ ହେବାରେ ସେଠାରେ ୨୫ ବର୍ଷ ଧାରାବାହିକ ଏଥିମଧ୍ୟରେ, ଓଡ଼ିଶାରେ ଉପକାର ଧାରଣ କରିବାରେ

Digitized by srujanika@gmail.com

Split by PDF Splitter



ସମ୍ବାଦ ମିଳଇ । ଏହି ୨୪ ଜଣ କାପ୍ତେନଙ୍କ ମଧ୍ୟରେ ବାବେରିଆ ୧୨, ବଙ୍ଗଳ ୨, ଦକ୍ଷିଣରାଢୀୟ ୨ ଓ ଉତ୍ତରରାଢୀୟ ୧ ଜଣ ।

ଚିନରଇ ଏହି ପର ରୁଷ୍ୟାଜ ପ୍ରେସିଡେଣ୍ଟ ଜୃଗାଲ ଘୋଷଣା କରିଅଛନ୍ତି କି ସେ ଇଂରାଜ ରାଜନ୍, କେବେହେଁ ଚୀନସଙ୍ଘର ପ୍ରଭୁ ହୋଇ ଶୀକାର କରିବେ ନାହିଁ, ତଥା ଜୀବଦଶାରେ ଏହା ପର୍ଯ୍ୟନ୍ତ ବହିଣଅଗ୍ନି କାଳେ ପଦାର୍ପଣ କରିବେ ନାହିଁ ।

ବୋମ୍ବାଇଷ୍ଟାରର ମହାରାଜା ରାଜା ଏଡୱାର୍ଡଙ୍କ ଜମନ୍ ଟେଟ୍ରଲକ୍ଷ ଟଙ୍କା ଉପହାର ଦେବାକୁ ରାଜା ସେ ଟଙ୍କା ହାସ୍ପାତାଳ ଫଣ୍ଡରେ ଦାନ କରିଥିବାର ସମ୍ବାଦ ମିଳଇ ।

ସେଣ୍ଟେଲର୍ଟ ବାହାଦୁର ନବଦ୍ୱୀପର ପଣ୍ଡିତମଣ୍ଡଳଙ୍କ ଅନୁରୋଧରେ ସେଠାର ଟୋଲର ବାର୍ଷିକ ସାହାଯ୍ୟ ଦୁଇଶତ ସ୍ଥଳେ ତିନିଶତ ଟଙ୍କା ମଞ୍ଜୁର କରିଥିବା ହେତୁ ପଣ୍ଡିତମାନେ ସେଣ୍ଟେଲର୍ଟ ବାହାଦୁରଙ୍କୁ "ନ୍ୟାୟନିଧି" ଉପାଧି ପ୍ରଦାନ କରିଅଛନ୍ତି ।

ହେଲେନା ନାମକ ଦ୍ୱୀପଠାରେ ୧୪ ଜଣ ରେଲ ପଞ୍ଚାଶ ମାଇଲର ବସ୍ତା ହସ୍ତର କିବ ସାର ପ୍ରସ୍ତୁତ କରିବା ନିମନ୍ତେ ସେଠାରେ ବାସ କରିଥିଲେ । ଏହି ଦ୍ୱୀପର ସମସ୍ତ ଅଧିବାସୀ ଅଗ୍ନେୟଗିରିର ଉଦ୍ଗୀରଣ ଧାତୁରେ ସମାଚ୍ଛନ୍ନ ହୋଇ ପ୍ରାଣ ତ୍ୟାଗ କରିଅଛନ୍ତି ।

ଜୟପୁରର ମହାରାଜା ଲର୍ଡ କର୍ଜନଙ୍କ ପିତୃସ୍ୱତ ଦେହାନ୍ତ ହଲ ଦର୍ଶନ କରିବାକୁ ଯାଇଥିଲେ । କର୍ଜନଙ୍କ ପିତା ଲର୍ଡ ସ୍କାର୍ସଡେଲ ଚର୍ଚ୍ଚ ଅଫ୍ ଇଂଲଣ୍ଡର ଏକଜଣ ପ୍ରଧାନ ଧର୍ମଯାଜକ । ସେ ମହାରାଜାଙ୍କୁ ସାଦରେ ଅଭ୍ୟର୍ଥନା କରିଥିଲେ । ଭାରତର ଅନ୍ୟାନ୍ୟ ଜମିଦାର ଲୋକମାନେ ସେ ଗିର୍ଜାରେ ପୂଜା କରିଥିଲେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶୀଲଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କର ଗତ ତା ୫ ରିଖ ଜୁଲାଇ ମାସର ଅଙ୍କରକ୍ତ ଉତ୍କଳଦୀପିକାରେ ମାଦ୍ୟୁଶିବସ୍ତ ଯାହା ସମ୍ବନ୍ଧରେ "ଜଣେ ଦର୍ଶକ" ଯାହା ପ୍ରକାଶ କରିଥିଲେ ତାହା ପାଠ କରି ଯେଉଁ ଭାବ ହୃଦୟଙ୍ଗମ କରିଅଛୁ ତାହା ନିମ୍ନେ ପ୍ରକାଶ କରୁଅଛୁ ।

ଦର୍ଶକ ମହାଶୟ ମାଦ୍ୟୁଶିବସ୍ତ ଯାହା ଦେଖି ତତ୍ସମ୍ବନ୍ଧରେ ଆପଣାର ଯେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ତାଙ୍କର ମତର ଅଭିରୁଚି ଅନୁସାରେ ବ୍ୟକ୍ତ କରିଥିବାରୁ ତତ୍ ସମ୍ବନ୍ଧରେ ଆମ୍ଭେ କୌଣସି କଥା କହି ପାରୁ ନାହୁଁ । ଯେହେତୁ ଜଗତ୍ ବିଭିନ୍ନ-ରୁଚିବିଶିଷ୍ଟ ଅଟେ । ଯାହାକାରମାନେ ଏହା ନୂତନ ଶିକ୍ଷା କରିଥିବା ଏବଂ ଏପରି ଧରଣର ଥିଏଟର୍ ଉତ୍କଳରେ ନୂତନ ଥିବା ସ୍ଥଳେ ଏହା ଯେଉଁ ସ୍ଥାନରେ ପସନ୍ଦ ଓ ଯେଉଁ ସ୍ଥାନରେ ଅପସନ୍ଦ ହୋଇ ପାରେ କିନ୍ତୁ ଭବିଷ୍ୟତ ଚିନ୍ତା ନ କରି କୌଣସି କାର୍ଯ୍ୟର ବାଲ୍ୟାବସ୍ଥାରେ ବ୍ୟାଘାତ ଜନ୍ମାଇବା ନୀତିସଙ୍ଗତ ନୁହେ ।

ପରଶେଷରେ "ଦର୍ଶକ ମହାଶୟ ବାମଣ୍ଡାର ମାନ୍ୟତମ ଶ୍ରୀଯୁକ୍ତ ଯୁବରାଜ ମହୋଦୟଙ୍କୁ ଅନୁରୋଧ କରିଅଛନ୍ତି ଯେ "ବଙ୍ଗ ବା ଦକ୍ଷିଣରୁ ଯାତ୍ରାଦଳ ଅଣାଇ ସେହି ପ୍ରଣାଳୀରେ ଉପଯୁକ୍ତ ଶିକ୍ଷକଦ୍ୱାରା ଯାତ୍ରାଦଳକୁ ଉପଯୁକ୍ତ କରାଇବାରେ ଯତ୍ନବାନ୍ ହେଲେ ସୁମହତ୍ ଉଦ୍ଦେଶ୍ୟ ନିଃସନ୍ଦେହରେ ଚରିତାର୍ଥ ହେବ" ଏପରି ଅନୁରୋଧଟି ଆମ୍ଭ ମନକୁ ସଙ୍ଗତ ବୋଧ ହେଲା ନାହିଁ କାରଣ ଉତ୍କଳ କି ଦରିଦ୍ର" ଉତ୍କଳରେ ସାମାନ୍ୟ ଯାତ୍ରାଦଳ କାହାନ୍ତି ଯେ ସେ ମହୋଦୟ ବିଦେଶରୁ ଯାତ୍ରାଦଳ ଅଣାଇବେ । ଯେ ବ୍ୟୟ କରିବାକୁ ହେବ ତାହା ସ୍ୱଦେଶରେ ହେଉ । ବାମଣ୍ଡା ଉତ୍କଳଭୂମିର ବହିର୍ଭୂତ ହେଲେହେଁ ସେ ମହୋଦୟଙ୍କର ଉତ୍କଳ ପ୍ରତି କିରୂପ ସମାଦର ତାହା ସର୍ବସାଧାରଣଙ୍କୁ ଜଣା ।

ଏପରି ସ୍ଥଳେ ଆଶା କରୁଁ ଦର୍ଶକ ମହାଶୟଙ୍କର ଅନୁରୋଧ ଶ୍ରୀଯୁକ୍ତ ବାମଣ୍ଡାର ଯୁବରାଜ ମହୋଦୟଙ୍କଠାରେ ଉପେକ୍ଷିତ ହେବ । ଇତି

ତା ୧୭।୭।୦୭ ମସିହା } ବଶମ୍ବଦ
ଗଡ଼ଜାତ } ଜଣେ ଦୀପିକାପାଠକ

☞ କୌଣସି ବିଷୟର ଉତ୍କର୍ଷ ସାଧନ ନିମନ୍ତେ ଦେଶାନ୍ତରରୁ ଶିକ୍ଷକ ଅଣାଇ ଶିକ୍ଷା ଦେବା ସ୍ୱଦେଶାନୁରାଗର ଅନୁକୂଳ ବରଂ ପ୍ରତିକୂଳ ନୁହେଁ ଏବଂ ଉତ୍କଳର ଯାତ୍ରାଦଳ ବା ସଙ୍ଗୀତ ବ୍ୟବସାୟୀ ଏତେ ନିପୁଣ ଯେ ଅନ୍ୟ ଶିକ୍ଷାର ପ୍ରୟୋଜନ ନାହିଁ ଏହା ମଧ୍ୟ ବୋଲି ଯାଇ ନ ପାରେ ।—ସଂ

---

ମାନନୀୟମହୋଦୟ !

ଚଳିତ ମାସ ଗତ ତା ୯ ରିଖ ଦିନ ଇଂଲଣ୍ଡାଦି ସାମ୍ରାଜ୍ୟର ରାଜା ଏବଂ ଭାରତ ସମ୍ରାଟ ଏଡ୍ୱାର୍ଡ ସପ୍ତମଙ୍କର ସୁରାଭିଷେକ ଉପଲକ୍ଷେ ମହୋତ୍ସବ ସୁରଙ୍ଗୀ ରାଜଧାନୀରେ ଅତି ଆନନ୍ଦର ସହିତ ନିର୍ବାହ ହୋଇ ଯାଇଅଛୁ, ଏତତ୍ପୂର୍ବରୁ ଶ୍ରୀମାନ୍ ରାଜା ମହୋଦୟ ନାନାଉତ୍ସାହ ଓ ଉପଦେଶ ପୂର୍ଣ୍ଣ ଅନୁରୋଧ ପତ୍ର ପ୍ରଜାମଣ୍ଡଳରେ ପ୍ରକଟନ କରାଇ ଦେଇଥିବା ଯୋଗୁଁ ତଦନୁସାରେ କଣ୍ଠାର ପ୍ରତି ଗ୍ରାମରେ ଇଷ୍ଟଦେବୋପାସନା ନାମସଙ୍କୀର୍ତ୍ତନାଦି ଆମୋଦ ପ୍ରମୋଦରେ ପ୍ରଜାଗଣ ଦିନ କଟାଇଥିଲେ ଏବଂ ଦୁର୍ଗର ସମସ୍ତ ଦେବା ଦେବୀ ମନ୍ଦିରମାନଙ୍କରେ ବ୍ରାହ୍ମଣମାନଙ୍କଦ୍ୱାରା ଜପ ହୋମ ବେଦ ଧ୍ୱନି ସଂକୀର୍ତ୍ତନ ମଙ୍ଗଳ ସହାରେ ଅନୁଷ୍ଠିତ ହୋଇଥିଲା, ଯଥାସମୟରେ ବ୍ରାହ୍ମଣ ଓ ଅନେକ ଦରିଦ୍ର ଅକ୍ଷମ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ନ ବସ୍ତ୍ରାଦି ବଣ୍ଟନ କରାଯିବା ଯୋଗୁଁ ସେମାନେ ଅନ୍ନବସ୍ତ୍ରାଦି ପାଇ ମୁକ୍ତ କଣ୍ଠରେ ଏକସ୍ୱରେ ରାଜରାଜେଶ୍ୱରଙ୍କ ଜୟଧ୍ୱନି କରିଥିଲେ ଏବଂ ଶ୍ରୀ ରାଜା ମହୋଦୟଙ୍କ ଆଦେଶାନୁସାରେ ସମସ୍ତ ଦୁର୍ଗବାସିମାନେ ସେମାନଙ୍କ ଗୃହ ପୁଷ୍ପପଲ୍ଲବାଦିରେ ଉତ୍ତମ ରୂପେ ସୁସଜ୍ଜିତ କରିଥିଲେ, ସ୍ଥାନେ ସ୍ଥାନେ ଗେଟ୍‌ମାନଙ୍କ ସୁସଜ୍ଜିତ ହୋଇ ଶୁଭସୂଚକ ବିବିଧ ବାକ୍ୟାବଳୀରେ ଲକ୍ଷିତ ହୋଇଥିଲା ରାଜପଥମାନଙ୍କ ଦୁଇ ପାର୍ଶ୍ୱରେ ନାନାବର୍ଣ୍ଣର ପତାକା ଦଣ୍ଡ ପ୍ରୋଥିତ ହୋଇ ବିଶେଷ ମନୋହର ହୋଇଥିଲା, ଦେଶ ବିଦେଶରୁ ଅସଂଖ୍ୟ ଦର୍ଶକ ଗଣ ସମବେତ ହୋଇ ନଗର ଶୋଭା ଅବଲୋକନ ପୂର୍ବକ ଅତି ସନ୍ତୋଷକୁ ଲାଭ କରିଥିଲେ, ଉକ୍ତ ଦିନ ସ ୩ ଘଣ୍ଟା ସମୟରେ ଶ୍ରୀ ରାଜାମହୋଦୟ ସ୍ୱଦଳ ସହିତ ସମାରୋହରେ ନଗ୍ର ଭ୍ରମଣ କରି ଦେବା ଦେବୀଙ୍କ ଦର୍ଶନ ସାରି ସନ୍ଧ୍ୟା ସ ୭ ଟିକା ସମୟରେ ସୁମଣ୍ଡିତ ରାଜପ୍ରାସାଦରେ ଏକ ସଭା କରିଥିଲେ । ଏଥି ପୂର୍ବରୁ ଶ୍ରୀ ଚକ୍ରପାଣି ସାମନ୍ତଙ୍କ ଆନୁକୂଲ୍ୟରେ ସଭାଗୃହଟି ସୁମଣ୍ଡିତ ହୋଇ ଅତି ମନୋହର ହୋଇଥିଲା ଆମନ୍ତ୍ରଣାନୁସାରେ ସଭା ସ୍ଥଳେ ବୈଷ୍ଣବ ବ୍ରାହ୍ମଣ କ୍ଷେତ୍ରିୟ କରଣ ପ୍ରଭୃତି ଭଦ୍ରବ୍ୟକ୍ତିମାନେ ପ୍ରାୟ ୩୦୦ ଶତ ବ୍ୟକ୍ତି ଉପସ୍ଥିତ ଥିଲେ ଶ୍ରୀମାନ୍ ରାଜାମହୋଦୟ ସଭାପତିର ଆସନ ଗ୍ରହଣ କରିବା ବାଦ କିଞ୍ଚିତ୍ କାଳ ତାମସା ହେବା ଉତ୍ତାରୁ ସର୍ବସାଧାରଣରେ ସୁପରିଚିତ ହେବା ସଙ୍ଗୀତଜ୍ଞ ଜୀବନସିଂହଙ୍କ ସ୍ୱରଚିତ ଏକ ଗୋଟି ଗୀତ ହାରମୋନିୟମ ଯନ୍ତ୍ରସହ ଗାନ କରି ରାଜରାଜେଶ୍ୱରଙ୍କ ମଙ୍ଗଳ କାମନା କରିଥିଲେ ଶ୍ରୀ ରାଜାସାହେବ ସମ୍ରାଟଙ୍କ ମଙ୍ଗଳ କାମନାସହକାରେ ସ୍ୱରଚିତ କେତୋଟି ପଦ୍ୟାବଳୀ ପାଠ କରିବା ବାଦ ସଂସ୍କୃତଜ୍ଞ ପଣ୍ଡିତମାନେ ସଂସ୍କୃତରେ, ଅପର ଭଦ୍ରବ୍ୟକ୍ତିମାନେ ଉତ୍କଳଭାଷା ଏବଂ ଇଂରାଜୀ ଓ ଆନ୍ଧ୍ର ଭାଷାରେ ରଚିତ ସ୍ତବାଦି ପାଠ ଏବଂ କହିଥିବା କରି ସମ୍ରାଟଙ୍କର ମଙ୍ଗଳ କାମନା କରିଥିଲେ, ପରଶେଷରେ ଦେବାନ୍ ଶ୍ରୀମନ୍ ନୃତ୍ୟପତି ନାରାୟଣ ସ୍ମୃତି-ପଣ୍ଡିତ ଇଂରାଜୀ ଭାଷାରେ ଏକ ଦୀର୍ଘ ବକ୍ତୃତା ଦେବା ବାଦ ସଭାସ୍ଥ ସମସ୍ତ ବ୍ୟକ୍ତିମାନେ ମୁକ୍ତକଣ୍ଠରେ ଏକସ୍ୱରେ ସମ୍ରାଟଙ୍କର ମଙ୍ଗଳ କାମନା କରିବା ବାଦ ସଭାଭଙ୍ଗ ହେଲା । ଏ ମହୋତ୍ସବ କାର୍ଯ୍ୟ ଉତ୍ତମରୂପେ ନିର୍ବିଘ୍ନରେ ଶେଷ ହୋଇଥିବା ଯୋଗୁଁ ପ୍ରଜାଗଣ ଶ୍ରୀମାନ୍ ରାଜା ମହୋଦୟଙ୍କ ଶତ ଶତ ଧନ୍ୟବାଦ ଦେଇଥିଲେ । ଇତି ।

ସୁରଙ୍ଗୀ ଦୁର୍ଗ } 
। ଜି । ଗଞ୍ଜାମ } S. C. Samanta.
୧୬।୮।୧୯୦୭ }

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ସଦନ ପତ୍ରର ମହଲମିନ୍ | ଟ ୩ ୧ |
| „ ବଉଳାର କର ହେଃ ପଣ୍ଡିତ କାନପୁର | ଟ ୧ ( |
| „ ଶ୍ରୀପ୍ରକାଶ କର୍ମ୍ମି ହିସାବ କଟକ | ଟ ୩ ( |
| ସେକ୍ରେଟର ମଦ୍ୟୋଲିଣ୍ଡିନ ସମାଜ ଟକାର | ଟ ୩ ( |
| ଶ୍ରୀ ବାବୁ ଗଙ୍ଗାଧର ଦାସ ସବ୍ ପୃଷ୍ଠେବକ ସ୍କୁଲ | ଟ ୩ ( |
| „ ଅନନ୍ତ ପଣ୍ଡା ଫତ୍ତେପୁର | ଟ ୩ ( |
| „ ପରମାନନ୍ଦ ଜଗଦେବ ଉଦୟପୁର | ଟ ୩ ( |
| „ ନରସିଂହ ଚରଣ ମହାନ୍ତି ହେଃ କିରଣୀ ମଥୁରା ସିଙ୍ଗାପୁର | ଟ ୧୪ |

Digitized by srujanika@gmail.com

# ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାରୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରିଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଶତ ଖାଇଥାଅନ୍ତି, ଯଦି ସାଲସା, କଡ଼ଲିଭରଅଏଲ, ଫସ୍‌ଫୋଫାଇଟ ଯେଉନ୍ତ ତ୍ୟାଦିବତ ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ବିନାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗବର୍ଜିତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

ଇଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ରୋଗ ଗୃହିଉଛେ !

କ୍ଷଣିକ ଉପଶମ ଦେଖାଇ ପୁନରାୟ ସମସ୍ତରେ ଋତୁ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଶାନ୍ତ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଋତୁ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କିମ୍ବା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ପାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି କଡ଼ା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାରି, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଆମେରିକା, ଇଉରୋପ ଆଫ୍ରିକା ଓ ଅଷ୍ଟ୍ରେଲିଆ ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବହୁଳ ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଜ୍ୱଳନ୍ତ ପ୍ରମାଣ ।

ସ୍ପାରମାଟିନ କଣ ?

କେତେକଜଣ ସୁବିଜ୍ଞ ପ୍ରୋଢ଼ ଡାକ୍ତରଙ୍କର ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମ୍ପ୍ରତ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜୀନ୍ତବର ତୈଳାଂଶ ସହ ଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ କସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହା ମାଗ୍ଧା ଔଷଧ ଏବଂ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ପାରମାଟିନର ଶକ୍ତି ଅନିର୍ବାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ହୃତ୍‌ପିଣ୍ଡ ବା ଯକୃତ୍ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ସ୍ରାବ, ଫୋଟା ମୂତ୍ର ପଡ଼ିବା, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳିରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ରକ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ତୋଳା ବନ୍ଧା, କେଶର ଅକାଳପକ୍ୱତା, ମସ୍ତକର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଅନୁସଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତତ୍ସାଦୃଶ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରଦ ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଏସବୁରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରଦ ଘା, ନାକ ଓ ମୁଖରେ ଏବଂ ମସ୍ତକରେ ଘା, ମସ୍ତକର ବାଳଉପୁଡ଼ିବା ହାତ ଗୋଡ଼ ଓ ଅଣ୍ଠାରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ଦାଗ, ଦାଉ ଓ ଖୋଷଡ଼ ଚଳାରେ ସ୍ଥାନେ ଘାଦା ବା କଳାହେବା, କିମ୍ବା ଚମଡ଼ା ଉଠିବା ପୁନଃ ବାଘୀ ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ପିତାର୍ଶି ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ସାଂଘାତିକ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପଡ଼ିବା, ମୁଖରୁ ଓ ନାସିକାରୁ ରକ୍ତପଡ଼ିବା, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ବେଦନାର ପ୍ରଦାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଛାତି ଜଳିବା, ଓ ବୁକଦର୍ମ, ସର୍ଦ୍ଦି ଓ ସାମାନ୍ୟ ଥଣ୍ଡାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍‌ଫୁସ୍‌ର କାର୍ଯ୍ୟ କରଣଶକ୍ତିର ଅଭାବ, ଇତ୍ୟାଦି ହୃତ୍‌ପିଣ୍ଡ ବା ଫୁସ୍‌ଫୁସ୍ ସମ୍ବନ୍ଧୀୟ ସାଂଘାତିକ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେତୋଟି ଭେଷଜର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମିତ୍ତ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସତ୍ୱରେ, ମୂଳରୁ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ସକଳ କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟାବସ୍ଥା ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଥାଏ । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

Split by PDF Splitter
Digitized by srujanika@gmail.com